ବର୍ଷ-୨୫, ସଂଖ୍ୟା-୪୦
ଭୁବନେଶ୍ୱର
୧୦, ଫେବୃଆରୀ, ୨୦୨୫ ସୋମବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 40
Bhubaneswar
10 February, 2025, Monday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



କୋହଲି କଲେ ନିରାଶ

# ରୋହିତଙ୍କ ଶତକରେ ବାରବାଟୀ ଲଢ଼େଇ ଜିତିଲା ଭାରତ

**କଟକ,୯।୨(ମହାଭାରତ):** ବାରବାଟୀରେ ଦେଖିବାକୁ ମିଳିଛି ଟିମ ଇଣ୍ଡିଅର ଅଧିନାୟକ ରୋହିତ ଶର୍ମା ରୋମାଞ୍ଚ। ଦୀର୍ଘ ଦିନ ଧରି ଫର୍ମରେ ନ ଥିବା ରୋହିତଙ୍କ ବ୍ୟାଟରୁ ଦେଖିବାକୁ ମିଳିଥିଲା ଛକା ଓ ଚୌକା ବର୍ଷା ଧୂଆଁଧାର ବ୍ୟାଟିଂ। ଦର୍ଶକଙ୍କ ମନ ଜିଣିଛି ରୋହିତଙ୍କ ବିସ୍ଫୋରକ ଇନିଂସରେ ଉତଫୁଲିତ ହୋଇଛନ୍ତି କ୍ରିକେଟପ୍ରେମୀ। ୭୬ ବଲରୁ ଶତକ ହାସଲ କରି ଦଳକୁ ଜିତାଇବା ସହ ଆଗୁଆ

## ଇଂଲଣ୍ଡକୁ ୪ ୱିକେଟରେ ହରାଇଲା ଭାରତ

ସିରିଜ ବିଜୟୀ କରାଇଛନ୍ତି। ଇଂଲଣ୍ଡ ପ୍ରଥମେ ବ୍ୟାଟିଂ କରି ବେନ ଡକେଟ ଏବଂ ଜୋ ରୁଟ୍‌ଙ୍କ ଅର୍ଦ୍ଧଶତକ ବଳରେ ୩୦୪ ରନର ବିଶାଳ ସ୍କୋର ଛିଡ଼ା କରିଥିଲେ। ଭାରତ ୪୪.୩ ଓଭରେ ୬ ୱିକେଟ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା।

ଇଂଲଣ୍ଡ ପ୍ରଥମେ ବ୍ୟାଟିଂ କରି ବେନ ଡକେଟ ଏବଂ ଜୋ ରୁଟ୍‌ଙ୍କ ଅର୍ଦ୍ଧଶତକ ବଳରେ ୩୦୪ ରନର ବିଶାଳ ସ୍କୋର ଛିଡ଼ା କରିଥିଲେ। ଭାରତ ପକ୍ଷରୁ ରବୀନ୍ଦ୍ର ଜାଡେଜା ସର୍ବାଧିକ ୩ ଉଇକେଟ ଅକ୍ତିଆର କରିଥିବାବେଳେ ମହମ୍ମଦ ସାମି, ହର୍ଷିତ ରାଣା, ହାର୍ଦ୍ଦିକ ପାଣ୍ଡ୍ୟା ଓ ବରୁଣ ଚକ୍ରବର୍ତ୍ତୀ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ ଇଂଲଣ୍ଡର ୩ ଜଣ ଖେଳାଳି ରନ ଆଉଟ୍ ହୋଇଥିଲେ।

ଜବାବରେ ଭାରତର ଇନିଂସ ଆରମ୍ଭ କରିଥିଲେ ଅଧିନାୟକ ରୋହିତ ଶର୍ମା ଓ ଶୁଭମନ ଗିଲ୍ ଉଭୟ ପ୍ରାରମ୍ଭିକ ବ୍ୟାଟର ପ୍ରଥମ ୱିକେଟ୍ ପାଇଁ ୧୩୬ ରନ୍ ସଂଗ୍ରହ କରିଥିଲେ। ଏଥିରେ ଶୁଭମନ୍‌ଙ୍କ ୬୦ ରନ୍ ସାମିଲ ଥିଲା। ଗିଲ୍ ଆଉଟ୍ ହେବା ପୂର୍ବରୁ





୫୨ଟି ବଲ୍ ଖେଳି ୯ଟି ଚେକା ଓ ଗୋଟିଏ ଛକା ମାରିଥିଲେ। ଗିଲ୍ ଆଉଟ୍ ହେଲା ପରେ ବିରାଟ କୋହଲି ପଡ଼ିଆକୁ ପ୍ରବେଶ କରିଥିଲେ। କିନ୍ତୁ ବିରାଟ ଦର୍ଶକମାନଙ୍କୁ ନିରାଶ କରିଥିଲେ ସେ ମାତ୍ର ୮ଟି ବଲ୍ ଖେଳି ୫ ରନ୍ ସଂଗ୍ରହ କରି ପାଭିଲିଅନ୍କୁ ଫେରି ଯାଇଥିଲେ। ଇଂଲଣ୍ଡର ତୃତୀୟ ଶିକାର ହୋଇଥିଲେ ରୋହିତ ଶର୍ମା।ଲିଆମ ଲିଭିଂଷ୍ଟୋନ୍‌ଙ୍କ ବଲ୍ ଆଦିଲ ରସିଦଙ୍କୁ କ୍ୟାଚ୍ ଦେଇ ରୋହିତ ଆଉଟ୍ ହୋଇଥିଲେ। ଏହା ପୂର୍ବରୁ ସେ ୯୦ଟି ବଲ୍ ଖେଳି ୧୧୯ ରନ୍ ସଂଗ୍ରହ କରିଥିଲେ, ଯେଉଁଥିରେ ୧୨ଟି ଚେକା ଓ ୭ଟି ଛକା ସାମିଲ ଥିଲା। ଏହା ହେଉଛି ତାଙ୍କର ୩୨ତମ ଦିନିକିଆ। ଅନ୍ତର୍ଜାତୀୟ ଶତକ। ରୋହିତ ଶର୍ମା ଆଜି ୩୦ଟି ବଲ୍ ଖେଳି ୪ଟି ଚେକା ଓ ୪ଟି ଛକା ବଳରେ ଅର୍ଦ୍ଧଶତକ ହାସଲ କରିଥିଲେ। ଅକ୍ଷର ପଟେଲଙ୍କ ସହିତ ଏକ ଭୁଲ ବୁଝାମଣା ଯୋଗୁଁ ଶ୍ରେୟସ ଆୟର ରନ୍ ଆଉଟ୍ ହୋଇଥିଲେ। କିନ୍ତୁ ଏହା ପୂର୍ବରୁ ସେ ୪୭ଟି ବଲ୍ ଖେଳି ୩ଟି ଚେକା ଓ ଗୋଟିଏ ଛକା ବଳରେ ୪୪ ରନ୍ ସଂଗ୍ରହ କରିଥିଲେ। କେଏଲ୍ ରାହୁଲ ୧୪ଟି ବଲ୍ ସାମ୍ନା କରିଥିଲେ। ସେ ଗୋଟିଏ ଚେକା ସହିତ ବ୍ୟକ୍ତିଗତ ଭାବେ ୧୦ ରନ୍ ସଂଗ୍ରହ କରିଥିଲେ। ଅଲରାଉଣ୍ଡର ଅକ୍ଷର ପଟେଲ ଓ ରବୀନ୍ଦ୍ର ଜାଦେଜା ମ୍ୟାଚ୍ ବିଜୟ ପର୍ଯ୍ୟନ୍ତ ପଡ଼ିଆରେ ଥିଲେ। ଅକ୍ଷର ପଟେଲ ୪୧ ରନ୍ ସଂଗ୍ରହ କରିଥିଲେ। ସେ ୪୩ଟି ବଲ୍ ଖେଳି ୪ଟି ଚେକା ମାରିଥିଲେ। ସେହିପରି ଜଡେଜା ୭ଟି ବଲ୍ ଖେଳି ୨ଟି ଚୌକା ସହାୟତାରେ ୧୧ ରନ୍ କରି ଦଳକୁ ଜିତାଇଥିଲେ।

ଇଂଲଣ୍ଡ ପାଇଁ ଫିଲିପ୍ ସଲ୍ଟ ଓ ବେନ୍ ଡକେଟ୍ ପାଳି ଅରମ୍ଭ କରିଥିଲେ। ଉଭୟ ଖେଳାଳି ପ୍ରଥମ ୱିକେଟ୍ ପାଇଁ ୮୧ ରନର ଭାଗିଦାରୀ କରିପାରିଥିଲେ। ଫିଲିପ୍ ୨୯ଟି ବଲ୍ ଖେଳି ୨ଟି ଚୌକା ଓ ଗୋଟିଏ ଛକା ବଳରେ ୨୬ ରନ୍ କରିଥିଲେ। ସେହିପରି ବେନ୍ ଡକେଟ୍ ୫୬ଟି ବଲ୍ ଖେଳି ୧୦ଟି ଚୌକା ବଳରେ ୬୫ ରନ୍ କରିଥିଲେ ବିସ୍ଫୋରକ ବ୍ୟାଟର ଜୋ ରୁଟ୍ ୬୯ ରନ୍ କରିଥିଲେ। ସେ ୭୨ଟି ବଲ୍ ଖେଳି ୬ଟି ଚୌକା

ମାରିଥିଲେ।ସେହିଭଳି ମଧ୍ୟକ୍ରମର ବ୍ୟାଟର ହେରି ବ୍ରୁକ୍, ଜୋସ ବଟଲର ଓ ଲିଆମ ଲିଭିଂଷ୍ଟୋନ୍ ମଧ୍ୟ ଦଳର ସ୍କୋର ମଜବୁତ ସ୍ଥିତିରେ ପହଞ୍ଚାଇବାକୁ ଉଦ୍ୟମ କରିଥିଲେ ହେରି ବ୍ରୁକ୍ ୩୧ ରନ୍ କରିଥିଲେ।ସେ ୫୨ଟି ବଲ୍ ଖେଳି ୩ଟି ଚେକା ଓ ଗୋଟିଏ ଛକା ମାରିଥିଲେ। ୩୫ଟି ବଲ୍ ଖେଳି ୨ଟି ଚୌକା ସହାୟତାରେ ୩୪ ରନ୍ କରିଥିଲେ ଜୋସ୍ ବଟଲର ଲିଆମ ଲିଭିଂଷ୍ଟୋନ୍‌ଙ୍କ ବ୍ୟାଟରୁ ୪୧ ରନ୍ ଅମଳ ହୋଇଥିଲା ସେ ୨ଟି ଚେକା ଓ ୨ଟି ଛକା ମାରିଥିଲେ। ଇଂଲଣ୍ଡର ନିମ୍ନକ୍ରମର ଖେଳାଳି ଜେମି ଓଭରଟର୍ନ ୬ ରନ୍, ଗସ ଆଟିକସନ୍ ୩ ରନ୍, ଆଦିଲ ରସିଦ ବ୍ୟକ୍ତିଗତ ଭାବେ ୧୪ ରନ୍ କରିଥିବା ବେଳେ ମାର୍କ ଉଡ ଖାତା ଖୋଲିପାରି ନଥିଲେ ସାକିବ ମହମ୍ମଦ ଅପରାଜିତ ଥିଲେ। ଭାରତୀୟ ବୋଲର ରବୀନ୍ଦ୍ର ଜାଜେଡା ସର୍ବାଧିକ ୩ଟି ୱିକେଟ୍ ନେଇଥିଲା ବେଳେ ମହମ୍ମଦ ସାମି, ହର୍ଷିତ ରାଣା, ହାର୍ଦ୍ଦିକ ପାଣ୍ଡା ଓ ବରୁଣ ଚକ୍ରବର୍ତ୍ତୀଙ୍କୁ ଗୋଟିଏ ଲେଖାଏଁ ୱିକେଟ୍ ମିଳିଥିଲା।

## ୨୦ ମିନିଟ୍ ଅଟକିଲା ମ୍ୟାଚ୍

**କଟକ,୯।୨(ମହାଭାରତ):**ଐତିହାସିକ ବାରବାଟୀ କ୍ରିକେଟ୍ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ ଭାରତ ବିଜୟୀ ହୋଇଥିଲେ ହେଁ ଦ୍ୱିତୀୟ



ଇନିଂସବେଳେ ବଡ଼ ବିଭ୍ରାଟ ଦେଖାଯାଇଥିଲା। ଭାରତର ସ୍କୋର ୬.୧ ଓଭରରେ ୪୮ ରନ୍ ହୋଇଥିଲାବେଳେ କିଛି ଫ୍ଲଡ ଲାଇଟ୍ ବନ୍ଦ ହୋଇଯାଇଥିଲା।ମ୍ୟାଚ୍ ଅଟିକିବା ପରେ ଭାରତୀୟ ଟିମ୍‌ର ଅଧିନାୟକ ରୋହିତ ଶର୍ମା ବିରକ୍ତି ପ୍ରକାଶ କରିଥିଲେ। ଷ୍ଟାଡିୟମରେ ପ୍ରାୟ ୫୦ ହଜାର ଦର୍ଶକ ମଧ୍ୟ କ୍ଷୋଭ ପ୍ରକାଶ କରିଥିଲେ। ମ୍ୟାଚ୍ ଅଟକିବା ପରେ ରାଜ୍ୟ ସରକାର, କଟକ ଜିଲ୍ଲା ପ୍ରଶାସନ ଓ ଓଡ଼ିଶା କ୍ରିକେଟ୍ ଆସୋସିଏସନ୍‌ର ଚିନ୍ତା ବଢ଼ି ଯାଇଥିଲା। ତେବେପ୍ରାୟ ୨୦ ମିନିଟ୍ ଖେଳ ବନ୍ଦ ରହିବା ପରେ ପୁଣି ଥରେ ମ୍ୟାଚ୍ ଆରମ୍ଭ ହୋଇଥିଲା। ଏହାପରେ ସବୁ କିଛି ଠିକ୍‌ଠାକ୍ ହୋଇଥିଲା। ଏ ନେଇ ଓସିଏ ସମ୍ପାଦକ ସଞ୍ଜୟ ବେହେରା କହିଛନ୍ତି ଯେ, ଯାନ୍ତ୍ରିକ ତ୍ରୁଟି ପାଇଁ ଏହି ସମସ୍ୟା ସୃଷ୍ଟି ହୋଇଥିଲା। ଦ୍ୱିତୀୟ ଜେନେରେଟରର ଆଣିବାକୁ ସମୟ ଲାଗିଯାଇଥିଲା। ବାଟରେ ଆସିବାବେଳେ ଟିମ୍ ବସ୍ ରହିଥିଲା। ବସ୍ ଡ୍ରାଇଭରକୁ ଖୋଜିବାକୁ ସମୟ ଲାଗିଥିଲା। ତେବେ ଆଗକୁ ଏଭଳି ତ୍ରୁଟି ପୁନର୍ବାର ନ ଦେଖାଯିବାକୁ ଚେଷ୍ଟା କରାଯିବ। ଏ ନେଇ କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ଯେ, ଆମେ ଓସିଏକୁ ସ୍ପଷ୍ଟୀକରଣ ମାଗିବାକୁ। ଯେଉଁମାନେ ଦାୟିତ୍ୱରେ ଥିଲେ ସେମାନଙ୍କୁ କାହିଁକି ଏଭଳି ଘଟଣା ପଚରାଯିବ। ବାରବାଟୀ ଷ୍ଟାଡିୟମରେ ଫ୍ଲଡ ଲାଇଟ୍ ଲିଭିବା ନୂଆ। ଘଟଣା ନୁହେଁ ପୂର୍ବରୁ ମଧ୍ୟ ଏହିଭଳି ପରିସ୍ଥିତି ଦେଖାଯାଇଛି। ବାରମ୍ବାର ଏହିଭଳି ଅପ୍ରୀତିକର ଘଟଣାକୁ ଦର୍ଶକ ଓ କ୍ରୀଡ଼ାପ୍ରେମୀମାନେ ତୀବ୍ର ନିନ୍ଦା କରୁଛନ୍ତି।

# ବଡ଼ ମାଓ ଅପରେସନ୍, ୩୧ ନକ୍ସଲ ନିହତ

ବିଜାପୁର,୯।୨(**ମହାଭାରତ):** ଦେଶରୁ ମାଓାବଦୀ ମୂଳପୋଛ ଲକ୍ଷ୍ୟ ନେଇ ଆରମ୍ଭ ହୋଇଛି ବଡ଼ ଅପରେସନ୍। ଏହିକ୍ରମରେ ଛତିଶଗଡ଼ରେ ପୁଣି ହୋଇଛି ବଡ଼ ଧରଣର ନକ୍ସଲ ଅପରେସନ୍। ଏଥିରେ ୩୧ ଜଣ ନକ୍ସଲ ନିହତ ହୋଇଛନ୍ତି। ଗୁଳିବିନିମୟରେ ୨ ଜଣ ଯବାନ ସହିଦ ହୋଇଥିବା ବେଳେ ଅନ୍ୟ ୨ ଜଣ ଆହତ ହୋଇଛନ୍ତି। ଘଟଣାସ୍ଥଳରୁ ବହୁ ମାରଣାସ୍ତ୍ର ଜବତ ହୋଇଛି। ସଫଳ ଅପରେସନ ନେଇ ସୁରକ୍ଷାକର୍ମୀଙ୍କୁ ଟୁଇଟ୍ କରି ଶୁଭେଛା ଜଣାଇଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ। ଏହି ସଦ୍ୟ ଏନ୍‌କାଉଣ୍ଟର ସହିତ ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ଛତିଶଗଡ଼ର ବସ୍ତର ଡିଭିଜନରେ ୮୧ ଜଣ ନକ୍ସଲ ନିହତ ହୋଇସାରିଲେଣି।

ଛତିଶଗଡର ବିଜାପୁର ଜିଲ୍ଲାର ଫରସେଗଡ ଥାନା ଅନ୍ତର୍ଗତ ନ୍ୟାସନାଲ ପାର୍କ ଅଂଚଳର ଜଙ୍ଗଲରେ ବଡ ସଂଖ୍ୟାରେ ମାଓବାଦୀ ଲୁଚିଥିବା ଗୁଇନ୍ଦା ସୂଚନା ମିଳିଥିଲା। ଏହା ପରେ ସକାଳ ସାଢେ ୮ଟା ବେଳେ ଡିଆରଜି, ଏସଟିଏଫ ଏବଂ ବସ୍ତର ଫାଇଟର ମିଳିତ ଭାବେ ନ୍ୟାସନାଲ ପାର୍କ ଅଂଚଳର ଜଙ୍ଗଲ ମଧ୍ୟରେ ଅପରେସନ କରିଥିଲେ। ଫଳରେ ନକ୍ସଲଙ୍କ ସହ ବହୁ ସମୟ ଧରି ଗୁଳି ବିନିମୟ ହୋଇଥିଲା। ଗୁଳି ବିନିମୟରେ ୩୧ଜଣ ପୋଷାକଧାରୀ ନକ୍ସଲ ନିହତ ହୋଇଛନ୍ତି। ସହିଦ ହୋଇଥିବା ଦୁଇ ଯବାନଙ୍କ ମଧ୍ୟରୁ ଜଣେ ଛତିଶଗଡ଼ ପୁଲିସର ଡିଷ୍ଟ୍ରିକ୍ଟ ରିଜର୍ଭ ଗାର୍ଡ (ଡିଆରଜି)ର ହୋଇଥିବା ବେଳେ ଅନ୍ୟ ଜଣେ ସ୍ପେଶାଲ ଟାସ୍କ ଫୋର୍ସର ବୋଲି ଜଣାପଡ଼ିଛି।

ବସ୍ତର ଆଇଜି ପି ସୁନ୍ଦରରାଜ କହିଛନ୍ତି, ଗୁଳିବିନିମୟରେ



ମୋଟ ୩୧ ଜଣ ନକ୍ସଲଙ୍କ ମୃତ୍ୟୁ ହୋଇଛି। ଘଟଣାସ୍ଥଳରେ ସର୍ଚ୍ଚ ଅପରେସନ ଜାରି ରହିଛି। ସମସ୍ତଙ୍କ ମୃତଦେହକୁ ଜବତ କରାଯାଇଛି। ଆମେ ସେମାନଙ୍କୁ ଚିହ୍ନଟ କରିବାକୁ ପ୍ରୟାସ କରୁଛୁ। ଏକନ୍‌କାଉଣ୍ଟର ସ୍ଥଳରୁ ବହୁ ସଂଖ୍ୟାରେ ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ ଜବତ କରାଯାଇଛି ବୋଲି ଅନ୍ୟ ଜଣେ ବରିଷ୍ଠ ପୁଲିସ ଅଧିକାରୀ କହିଛନ୍ତି। ଘଟଣାସ୍ଥଳରୁ ନକ୍ସଲଙ୍କ ମୃତଦେହ ସହିତ ଏକେ ୪୭, ଏସଏଲଆର, ଇନସାସ ରାଇଫଲ, ୩୦୩ ରାଇଫଲ, ବିଜିଏଲ ଲଂଚର ସହିତ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଓ ବିସ୍ଫୋଟକ ଜବତ ହୋଇଛି। ଏହି ଅଂଚଳ ମହାରାଷ୍ଟ୍ର ସୀମାନ୍ତକୁ ଲାଗିକରି ରହିଛି। ଏନକାଉଣ୍ଟରରେ ଆହତ ହୋଇଥିବା ଯବାନମାନେ ବିପଦମୁକ୍ତ ଅଛନ୍ତି।ସେମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି ଅତିରିକ୍ତ ସୁରକ୍ଷା ବଳକୁ ଘଟଣାସ୍ଥଳକୁ ପଠାଯାଇଛି। ସେଠାରେ ସର୍ଚ୍ଚ ଅପରେସନ ଜାରି ରହିଛି।

ଗତ ୧୪ ମାସକୁ ଲକ୍ଷ୍ୟ କରିବା ତେବେ ସେହି ସମୟ ମଧ୍ୟରେ ୨୭୪ ଜଣ ମାଓବାଦୀଙ୍କ ମୃତ୍ୟୁ ସୁରକ୍ଷାକର୍ମୀଙ୍କ ଗୁଳିରେ ହୋଇଥିବା ବେଳେ ୧୧୬୬ ଜଣ ମାଓବାଦୀ ପୋଲିସ ହାତରେ ଗିରଫ ହୋଇଛନ୍ତି। ସେପଟେ ୯୬୯ ଜଣ ମାଓବାଦୀ ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ବରିଷ୍ଠ ପୋଲିସ ଅଧିକାରୀଙ୍କ ସୂଚନା ମୁତାବକ କେବଳ ୨୦୨୫ ରେ ଦେଶରେ ୪ଟି ମାଓବିରୋଧୀ ବଡ଼ ଏନକାଉଣ୍ଟର ହୋଇଛି। ଗତମାସରେ ଛତିଶଗଡରେ ବଡ ମାଓ ଅପରେସନ ହୋଇଥିଲା।ଓଡିଶା-ଛତିଶଗଡ ସୀମାରେ ବି ଅନେକ ମାଓବାଦୀ ପ୍ରାଣ ହରାଇଥିଲେ। ଗରିଆବନ୍ଧ ଏନକାଉଣ୍ଟରରେ ବଡ ମା ଓ ନେତା ଚେଲାପତି ବି ପ୍ରାଣ ହରାଇଥିଲା। ଛତିଶଗଡରେ ମାଓ ନିପାତ ଅଭିଯାନକୁ ଜୋରଦାର କରାଯାଇଥିବାରୁ ମାଓ ସଙ୍ଗଠନଗୁଡିକ ମଧ୍ୟରେ ଛନକା ପଶିଛି।

## ଆଜି ବୁଡ ପକାଇବେ ରାଷ୍ଟ୍ରପତି

ମହାକୁମ୍ଭନଗର,୯।୨(ମହାଭାରତି): ପ୍ରୟାଗରାଜର ପବିତ୍ର ଧାରରେ ସୋମବାର ଦେଶର ପ୍ରଥମ ନାଗରିକ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପାଦ ରଖିବେ ଏବଂ ଏହାର ଭବ୍ୟତା ଓ ଦିବ୍ୟତାର ସାକ୍ଷୀ ବନିବେ । ସେ ୮ଘଂଟାରୁ ଅଧିକ ସମୟ ଯାଏ ପ୍ରୟାଗରାଜରେ ରହିବେ। ସେ ସଂଗମ ସ୍ନାନ ସହିତ ଅକ୍ଷୟବଟ ଓ ବଡ ହନୁମାନ ମନ୍ଦିରରେ ଦର୍ଶନ-ପୂଜନ କରିବେ। ଏହି ଅବସରରେ ରାଜ୍ୟର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ବି ଉପସ୍ଥିତ ରହିବେ।



ରାଷ୍ଟ୍ରପତି ମୁର୍ମୁ ସକାଳେ ସଙ୍ଗମ ନିକଟରେ ପହଂଚି ତ୍ରିବେଣୀ ସଙ୍ଗମରେ ଆସ୍ଥାର ବୁଡ ପକାଇବେ । ମା ଗଙ୍ଗା, ଯମୁନା ଓ ଅଦୃଶ୍ୟ ସରସ୍ୱତୀର ସଙ୍ଗମରେ ରାଷ୍ଟ୍ରପତି ଆସ୍ଥାର ବୁଡ ପକାଇ ସନାତନ ଆସ୍ଥାକୁ ମଜବୁତ ଆଧାର ଦେବେ । ଦେଶର ପ୍ରଥମ ନାଗରିକ ସଙ୍ଗମରେ ପବିତ୍ର ବୁଡ ପକାଇବାର ଏହା ଐତିହାସିକ ମୁହୂର୍ତ୍ତ ହେବ । ଏଠାରେ ସୂଚନାଯୋଗ୍ୟ ଏହାପୂର୍ବରୁ ଭାରତର ପ୍ରଥମ ରାଷ୍ଟ୍ରପତି ଡ.ରାଜେନ୍ଦ୍ର ପ୍ରସାଦ ବି ମହାକୁମ୍ଭରେ ପବିତ୍ର ସ୍ନାନ କରିଥିଲେ।

# ପ୍ରଥମ ଥର ପାଇଁ ୨୧ ରାଜ୍ୟରେ ଗେରୁଆ

ନୂଆଦିଲ୍ଲୀ,୯।୨(ମହାଭାରତ): ଦିଲ୍ଲୀରେ ବିଜୟ ପରେ, ଦେଶର ରାଜନୈତିକ ମାନଚିତ୍ର ସମ୍ପୂର୍ଣ୍ଣ ବଦଳି ଯାଇଛି। ଏବେ ଦେଶର ୧୯ଟି ରାଜ୍ୟ ଏବଂ ୨ଟି କେନ୍ଦ୍ରଶାସିତ ଅଞ୍ଚଳରେ ସରକାର ଅଛି। ୨୧ଟି ରାଜ୍ୟ ମଧ୍ୟରୁ ୬ଟିରେ ସହଯୋଗୀ ଦଳ ମୁଖ୍ୟ ଭୂମିକାରେ ଅଛନ୍ତି। ସେହିଭଳି ୧୫ଟି ରାଜ୍ୟରେ ଭାଜପା ନିଜେ ଶାସକ କ୍ଷମତାରେ ଅଛି। କେବଳ ଏତିକି ନୁହେଁ, ଜାତୀୟ ରାଜଧାନୀ ଦିଲ୍ଲୀରେ ବିପୁଳ ବିଜୟ ପରେ, ଏବେ ଉଭୟ କେନ୍ଦ୍ରଶାସିତ ଅଞ୍ଚଳରେ ମଧ୍ୟ କ୍ଷମତା ହାସଲ କରିଛି।

ଦେଶର ୫ଟି ପ୍ରମୁଖ ରାଜ୍ୟ ମଧ୍ୟରୁ ୩ଟିରେ (ଉତ୍ତରପ୍ରଦେଶ, ମହାରାଷ୍ଟ୍ର, ପଶ୍ଚିମବଙ୍ଗ, ବିହାର ଏବଂ ତାମିଲନାଡୁ) ମେଣ୍ଟର ସରକାର ଅଛି। ୟୁପି ଏବଂ ମହାରାଷ୍ଟ୍ରରେ ଯେଉଁଠାରେ ଭାଜପାର ନିଜସ୍ୱ ମୁଖ୍ୟମନ୍ତ୍ରୀ ଅଛନ୍ତି। ସେହିଭଳି ବିହାରରେ ଜେଡିୟୁର ନୀତିଶ କୁମାର କ୍ଷମତାରେ ଅଛନ୍ତି।

ଉତ୍ତର-ପୂର୍ବର ୭ଟି ରାଜ୍ୟ ମଧ୍ୟରୁ ୬ଟିରେ ଦବ୍‌ଦବା ରହିଛି ଉତ୍ତର-ପୂର୍ବରେ, କେବଳ ମିଜୋରାମରେ କୌଣସି ସରକାର ନାହିଁ। ସେହିପରି, ତିନୋଟି ପାହାଡ଼ି ରାଜ୍ୟ (ଜମ୍ମୁ-କଶ୍ମୀର, ଉତ୍ତରାଖଣ୍ଡ ଏବଂ ହିମାଚଳ) ମଧ୍ୟରୁ ଉତ୍ତରାଖଣ୍ଡକୁ ଭାଜପା ଜିତିଛି। ଜମ୍ମୁ କଶ୍ମୀରରେ ଓମର ଅବଦୁଲ୍ଲା ମୁଖ୍ୟମନ୍ତ୍ରୀ ଥିବା ବେଳେ ହିମାଚଳରେ କଂଗ୍ରେସର ସୁଖବିନ୍ଦର ସିଂହ ସୁଖୁ ମୁଖ୍ୟମନ୍ତ୍ରୀ ଅଛନ୍ତି।ମଧ୍ୟପ୍ରଦେଶ, ଛତିଶଗଡ଼ ଏବଂ ରାଜସ୍ଥାନ ସହିତ, ମହାରାଷ୍ଟ୍ର ଏବଂ ଗୁଜରାଟରେ ମଧ୍ୟ ଭାଜପା କ୍ଷମତାରେ ଅଛି। ଭାଜପା ୨୦୨୨ରେ ଗୁଜରାଟ ଏବଂ ୨୦୨୩ରେ ମଧ୍ୟପ୍ରଦେଶ, ଛତିଶଗଡ଼ ଏବଂ ରାଜସ୍ଥାନରେ ବିଜୟୀ ହୋଇଥିଲା। ବିଜେପି ନେତୃତ୍ୱାଧୀନ ନଭେମ୍ବର ୨୦୨୪ରେ ମହାରାଷ୍ଟ୍ରରେ ଜିତିଥିଲା। ସେହିପରି, ଉତ୍ତର




ଭାରତରେ ବିହାର ଏବଂ ଉତ୍ତର ପ୍ରଦେଶରେ କ୍ଷମତାରେ ଅଛି। ଝାଡ଼ଖଣ୍ଡ ଏବଂ ପଶ୍ଚିମବଙ୍ଗରେ ଇଣ୍ଡିଆ ମେଣ୍ଟର ସରକାର ଅଛି। ଦକ୍ଷିଣ ଭାରତର ୫ଟି ରାଜ୍ୟରୁ ୪ଟିରେ ଇଣ୍ଡିଆ ସରକାର କ୍ଷମତାରେ ଅଛି। କେରଳ, ତେଲେଙ୍ଗାନା, କର୍ଣ୍ଣାଟକ ଏବଂ ତାମିଲନାଡୁରେ ଭାରତ ସରକାର ଥିବା ବେଳେ ଆନ୍ଧ୍ରରେ ଏନ୍‌ଡିଏ ସରକାର ଅଛି।

ଦେଶର ଜନସଂଖ୍ୟା ବର୍ତ୍ତମାନ ପ୍ରାୟ ୧୪୦ କୋଟି। ଦିଲ୍ଲୀରେ ବିଜୟ ପରେ ଏନ୍‌ଡିଏ ୯୨ କୋଟି ଲୋକଙ୍କ ଉପରେ ଶାସନ କରୁଛି। ୧୦ କୋଟିରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ଉତ୍ତର ପ୍ରଦେଶ (୨୪ କୋଟି), ମହାରାଷ୍ଟ୍ର (୧୨ କୋଟି) ଏବଂ ବିହାର (୧୨ କୋଟି)ରେ ଶାସନ କରୁଛି। ୧୦ କୋଟି କିମ୍ବା ତାଠାରୁ ଅଧିକ ଜନସଂଖ୍ୟା ଥିବା କୌଣସି ରାଜ୍ୟରେ ଇଣ୍ଡିଆ। ମେଣ୍ଟ ସରକାର ନାହିଁ।

୫ କୋଟିରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ୭ଟି ରାଜ୍ୟ ମଧ୍ୟରୁ ୪ଟିରେ ଏନ୍‌ଡିଏ କ୍ଷମତାରେ ଅଛି। ତିନୋଟି ରାଜ୍ୟରେ ଭାରତ ସରକାର ଅଛି। ୫ କୋଟିରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ପଶ୍ଚିମବଙ୍ଗ (୯ କୋଟି), ତାମିଲନାଡୁ (୭ କୋଟି) ଏବଂ କର୍ଣ୍ଣାଟକ (୬ କୋଟି)ରେ ଅଖିଳ ଭାରତୀୟ ମେଣ୍ଟ ସରକାର ଅଛି।

ସେହିପରି ଆନ୍ଧ୍ର ପ୍ରଦେଶ (୫ କୋଟି), ଗୁଜରାଟ (୬ କୋଟି), ମଧ୍ୟପ୍ରଦେଶ (୮ କୋଟି) ଏବଂ ରାଜସ୍ଥାନ (୮ କୋଟି)ରେ ଏନଡିଏ ସରକାର ଅଛି ଯଦି ଆମେ ୧-୫ କୋଟି ଜନସଂଖ୍ୟା ବିଶିଷ୍ଟ ରାଜ୍ୟ ବିଷୟରେ କଥା ହେବା, ତେବେ ୧୦ ଟି ରାଜ୍ୟ ମଧ୍ୟରୁ ୬ ଟିରେ କ୍ଷମତାରେ ଅଛି ଏବଂ ୪ ଟିରେ ଇଣ୍ଡିଆସରକାର କ୍ଷମତାରେ ଅଛି।

ଆସାମ (୩.୫ କୋଟି), ଛତିଶଗଡ଼ (୩ କୋଟି), ଦିଲ୍ଲୀ (୧.୮୭ କୋଟି), ହରିୟାଣା (୨.୮ କୋଟି) ଭଳି ରାଜ୍ୟରେ ଏନଡିଏ କ୍ଷମତାରେ ଅଛି। ମେଘାଳୟର ଜନସଂଖ୍ୟା ପ୍ରାୟ ୩୩ ଲକ୍ଷ ଏଠାରେ କୌଣସି ମେଣ୍ଟ ସରକାର ନାହିଁ।

୨୦୧୮ ମଧ୍ୟଭାଗରେ ଭାଜପାକ୍ଷମତାର ଶୀର୍ଷରେ ଥିଲା। ସେତେବେଳେ ଦଳର ୨୦ଟି ରାଜ୍ୟରେ ସରକାର ଥିଲା ଏଥିରେ ସମସ୍ତ ୭ଟି ଉତ୍ତର-ପୂର୍ବ ରାଜ୍ୟ ସହିତ ଉତ୍ତର ପ୍ରଦେଶ, ଉତ୍ତରାଖଣ୍ଡ, ହିମାଚଳ, ଗୁଜରାଟ, ରାଜସ୍ଥାନ, ମଧ୍ୟ ପ୍ରଦେଶ, ଛତିଶଗଡ଼, ହରିୟାଣା ଏବଂ ମହାରାଷ୍ଟ୍ରର ସରକାର ଅନ୍ତର୍ଭୁକ୍ତ ଥିଲେ। ଏହା ପରେ ଭାଜପାର ପ୍ରଦର୍ଶନ ହ୍ରାସ ପାଇବାରେ ଲାଗିଲା ୭ ବର୍ଷ ପରେ, ଏବେ ଭାଜପା ୨୦ଟି ରାଜ୍ୟର ରେକର୍ଡ ଭାଙ୍ଗିଛି।

ଦିଲ୍ଲୀ ବିଧାନସଭା ନିର୍ବାଚନରେ ଚମତ୍କାର ବିଜୟ ହାସଲ କରିବା ପରେ ଭାରତୀୟ ଜନତା ପାର୍ଟି (ଭାଜପା)ରେ ମୁଖ୍ୟମନ୍ତ୍ରୀ ପଦ ପାଇଁ ଚେହେରାକୁ ନେଇ ଆଲୋଚନା ଜୋର ଧରିଛି। ଦଳ ୨୭ ବର୍ଷରୁ ଅଧିକ ସମୟ ପରେ ଦିଲ୍ଲୀରେ କ୍ଷମତାକୁ ଫେରିଛି।୭୦ ସଦସ୍ୟ ବିଶିଷ୍ଟ ବିଧାନସଭାରେ ୪୮ଟି ଆସନ ଜିତିଛି ଭାଜପା।

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ବାସଭବନରେ ମୁଖ୍ୟମନ୍ତ୍ରୀ ପଦ ନେଇ ଏକ ଆଲୋଚନା ହୋଇଥିଲା। ଏହି ବୈଠକରେ ଜେପି ନଡ୍ଡା, ବୈଜୟନ୍ତ ପଣ୍ଡା ଏବଂ ବିଏଲ ସନ୍ତୋଷ ଉପସ୍ଥିତ ଥିଲେ। ଏବେ ଶପଥ ଗ୍ରହଣ ଉତ୍ସବ ସମ୍ପର୍କରେ ଏକ ବଡ଼ ଅପଡେଟ୍ ଆସିଛି। ସୂଚନା ଅନୁଯାୟୀ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ବିଦେଶ ଗସ୍ତରୁ ଫେରିବା ପରେ ଜାତୀୟ ରାଜଧାନୀ ଦିଲ୍ଲୀରେ ଶପଥ ଗ୍ରହଣ ସମାରୋହ ହୋଇପାରେ। ପ୍ରଧାନମନ୍ତ୍ରୀ ୧୪ ଫେବୃଆରୀରେ ଦେଶକୁ ଫେରିବେ।

## ଦେଶ ହେବ ମାଓ ମୁକ୍ତ : ଶାହ

ନୂଆଦିଲ୍ଲୀ,୯।୨(ମହାଭାରତ): କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଛତିଶଗଡରେ ସୁରକ୍ଷାବଳ ଓ ନକ୍ସଲଙ୍କ ମଧ୍ୟରେ ହୋଇଥିବା ଗୁଳି ବିନିମୟରେ ୨ ଯବାନଙ୍କ ବଳିଦାନ ପାଇଁ ଭାବପୂର୍ଣ୍ଣ ସମବେଦନା ବ୍ୟକ୍ତ କରିବା ସହ କହିଛନ୍ତି ଯେ, ବର୍ଷକରେ ଦେଶରୁ ନକ୍ସଲବାଦକୁ ମୂଳରୁ ସମାପ୍ତ କରାଯିବ। ସୋସିଆଲ ମିଡିଆ ଏକ୍ସରେ ଏହି ତଥ୍ୟ ସେୟାର କରି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ କହିଛନ୍ତି ଯେ, ନକ୍ସଲ ମୁକ୍ତ ଭାରତ ନିର୍ମାଣ ଦିଗରେ ସୁରକ୍ଷାବଳ ଛତିଶଗଡର ବିଜାପୁରରେ ବଡ ସଫଳତା ହାସଲ କରିଛି। ଏହି ଅପରେସନରେ ୩୧ ନକ୍ସଲ ନିହତ ହେବା ସହ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଛି।

ସେ କହିଛନ୍ତି ଯେ, ମାନବତା ବିରୋଧୀ ନକ୍ସଲବାଦକୁ ସମାପ୍ତ କରିବାରେ ଆଜି ଆମେ ଆମର ଦୁଇ ବାହାଦୁର ଯବାନଙ୍କୁ ହରାଇଛୁ।ଏହି ଦେଶ ଏହି ବୀରଙ୍କର ସର୍ବଦା ଋଣୀ ରହିବ।ବଳିଦାନ ଯବାନଙ୍କ ପରିଜନଙ୍କ ପ୍ରତି ଭାବପୂର୍ଣ୍ଣ ସମବେଦନା ବ୍ୟକ୍ତ କରୁଛି। ଏହାସହିତ ପୁଣି ଥରେ ଦୋହରାଉଛି ଯେ, ୨୦୨୬, ମାର୍ଚ୍ଚ ୩୧ ପୂର୍ବରୁ ଦେଶରୁ ନକ୍ସଲବାଦକୁ ମୂଳରୁ ସମାପ୍ତ କରାଯିବ। ଯଦ୍ୱାରା ଦେଶର କୌଣସି ବି ନାଗରିକଙ୍କୁ ଏହା କାରଣରୁ ଜୀବନ ହରାଇବାକୁ ପଡିବନାହିଁ।

## ଫଁଳ ପଲାଉ

ସାମଗ୍ରୀ: ବାସୁମତୀ ଚାଉଳ, କଳା ଅଙ୍ଗୁର , ଗ୍ରୀନ ଅଙ୍ଗୁର, ସେଓ , ଡାଳିମ୍ବ, ଚେରୀ , କାଜୁ , କିସିମିସ, ପିସ୍ତା ବାଦାମ , ଜିରା , ଲୁଣ , ତେଲ ଏବଂ ଆମ୍ବ ସଢା।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଗ୍ୟାସରେ କଡ଼େଇ ବସାଇ ସେଥିରେ କିଛି ପାଣି ଦେଇ ଫୁଟିବାକୁ ଛାଡ଼ି ଦିଅନ୍ତୁ। ପାଣି ଫୁଟିଲା ପରେ ସେଥିରେ ଲୁଣ , ଜିରା ଏବଂ ଦୁଇ ଚାମଚ ତେଲ ପକାନ୍ତୁ। ତେଲ ପକାଇ ସାରିଲା ପରେ ପୂର୍ବରୁ ଭିଜା ହୋଇଥିବା ବାସୁମତୀ ଚାଉଳ ପକାଇ ଫୁଟିବାକୁ ଛାଡ଼ି ଦିଅନ୍ତୁ। ଭାତ ପାଣିରେ ତେଲ ପକାଇଲେ ଭାତ ଲାଗି ନ ରହି ଗୋଟା ଗୋଟା ରହିବ। ତା' ପରେ ଚାଉଳକୁ ୧୦ ମିନିଟ ଫୁଟିବା ଯାଏଁ ଛାଡ଼ି ଦିଅନ୍ତୁ। ମଝିରେ ମଝିରେ ଲହାକୁ ଗୋଳାଉଥିବା। ଏହା ପରେ ଭାତ ହୋଇଗଲା ପରେ ଏକ ପାତ୍ରକୁ ଛାଣି ରଖନ୍ତୁ। ଏହା ପରେ ଏକ କଡ଼େଇ ଗରମ କରି ସେଥିରେ ତେଲ ପକାନ୍ତୁ। ତେଲ ଗରମ ହେଲା ପରେ ସେଥିରେ କାଜୁ, କିସମିସ, କଳା ଅଙ୍ଗୁର , ଡ଼ାଳିମ୍ବ , ସେଓ ଏବଂ ଲୁଣ ପକାଇ ଅଳ୍ପ ଭାଜନ୍ତୁ। ତା ପରେ ସେଥିରେ ପୂର୍ବରୁ ଥିବା ଭାତ ପକାଇ ଭଲଭାବେ ଗେଲାଇ ଦିଅନ୍ତୁ।ଗୋଳାଇ ସାରିଲା ପରେ ସେଥିରେ ପିସ୍ତା ବାଦାମ, ଚେରୀ ଏବଂ ଆମ୍ବ ସଢା ପକାଇ ଗୋଳାଇ ଦିଅନ୍ତୁ। ତା ପରେ ପ୍ରସ୍ତୁତ ହୋଇଯିବ ଆପଣଙ୍କର ଫଳ ପଲାଉ।



····· ପରଦା ଖବର ·····

# ଚଳଚ୍ଚିତ୍ର ପ୍ରଯୋଜକଙ୍କ ଦ୍ୱାରା ଠକେଇର ଶିକାର ପୂର୍ବତନ ମୁଖ୍ୟମନ୍ତ୍ରୀ ଝିଅ

ଉତ୍ତରାଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ରମେଶ ପୋଖରିଆଲ ନିଶଙ୍କଙ୍କ ଝିଅ ଆରୁଷି ପୋଖରିଆଲ ନିଶଙ୍କଙ୍କଠାରୁ ଫିଲ୍ମ ନିର୍ମାଣ ନାମରେ ୪ କୋଟି ଟଙ୍କା ଠକେଇ ହୋଇଥିବା ଅଭିଯୋଗ ହୋଇଛି।ଏହି ମାମଲାରେ ମହିଳା ଚଳଚ୍ଚିତ୍ର ପ୍ରଯୋଜକଙ୍କ ସମେତ ଦୁଇ ଜଣଙ୍କ ନାମରେ ମାମଲା ରୁଜୁ କରାଯାଇଛି। ଆରୁଷି ଏହି ଲୋକମାନଙ୍କ ନାମରେ ତାଙ୍କ ବାପାଙ୍କୁ ମିଥ୍ୟା ମାମଲାରେ ଫସାଇବା ସହିତ ହତ୍ୟା ଧମକ ଦେଇଥିବା ମଧ୍ଯ ଅଭିଯୋଗ କରିଛନ୍ତି।ଏସଏସପି ଅଜୟ ସିଂହଙ୍କ ସୂଚନା ଅନୁଯାୟୀ, ଆରୁଷି ତାଙ୍କ ଅଭିଯୋଗରେ କହିଛନ୍ତି ଯେ ସେ କେବଳ ଫିଲ୍ମ ପ୍ରଯୋଜନା କରନ୍ତି ନାହିଁ ବରଂ ହିମଶ୍ରୀ ଫିଲ୍ମସ ମାଧ୍ୟମରେ ଅଭିନୟ ମଧ୍ୟ କରନ୍ତ। ମାନସୀ ବରୁଣ ଓ୍ୱାଗଲା ଏବଂ ବରୁଣ ପ୍ରମୋଦ କୁମାର ଓ୍ୱାଗଲା ନାମକ ଦୁଇଜଣ ବ୍ୟକ୍ତି ତାଙ୍କୁ ଡେରାଡୁନସ୍ଥିତ ତାଙ୍କ ଘରେ ଭେଟିଥିଲେ।ଏହି ଭେଟ ସମୟରେ ସେମାନେ ମିନି ଫିଲ୍ମସ୍ ପ୍ରାଇଭେଟ୍ ଲିମିଟେଡର ନିର୍ଦ୍ଦେଶକ ଅଟନ୍ତି ଏବଂ 'ଆଙ୍ଖୋଁ କି ଗୁସ୍ତାଖିୟାଁ' ଫିଲ୍ମ ତିଆରି କରୁଛନ୍ତି। ଯେଉଁଥିରେ ଶନାୟା କପୁର ଏବଂ ବିକ୍ରାନ୍ତ ମେସି ଭଳି ବଡ଼ ଅଭିନେତା କାମ କରୁଛନ୍ତି ବୋଲି କହିଥିଲେ।ସେମାନେ ଫିଲ୍ମ ପାଇଁ ଏକ ଭୂମିକା ପ୍ରଦାନ କରି ୫ କୋଟି ଟଙ୍କା ନିବେଶ କରିବାକୁ କହିଥିଲେ। ସମଗ୍ର ପ୍ରକଳ୍ପର ୧୫ ପ୍ରତିଶତ ଲାଭ, ଅର୍ଥାତ୍ ୧୫ କୋଟି ଟଙ୍କା ଦେବାର ପ୍ରତିଶ୍ରୁତି ଦେଇ ମଧ୍ଯ ପ୍ରଲୋଭିତ ମଧ୍ଯ କରିଥିଲେ।ଏଥି ସହିତ କୁହାଯାଇଥିଲା କି ଇଚ୍ଛା ଅନୁସାରେ ଭୂମିକାର ସ୍କ୍ରିପ୍ଟକୁ ଚୂଡ଼ାନ୍ତ କରିହେବ। ଯଦି ଭୂମିକା ପସନ୍ଦ ନ ଆସେ, ତେବେ ୫ କୋଟି ଟଙ୍କା ୧୫ ପ୍ରତିଶତ ସୁଧ ସହିତ ଫେରସ୍ତ କରାଯିବ। ଏହା ପରେ ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ।ଗତ ବର୍ଷ ଅକ୍ଟୋବର ୧୦, ୨୭, ୩୦ ଏବଂ ନଭେମ୍ବର ୧୯ ତାରିଖରେ ଚାରିଟି କିସ୍ତିରେ ଆରୁଷି ଚାରି କୋଟି ଟଙ୍କା ଦେଇଥିଲେ। ଏହା ପରେ ଉଭୟ ଅଭିଯୁକ୍ତ କାମ ଦେଇ ନଥିଲେ କି ତାଙ୍କ ଟଙ୍କା ଫେରାଇ ନଥିଲେ। ଟଙ୍କା ମାଗିଲେ ଓଲଟି ଧମକ ଦେବା ଆରମ୍ଭ କରି ଦେଉଥିଲେ।



## ମସ୍କାରା ଶୁଖିଯାଇଛି କି ? କରନ୍ତୁ ଏହି କାମ

ଆଖିକୁ ମେକଅପ କରିବା ପାଇଁ ମସ୍କାରା ବେଶ ଜରୁରୀ। ଅନେକ ଥର ଯୁବତୀମାନେ ସଂପୂର୍ଣ୍ଣ ଆଖିକୁ ମେକଅପ କରିଥିବେ କିନ୍ତୁ ଭୁଲରେ ମସ୍କାରା ଲଗାଇବାକୁ ଭୁଲିଯାଇଥାନ୍ତି। ଏମିତିରେ ମସ୍କାରା ଘରେ ରହି ଶୁଖିଯାଇଥାଏ। ତେବେ ଏହାକୁ ବେକାର ଭାବି ଫୋପାଡିବା ପରିବର୍ତ୍ତେ କିଛି ସହଜ ଉପାୟରେ ଏହାକୁ ବ୍ୟବହାର କରନ୍ତୁ। ଏପରି କଲେ ଆପଣଙ୍କ ପଇସା ବି ବରବାଦ ହେବନି ଆଉ ଆପଣଙ୍କୁ ନୂଆ ମସ୍କାରା ମଧ୍ୟ ମିଳିଯିବ। ଆସନ୍ତୁ ଜାଣିବା କ'ଣ ରହିଛି ସବୁ ଟିପ୍ସ

, ମସ୍କାରା ଆଖିପତାକୁ ଆକାର ଦେବା ସହିତ ତାକୁ ସୁନ୍ଦର ମଧ୍ୟ କରିଥାଏ। ଯଦି ଆପଣଙ୍କ ମସ୍କାରା ଶୁଖିଯାଇଥାଏ,ତେବେ ଆଇଡ୍ରପ ବ୍ୟବହାର କରନ୍ତୁ। ଆଖି ଡ୍ରପର କିଛି ବୁନ୍ଦା ମସ୍କାରାରେ ପକାଇ ଏହାକୁ ଏକ କାଠି ସାହାଯ୍ୟରେ ଅଳ୍ପ



ଭାବେ ଘାଣ୍ଟି ଦିଅନ୍ତୁ। ଏହାପରେ ଏହା ବ୍ୟବହାର ଯୋଗ୍ୟ ହୋଇଯିବ। ଏକ ପାତ୍ରରେ ପାଣିକୁ ଗରମ କରିନିଅନ୍ତୁ। ଏବେ ଏଥିରେ ମସ୍କାରା ବୋଲକୁ ଦୁଇ ତିନି ଥର ବୁଡାଇ ଦିଅନ୍ତୁ। ଏପରି କରିବା ଦ୍ୱାରା ଗରମ ପାଣିରେ ଶୁଖିଥିବା ମସ୍କାରା ତରଳଯିବ। ଯାହାକୁ ଆପଣ ଅତି ସହଜରେ ବ୍ୟବହାର କରିପାରିବେ। ମସ୍କାରା ବୋତଲରେ ଅଳ୍ପ ଆଲୋଭେରା ଜେଲ ମକ୍ସଲର କରିଦିଅନ୍ତୁ। ଏହାପରେ ଭଲଭାବେ ବୋତଲରୁ ଭଲ ଭାବେ ହଲାଇଦିଅନ୍ତୁ। ଆଖିପତା ପାଇଁ ଆଲୋଭେରା ଜେଲ ବହୁତ ଭଲ। ମାଇକ୍ରୋୱେଭରେ ୧୫ରୁ୩୦ ସେକେଣ୍ଡ ପାଇଁ ଏକ ଚାମଚ ନଡିଆ ତେଲ ଗରମ କରିନିଅନ୍ତୁ। ଏବେ ଏହାର ଦୁଇତିନ ବୁନ୍ଦା ଶୁଖିଥିବା ମସ୍କାରାରେ ମିଶାଇ ଦିଅନ୍ତୁ। ମସ୍କାରାକୁ ବ୍ୟବହାର କରିବା ପରେ ଭଲଭାବେ ଏହାର କ୍ୟାପକୁ ବନ୍ଦ କରିଦିଅନ୍ତୁ। ନଚେତ ଏହା ଶୁଖିଯିବାର ଆଶଙ୍କା ରହିଥାଏ।

## ଯାତ୍ରା କରିବା ପୂର୍ବରୁ ଏହି ବାସ୍ତୁ ଟିପ୍ସ ପ୍ରତି ଧ୍ୟାନ ଦିଅନ୍ତୁ

ବାସ୍ତୁଶାସ୍ତ୍ରରେ କୌଣସି କାର୍ଯ୍ୟରେ ଯାତ୍ରା କରିବା ପୂର୍ବରୁ ସେଥିରେ ସଫଳତା ପ୍ରାପ୍ତି କିଛି ଉପାୟ ବିଷୟରେ ବର୍ଣ୍ଣନା କରାଯାଇଛି। ଯାହାର ପାଳନ କଲେ ଯାତ୍ରାକୁ ମଙ୍ଗଳକାରୀ ଓ ସଫଳ କରି ହୋଇଥାଏ। ଏଥିପାଇଁ କିଛି କଥା ପ୍ରତି ଧ୍ୟାନ ଦେବା ନିତ୍ୟାନ୍ତ ଆବଶ୍ୟକୟ ଜାଣନ୍ତୁ.

- ଯାତ୍ରାରେ ଯିବା ସମୟରେ କୌଣସି ନକରାତ୍ମକ ଶବ୍ଦର ବ୍ୟବହାର କରନ୍ତୁ ନାହିଁ।
- ନିଜର ଇଷ୍ଟ ଦେବତାଙ୍କୁ ସ୍ମରଣ କରନ୍ତୁ। ଗାୟନ୍ତ୍ରୀ ମନ୍ତ୍ରୀ ଜପ କରନ୍ତୁ।
- ଯାତ୍ରାରେ ଯିବା ପୂର୍ବରୁ ନଦୀ, ନିଆଁ, ପବନ, ଦେବୀଦେବତା, ଗୁରୁଜନ, ମାତାପିତାଙ୍କୁ ପରିହାସ କରନ୍ତୁ ନାହିଁ।
- ଘରୁ ବାହାରିବା ସମୟରେ ପ୍ରଥମେ ଡ଼ାହାଣ ପାଦ ପକାନ୍ତୁୟ ଅସହାୟଙ୍କୁ ଦାନ ଦିଅନ୍ତୁ। ଗାଈଙ୍କୁ ରୁଟି କିମ୍ୱା ଘାସ ଖାଇବାକୁ ଦିଅନ୍ତୁ। ଏପରି କରିବା ଦ୍ୱାରା କାର୍ଯ୍ୟରେ ସଫଳତା ମିଳିଥାଏ।
- ଶାସ୍ତ୍ର ଅନୁଯାୟୀ, ସୋମବାର, ଶନିବାର ପୂର୍ବ ଦିଗରେ ଯାତ୍ରା କରିବା ଅତି ଶୁଭଫଳ ଦେଇନଥାଏୟ ସୋମବାର, ଗୁରୁବାର ପୂର୍ବ, ଦକ୍ଷିଣ ଦିଗରେ ଯାତ୍ରା କରନ୍ତୁ ନାହିଁ। ବୁଧବାର, ଶନିବାର ପୂର୍ବ, ଉତ୍ତର ଯାତ୍ରା କରିବା ଉଚିତ ନୁହେଁ। ରବିବାର ଓ ଶୁକ୍ରବାର ପଶ୍ଚିମ ଦିଗରେ ଯାତ୍ରା କରନ୍ତୁ ନାହିଁ।
- ମଙ୍ଗଳବାର ଦିନ ଉତ୍ତର ଦିଗକୁ ଯାତ୍ରା କରୁଥିଲେ ଘରୁ ଗୁଡ଼ ଖାଇ ଯାଆନ୍ତୁ।

ବୁଧବାର ଉ□ର ଦିଗରେ ଯାତ୍ରା କରୁଥିଲେ ଧନିଆ କିମ୍ବା ରାଶି ଲଡୁ ଖାଇ ଯାଆନ୍ତୁ।

- ଗୁରୁବାର ଦିନ ଦକ୍ଷିଣ ଦିଗରେ ଯାତ୍ରା କରୁଥିଲେ ଦହି ଖାଇ ଯାତ୍ରା କରନ୍ତୁ।

ଶୁକ୍ରବାର ଦିନ ପଶ୍ଚିମ ଦିଗରେ ଯାତ୍ରା କରୁଥିଲେ ଗହମରେ ପ୍ରସ୍ତୁତ ଖାଦ୍ୟ ଖାଆନ୍ତୁ।

- ଶନିବାର ଦିନ ପୂର୍ବ ଦିଗକୁ ଯାତ୍ରା କରୁଥିଲେ, ଅଦା ଖଣ୍ଡ ଖାଆନ୍ତୁ।



## ସୌନ୍ଦର୍ଯ୍ୟକୁ ଦୁଇଗୁଣା ବଢାଇବାକୁ ଚାହୁଁଛନ୍ତି କି ? ସପ୍ତାହକୁ ରହିବାକୁ ହେବ ଗୋଟିଏ ଦିନ ଉପବାସ

ବିଶେଷକରି ମହିଳାମାନେ ମନ ଓ ଶରୀର ଉଭୟ ଦିଗରୁ ସୁସ୍ଥ ରହିବାକୁ ଏବଂ ବୟସଠାରୁ ୧୦ ବର୍ଷ ସାନ ଦେଖାଯିବାକୁ ବେଶି ପସନ୍ଦ କରିଥାନ୍ତି, ତେବେ ସପ୍ତାହକୁ ଥରେ ଉପାସ ନିଶ୍ଚୟ କରନ୍ତି। ଯୁବା ଓ ଗ୍ଲୋଇଙ୍ଗ୍ ତ୍ୱଚ ଆପଣଙ୍କ ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିବ ଏଥିରେ ଦ୍ୱିମତ ନାହିଁ। ବାସ୍ତବରେ ଏକ ସୁସ୍ଥ ତ୍ୱଚ ହିଁ ବେଶି ସୁନ୍ଦର ଲାଗିଥାଏ। ଏହା ସତ୍ତ୍ୱେ□ ବି ଆମେ ପ୍ରାୟ ସମୟରେ ନିଜକୁ ଅଣଦେଖା କରି ଦେଇଥାଉ। ବିଭିଉ ଅସ୍ୱାସ୍ଥ୍ୟକର ଖାଦ୍ୟ ଖାଇବା ଦ୍ୱାରା ଆମ ତ୍ୱଚର ଚମକ ଧୀରେ ଧୀରେ କମିଚଲେ। ଆମର ତ୍ୱଚ ଆମ ସ୍ୱାସ୍ଥ୍ୟର ଆଇନା। ମେଟାବଲିଜିମ୍ ସୁସ୍ଥ ଓ ଯୁବା ତ୍ୱଚର ଆଧାର। ଉପବାସ ଓ ସ୍ୱାସ୍ଥ୍ୟକର ଖାଦ୍ୟ ଶରୀରକୁ ସନ୍ତୁଳିତ ରଖିଥାଏ। ଏହା ଶରୀରରେ ମେଟାବଲିଜିମ୍ ସ୍ତର ବଢାଇବା ସହ ରୋଗ ପ୍ରତିରୋଧକ ଶକ୍ତିକୁ ଦୃଢ କରେ। ଏଥି ସହିତ



ଆଣ୍ଟିଅକ୍ସିଡାଣ୍ଟ□ସ୍ତର ବଢିବା ଦ୍ୱାରା ତ୍ୱଚ ସୁସ୍ଥ ରହି ବୟସ ବଢିବାକୁ ଦିଏନା। ଉପବାସ ପରେ ସ୍ୱାସ୍ଥ୍ୟକର ଖାଦ୍ୟ ଖାଇବା ଦ୍ୱାରା ବୟସକୁ ବାନ୍ଧି ରଖିବା ସହଜ। ଆୟୁର୍ବେଦରେ ବିଭିନ୍ନ ପ୍ରକାରର ଉପବାସ ବିଷୟରେ କୁହାଯାଇଛି। ଉପବାସ ହେଉଛି ନିଜକୁ ଶୁଦ୍ଧ କରିବାର ଶ୍ରେଷ୍ଠ ବିକଳ୍ପ। ଏହାଦ୍ୱାରା ଆଧ୍ୟାତ୍ମିକ, ମାନସିକ ଓ ଶାରୀରିକ ଲାଭ ମିଳିଥାଏ

### ଉପବାସ କେତେ ପ୍ରକାର

- ସମ୍ପୂର୍ଣ୍ଣ ଉପବାସ ଆଦୌ ଭୋଜନ ଓ ପାଣି ଗ୍ରହଣ ନ କରିବା।
- ସ୍କିପ୍ ଉପବାସ ଦିନକୁ ଥରେ ବା ଦୁଇଥର ଖାଇବା। କୌଣସି ଗୋଟିଏ ବା ଦୁଇ ଥରର ଭୋଜନକୁ ଛାଡି ଦେବା ବା ସ୍କିପ୍ କରିବା।
-ପାଣି ଉପବାସ ସାରା ଦିନ କେବଳ ପାଣି ପିଇବା
- ଜୁସ ବା ଫଳ ଉପବାସ ସାରା ଦିନ କେବଳ ଜୁସ୍ ବା ଫଳ ଖାଇପାରିବେ। ଆଉ କିଛି ଖାଇବେ ନାହିଁ।
-ପରିବାପତ୍ର ସହ ଉପବାସ ଯେଉଁମାନେ କିଛି ନ ଖାଇ ରହିପାରିବେ ନାହିଁ। ଖାସ୍ ସେମାନେ ବିଭିନ୍ନ ତରକାରୀ ଖାଇବା ସହ ଉପବାସ କରିପାରିବେ। ଅନ୍ୟ କିଛି ଜିନିଷ ଖାଇବେ ନାହିଁ।
-ଚକୋଲେଟ୍ ଉପବାସ ଚକୋଲେଟ୍ ଆଣ୍ଟି-ଅକ୍ସିଡାଣ୍ଟର ମୁଖ୍ୟ ସ୍ରୋତ। ଏଥିରେ ଆଇରନ୍ ଓ କୋକୋ ଭରପୂର, ଯାହା ସ୍ୱାସ୍ଥ୍ୟ ପାଇଁ ବେଶ୍ ଲାଭଦାୟକ।

ମିଳିଥିବା ତଥ୍ୟ ଅନୁସାରେ ଉପବାସ ରଖିବା କର୍କଟ ରୋଗୀଙ୍କ ପାଇଁ ଖୁବ୍ ଲାଭଦାୟକ। ସେହିପରି ମୋଟାପଣ ଓ ହର୍ମୋନାଲ୍ ଅସନ୍ତୁଳନ ଥିବା ଲୋକଙ୍କ ପାଇଁ ମଧ୍ୟ ବେଶ୍ ଉପକାରୀ

ସାବଧାନ : ଉପବାସ ଶରୀରରୁ ମାନସିକ ଓ ଶାରିରୀକ ବିଷ ହରଣ କରିଥାଏ। କିନ୍ତୁ ଏହାକୁ ଆରମ୍ଭ କରିବା ପୂର୍ବରୁ ଡାକ୍ତରଙ୍କ ପରାମର୍ଶ ନିଶ୍ଚୟ ନିଅନ୍ତୁ।

## ସୋମବାର ଦିନ ଏହିସବୁ ନିୟମ ପାଳନ କଲେ ଦୂର ହେବ ସମସ୍ୟା

ଶାସ୍ତ୍ର ଅନୁଯାୟୀ ଯେଉଁ ମହିଳାମାନଙ୍କ ବୃହସ୍ପତି ଦୁର୍ବଳ ସ୍ଥିତିରେ ଥାନ୍ତି। ସେମାନଙ୍କ ବୈବାହିକ ଜୀବନ କଷ୍ଟ ଭରା ହୋଇଥାଏ। ଯଦି ଚନ୍ଦ୍ରମାଙ୍କ ସହିତ ଶୁକ୍ର ପ୍ରଭାବିତ ଥାନ୍ତି ତେବେ ପୁରୁଷଙ୍କ ବୈବାହିକ ଜୀବନ ଉପରେ ପ୍ରଭାବ ପଡିଥାଏ। ସେମାବାର ଦିନ ମହାଦେବ ଶିବଙ୍କୁ ଇତ୍ର ଅର୍ପଣ କରିବା ଦ୍ୱାରା ଏହି ସମସ୍ୟା ଦୂର ହୋଇଥାଏ। ଏହାସହ ଶିବ ଲିଙ୍ଗ ଉପରେ ଜଳ ମଧ୍ୟ ଢାଳିବା ଉଚିତ। ଶୁକ୍ରବାର ଦିନ ଖଟା ଜାତୀୟ ଖାଦ୍ୟଠାରୁ ଯଥା ସମ୍ଭବ ଦୂରେଇ ରହିବା ଉଚିତ।

ସ୍ୱାସ୍ଥ୍ୟ ଜନିତ ସମସ୍ୟା ଥିଲେ : ଆଜିର ସମୟରେ ଅଧିକାଂଶ ଲୋକ ସ୍ୱାସ୍ଥ୍ୟ ଜନିତ ସମସ୍ୟା ନେଇ ବ୍ୟସ୍ତ ରହୁଛନ୍ତି। ଯଦି ଆପଣ ବି ସମାନ ସମସ୍ୟାର ସମ୍ମୁଖୀନ ତେବେ ସୋମବାର ଦିନ ନିଜ ହାତରେ ଖିରି ପ୍ରସ୍ତୁତ କରି ଭଗବାନ ଶିବଙ୍କୁ ଅର୍ପଣ କରନ୍ତୁ। ପରେ ଏହି ଖିରି ପ୍ରସାଦ ଆକାରରେ ନିଜେ ଖାଆନ୍ତୁ। ରାତିରେ ଶୋଇବା ପୂର୍ବରୁ ପ୍ରତିଦିନ ଗାୟତ୍ରୀ ମନ୍ତ୍ର ଜପ କରନ୍ତୁ।

ଚାକିରୀ ଜନିତ ସମସ୍ୟା ଥିଲେ: ଯଦି ଆପଣ ନିଜ କାର୍ଯ୍ୟାଳୟରେ କୌଣସି ପ୍ରକାର ଅସୁବିଧାର ସାମ୍ନା କରୁଥାନ୍ତି ତେବେ ଶନିବାର ପାଣିରେ କଞ୍ଚା କ୍ଷୀର ମିଶାଇ



ମହାଦେବଙ୍କୁ ସମର୍ପଣ କରନ୍ତୁ। ଏହାସହ ଅଶ୍ୱସ୍ତ ଗଛ ତଳେ ସୋରିଷ ତେଲର ଏକ ଦୀପ ଜଳାନ୍ତୁ। ସମ୍ଭବ ହେଲେ କୌଣସି ଗରିବ ପିଲାକୁ ବସ୍ତ୍ର ଦାନ କରନ୍ତୁ ବା ଭୋଜନ କରାନ୍ତୁ।

ସନ୍ତାନଙ୍କ ପାଇଁ ଚିନ୍ତିତ ଥିଲେ : ମା-ବାପା ମାନେ ସାଧାରଣତଃ ସନ୍ତାନମାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରୁହନ୍ତି। ଏସମସ୍ୟାରୁ ମୁକୁଳିବା ପାଇଁ ସୋମବାର ଶିବଙ୍କୁ ପଞ୍ଚାମୃତ ଅର୍ପଣ କରନ୍ତୁ। ଦେଖିବେ କିଛି ଦିନ ଭିତରେ ଅବସ୍ଥା ସୁଧୁରିଯିବ।

# ଖରିଫ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି ସମ୍ଭାବନା

**ଭୁବନେଶ୍ୱର,୯।୨ (ମହାଭାରତ):** ଖରିଫ ଫସଲର ମୂଲ୍ୟ ତଥା ବିକ୍ରୟଭିତ୍ତିକ ନିୟାମକ ଗଠନ ନିମନ୍ତେ ସିଏସିପି (CACP)ର ପୂର୍ବାଞ୍ଚଳ ରାଜ୍ୟମାନଙ୍କ ସହ ଏକ ବୈଠକ କରିଛନ୍ତି।

ସିଏସିପି ଚେୟାରମ୍ୟାନ ପ୍ରଫେସର ବିଜୟ ପାଲ ଶର୍ମା ଚଳିତ ଖରିଫ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ଉପରେ ଗୁରୁତ୍ୱାରୋପ କରିଛନ୍ତି। ଏହା ସହ କହିଥିଲେ, ଆମେ ହେଉଛୁ ଦୁନିଆର ସବୁଠାରୁ ବଡ଼ ମାର୍କେଟ। ଧାନ, ଗହମରେ ଆମେ ବଳକା ଦେଶ ଅଟୁ । ସେହିଭଳି ଶ୍ରୀ ଅନ୍ନ ପୂର୍ବରୁ ଆମ ଖାଦ୍ୟର ଅଂଶ ଥିଲା । ଏବେ ଲୋକେ ଏହାକୁ ହୃଦୟଙ୍ଗମ କରି ପୁନଃଶ୍ଚ ଥାଳିରେ ଆଣିବାକୁ ପ୍ରଚେଷ୍ଟା କରାଯାଉଛି। ଆଜିର ସମୟରେ ଆମକୁ ମଞ୍ଜିର ଗୁଣବତ୍ତା ଉପରେ ଧ୍ୟାନ ଦେବାକୁ ହେବ। ଯାହାଦ୍ୱାରା ଉତ୍କୃଷ୍ଟ ମାନର ଫସଲ ଫଳିବ ଏବଂ ବଳକା ଫସଲକୁ ଆମେ ବିଦେଶକୁ ରପ୍ତାନୀ କରିହେବ। ତା' ଛଡ଼ା ଟ୍ରେଡ୍ ପଲିସିରେ ପରିବର୍ତ୍ତନ କରିବା ଆବଶ୍ୟକ । ଏହା ଚାଷୀଙ୍କୁ ବିଶେଷ ଭାବେ ଲାଭ ପ୍ରଦାନ କରିବ । ମୃତ୍ତିକା ସ୍ୱାସ୍ଥ୍ୟ, ଫସଲ ବିବିଧିକରଣ ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ।

ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ବୈଠକକୁ ଉଦଘାଟନ କରି କହିଛନ୍ତି, ଓଡ଼ିଶାରେ ଉତ୍ପାଦିତ ହେଉଥିବା ଜିନିଷର ବିଦେଶରେ ବହୁତ ଚାହିଦା ରହିଛି । ବିଦେଶ ରପ୍ତାନୀ ପାଇଁ ଉତ୍ସର୍ଗୀକୃତ କାର୍ଗ ସେବା ଓ ଫ୍ରାଇଟ ପ୍ରଣୟନ କରାଯାଉ। ଚଳିତବର୍ଷ ଓଡ଼ିଶାରେ ଉତ୍କୃଷ୍ଟ ମାନର ଷ୍ଟବେରୀ ଫଳିଛି। ଏତଦବ୍ୟତୀତ, ଚାଷିଙ୍କୁ ଜୈବିକ ପଦ୍ଧତିରେ ଚାଷ କରିବା ପାଇଁ ମଧ୍ୟ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ପରାମର୍ଶ ଦେଇଛନ୍ତି। କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଡଃ ଅରବିନ୍ଦ କୁମାର ପାଢ଼ୀ ସ୍ୱାଗତ ଅଭିଭାଷଣ ପ୍ରଦାନ ପୂର୍ବକ କହିଥିଲେ ଯେ, ଓଡ଼ିଶା କୃଷି କ୍ଷେତ୍ରରେ ପ୍ରଗତି କରିଛି। ବିଶେଷ କରି ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଉପରେ ଅଧିକ ୮୦୦ଟଙ୍କା ଇନପୁଟ ସହାୟତା ଚାଷୀଙ୍କୁ ପ୍ରୋତ୍ସାହିତ କରିଛି। କ୍ଷୁଦ୍ର ମିଲେଟ ଉତ୍ପାଦନରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ ଭାବେ ପରିଚିତ ହୋଇପାରିଛି। ଏହି ବୈଠକରେ ଓଡ଼ିଶା ସମେତ ଛତିଶଗଡ଼, ଝାରଖଣ୍ଡ, ପଶ୍ଚିମବଙ୍ଗ କୃଷି ବିଭାଗର ଅଧିକାରୀମାନେ ପ୍ରତ୍ୟକ୍ଷ ରୂପେ ଯୋଗଦେଇଥିବାବେଳେ ବିହାରର ଅଧିକାରୀମାନେ ଆଭାସି ମାଧ୍ୟମରେ ଯୋଗଦେଇଥିଲେ। କୃଷି ନିର୍ଦ୍ଦେଶକ ଶ୍ରୀ ପ୍ରେମଚନ୍ଦ୍ର ଚୌଧାରୀ ଓଡ଼ିଶା ବିଷୟରେ ଉପସ୍ଥାପନା ପ୍ରଦର୍ଶନ କରିଥିଲେ।



# ଭୀମଭୋଇ ସାମର୍ଥ୍ୟ ଶିବିର

**ଭୁବନେଶ୍ୱର,୯।୨ (ମହାଭାରତ):** ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ଓ ଭୁବନେଶ୍ୱର ମହାନଗର ନିଗମ(ବିଏମ୍ ସି)ର ମିଳିତ ଉଦ୍ୟମରେ ୬ ନମ୍ବରସ୍ଥିତ ବିଏମ୍ ସି କଲ୍ୟାଣ ମଣ୍ଡପଠାରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର -୨୦୨୪-୨୫ ଓ ବୟୋଶ୍ରୀ ମେଳା ଅନୁଷ୍ଠିତ ହୋଇଯାଇଛି । ଏହି ମେଳା ବିଏମ୍ ସିର ୩ଟି ଜୋନ୍ ପାଇଁ ୩ ଦିନ ଅନୁଷ୍ଠିତ ହେବ । ଫେବୃଆରୀ ୮, ୧୧ ଓ ୧୩ ତାରିଖରେ ଜୋନ୍ ୱାରୀ ସେହି ୟୁନିଟ୍ ୬ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହେବ । ଆଜି ଦକ୍ଷିଣ-ପୂର୍ବ ଜୋନର ଭିନ୍ନକ୍ଷମ ସାମର୍ଥ୍ୟ ମେଳା ହୋଇଯାଇଛି ।

ଏହି ଶିବିରରେ ପ୍ରାୟ ୫ ଶହ ଭିନ୍ନକ୍ଷମ ବ୍ୟକ୍ତି ଯୋଗଦେଇଥିଲେ । ସେମାନଙ୍କର ଶାରିରୀକ, ମାନସିକ, ଚକ୍ଷୁ, କର୍ଣ୍ଣ ଆଦି ପରୀକ୍ଷା ହେବା ସହ ପ୍ରମାଣପତ୍ର ପ୍ରଦାନ କରାଯାଇଛି । ଏହା ବ୍ୟତୀତ ଏହି ଶିବିରରେ ସହାୟକ ଯନ୍ତ୍ର ଓ ଉପକରଣ ଚିହ୍ନଟ, କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ପ୍ରଦାନ ନିମନ୍ତେ ମାପ, ଭିନ୍ନକ୍ଷମ ଭତ୍ତା ପଞ୍ଜିକରଣ, ଆବେଦନ, ଆତ୍ମନିଯୁକ୍ତି ଉପକରଣ ଆବେଦନ, ବାଣିଶ୍ରୀ ବୃତ୍ତି ଓ ଜାତୀୟ ବୃତ୍ତି ନିମନ୍ତେ ଆବେଦନ, ଭିନ୍ନକ୍ଷମ ପିତାମାନଙ୍କର ଉଚ୍ଚ ଶିକ୍ଷା ନିମନ୍ତେ ଆବେଦନ, ଭିନ୍ନକ୍ଷମ ମିଶନ କ୍ଷମତା ଜରିଆରେ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ ପାଇଁ ଆବେଦନ, ଉଚ୍ଚ ଶିକ୍ଷା କରୁଥିବା ଦୃଷ୍ଟି ବାଧିତ ଛାତ୍ରଛାତ୍ରୀଙ୍କ ନିମନ୍ତେ ଲାପଟପ୍ ଆବେଦନ, ଭିନ୍ନକ୍ଷମ ବୈଷୟିକ ଶିକ୍ଷା ନିମନ୍ତେ ଆବେଦନ, ଭିନ୍ନକ୍ଷମ ବ୍ୟକ୍ତି ଏବଂ ଏକ ସାଧାରଣ ବ୍ୟକ୍ତିଙ୍କ ମଧ୍ୟରେ ବିବାହ ନିମନ୍ତେ ପ୍ରୋତ୍ସାହନ ରାଶି ନିମନ୍ତେ ଆବେଦନ, ଭିନ୍ନକ୍ଷମ ବ୍ୟକ୍ତିଙ୍କ ବସ୍ ପାସ୍ ପ୍ରଦାନ, ଆବାସ ଯୋଜନାରେ ଅନ୍ତର୍ଭୁକ୍ତ କରିବା ନିମନ୍ତେ ଆବେଦନ, ବରିଷ୍ଠ ନାଗରିକମାନଙ୍କ ନିମନ୍ତେ ସହାୟକ ଯନ୍ତ୍ର ଓ ଉପକରଣ ଚିହ୍ନଟ, ଆଧାରକାର୍ଡ ପଞ୍ଜିକରଣ ଆବେଦନ ଇତ୍ୟାଦି କରିପାରିବେ ।

# ଆନ୍ତଃ ରାଜ୍ୟ ଯୁବ ବିନିମୟ କାର୍ଯ୍ୟକ୍ରମ



**ଭୁବନେଶ୍ୱର,୯।୨ (ମହାଭାରତ):** ଭାରତ ସରକାରଙ୍କ ଯୁବ ବ୍ୟାପର ଓ କ୍ରୀଡ଼ା ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ନେହେରୁ ଯୁବ କେନ୍ଦ୍ର, ଖୋର୍ଦ୍ଧା ଏବଂ ଭାରତ ସରକାରଙ୍କ ପର୍ଯ୍ୟଟନ ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ୍ ମ୍ୟାନେଜମେଣ୍ଟର ମିଳିତ ସହଯୋଗର ୫ଦିନ ଧରି ଚାଲିଥିବା ଆ'ଃ ରାଜ୍ୟ ଯୁବ ବିନିମୟ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି । ଆନ୍ଧ୍ରପ୍ରଦେଶ ରାଜ୍ୟର ୫ଟି ଜିଲ୍ଲାରୁ ଯୋଗ ଦେଇଥିବା ଯୁବ ପ୍ରତିନିଧିମାନେ ଓଡ଼ିଶାର କଳା, ସଂସ୍କୃତି, ପରମ୍ପରା, ଖାଦ୍ୟ, ଆତିଥେୟତାକୁ ନିଜ ପ୍ରତିକ୍ରିୟାରେ ଭୁରି ଭୁରି ପ୍ରଶଂସା କରିଥିଲେ । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ୍ ମ୍ୟାନେଜମେଣ୍ଟର ଅଧ୍ୟକ୍ଷ ଶ୍ରୀମତୀ ଶାରଦା ଘୋଷ, ସମ୍ମାନୀତ ଅତିଥି ରୂପେ ଯୁବ ଅଧିକାରୀ ବିପିନ୍ କୁମାର, ନିଖିଲ କୋକୁଲା ପ୍ରମୁଖ ଯୋଗଦେଇ ବିକଶିତ ରାଷ୍ଟ୍ର ଗଠନରେ ଯୁବକମାନଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମକୁ କୁଳମଣି ମଲ୍ଲିକ, ଶୁଭେନ୍ଦ୍ର ନାଥ ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଶ୍ରୀଜଗନ୍ନାଥ ପାଞ୍ଚ ରାତ୍ର ପ୍ରଚାର ସମିତିର ବାର୍ଷିକ ଉତ୍ସବ

**ଭୁବନେଶ୍ୱର,୯।୨ (ମହାଭାରତ):**ଭୁବନେଶ୍ୱରର ଶ୍ରୀଜଗନ୍ନାଥ ପାଞ୍ଚ ରାତ୍ର ପ୍ରଚାର ସମିତି ଦ୍ୱାରା ଅନୁଷ୍ଠାନର ସପ୍ତମ ବାର୍ଷିକ ଉତ୍ସବ ଚକାଡ଼ୋଳା ବିହାର ସ୍ଥିତ ଆରସିଏମ୍ କଲେଜ କ୍ୟାମ୍ପସରେ ଆୟୋଜିତ ହୋଇଯାଇଛି। ବିଗତ ଛଅ ବର୍ଷ ଧରି ଏହି ଅନୁଷ୍ଠାନ ତାର ବାର୍ଷିକ ଉତ୍ସବ ମହାସମାରୋହରେ ଆୟୋଜନ କରିଆସୁଅଛି।

ବିଦେଶରେ ବିଭିନ୍ନ ପ୍ରଥମେ ଅନୁଷ୍ଠାନର ସାଧାରଣ ସଭା ହୋଇ ଥିଲା। ସଭାରେ ସମ୍ପାଦକ ଆୟ ଓ ବ୍ୟୟର ହିସାବ ଉପସ୍ଥାପନା କରିଥିଲେ ଏବଂ ଏହା ସର୍ବସମ୍ମତି କ୍ରମେ ଗୃହୀତ ହୋଇଥିଲା। ପରେ ପରେ ଶ୍ରୀ ଜଗନ୍ନାଥଙ୍କ ଭକ୍ତ ମନେଇ ସାହୁ ଓ କରମା ବାଇ ଖେଚୁଡ଼ି ବିଷୟରେ ଡକ୍ଟର ଆରତୀ କର ସମ୍ୟକ ଭାବେ କହିଥିଲେ। ମହାପ୍ରଭୁଙ୍କ ଗୀତଗୋବିନ୍ଦ ଭଜନ ଓ ପୁରାତନ ଭଜନର କାର୍ଯ୍ୟକ୍ରମ ହୋଇଥିଲା, ଶ୍ରୀ ଜଗନ୍ନାଥ ପାଞ୍ଚ ରାତ୍ର ଅନୁଷ୍ଠାନ ଉଦେଶ୍ୟ ସ୍କନ୍ଦ ପୁରାଣର ବାର୍ତ୍ତା ଓ ଶ୍ରୀ ଜଗନ୍ନାଥ ଚେତନାର ଜାଗରଣ ରାଜ୍ୟ ଦେଶ ଓ ଦେଶ ବାହାରେ। ପ୍ରଚାର ଓ ପ୍ରସାର ଏକ ପ୍ରୟାସ।

ବାର୍ଷିକ ଉତ୍ସବଟିକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ ପୁରୀ ଶ୍ରୀମନ୍ଦିର ଛତିଶା ନିଯୋଗ ନାୟକ ଜନାର୍ଦ୍ଦନ ପାଟଯୋଶୀ ମହାପାତ୍ର, ପୁରୀ ଝାଞ୍ଜପିଟା ମଠର ମଠାଧୀଶ ବାବାଜୀ ସଚ୍ଚିଦାନନ୍ଦ ଦାସ ମହାରାଜ, ପୁରୀ ଭାଗବତ ଆଶ୍ରମର ବାବା ବ୍ରଜବନ୍ଧୁ ଦାସ, ପୁରୀ ଶ୍ରୀମନ୍ଦିର ମା' ଶୁଭଦ୍ରାଙ୍କ ବାଡଗ୍ରାହୀ ରାମଚନ୍ଦ୍ର ଦାସମହାପାତ୍ର। ମୁଖ୍ୟ ବକ୍ତା ଭାବରେ ବ୍ରହ୍ମଚାରୀ ବାବାଜୀ ସତ୍ୟାନନ୍ଦ ଦାସ ମହାରାଜାଙ୍କ ଦ୍ୱାରା ଶ୍ରୀ ଜଗନ୍ନାଥ କଥାମୃତ ପରିବେଶିତ ହୋଇଥିଲା। ଉତ୍ସବରେ ସମ୍ମାନୀୟ ଅତିଥି ଭାବରେ ପଦ୍ମଶ୍ରୀ (ଡକ୍ଟର) ଅଶୋକ କୁମାର ମହାପାତ୍ର, ଖଣ୍ଡପଡ଼ାର ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ସମାଜସେବୀ ବ୍ରହ୍ମାନନ୍ଦ ମଙ୍ଗରାଜ ଏବଂ ଆରସିଏମ୍ କଲେଜର ଅଧ୍ୟକ୍ଷ ପ୍ରବୀର ପାଲ ଯୋଗଦେଇଥିଲେ।

# ବିଜେପିରେ ଯୋଗଦେଲେ ଉଦଳା ନିର୍ବାଚନମଣ୍ଡଳୀର ନିର୍ବାଚିତ ପ୍ରତିନିଧି

**ଭୁବନେଶ୍ୱର,୯।୨ (ମହାଭାରତ):** ଓଡ଼ିଶାକୁ ବିକଶିତ ରାଜ୍ୟ ଭାବେ ଗଢ଼ି ତୋଳିବାକୁ ବିଜେପି ସରକାର ବଦ୍ଧପରିକର। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ କେନ୍ଦ୍ର ସରକାର ଏବଂ ରାଜ୍ୟରେ ବିଜେପି ସରକାର ଉପରେ ଓଡ଼ିଶାବାସୀଙ୍କ ଆସ୍ଥା ଓ ବିଶ୍ୱାସ ବୃଦ୍ଧି ପାଇବାରେ ଲାଗିଛି। ଅନ୍ୟ ପଟେ ବିଜେଡି ଉପରୁ ଦଳୀୟ କର୍ମୀ ଓ ନେତାଙ୍କ ଆସ୍ଥା ହ୍ରାସ ପାଇଚାଲିଛି। ବିଜେଡି ଉପରୁ ଆସ୍ଥା ହରାଇ ଆଜି ଉଦଳା ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବହୁବନ୍ଧ ଗ୍ରାମପଂଚାୟତ ସରପଂଚ ସୂର୍ଯ୍ୟନାରାୟଣ ମୁର୍ମୁ ଆନୁଷ୍ଠାନିକ ଭାବେ ବିଜେପିରେ ସାମିଲ ହୋଇଛନ୍ତି। ଶ୍ରୀ ମୁର୍ମୁଙ୍କ ସମେତ ପଂଚାୟତ ସମିତି ସଦସ୍ୟ କାଂଚନି ପାତ୍ର, ୱାର୍ଡ ମେମ୍ବର ସରସ୍ୱତୀ ମୁର୍ମୁ, ୱାର୍ଡ ମେମ୍ବର ହେମଲତା ମୁର୍ମୁ, ୱାର୍ଡ ମେମ୍ବର ସନିଆ ମଢେଇ, ପୂର୍ବତନ ୱାର୍ଡ ମେମ୍ବର ଲିଲୋ ଚନ୍ଦ୍ର ବିନ୍ଧାଣି, ପୂର୍ବତନ ୱାର୍ଡ ମେମ୍ବର ବ୍ରଜ ମୋହନ ହୋ, ପୂର୍ବତନ ୱାର୍ଡ ମେମ୍ବର ରଘୁନାଥ ସିଂଙ୍କ ସମେତ ନାରୀନେତ୍ରୀ ଶାନ୍ତିଲତା ମୁର୍ମୁ, ମାନସ ରନ ଦାସ, ଶେଖ ଅୁମ ହୁସେନ, ଦିତିକାନ୍ତ ପାତ୍ର, ଗୌରମୋହନ ସିଂ, ରତିକାନ୍ତ ପାତ୍ର, ଚୁରିଆ ସୋରେନ୍, ଗୋପାଳ ସୋରେନ୍, ଲକ୍ଷ୍ମଣ ମହନ୍ତ, ସାଲଖାନ୍ ମୁର୍ମୁ, ରବିନ୍ଦ୍ର ଦେହୁରୀ, ଯଦୁନାଥ ପାତ୍ର, ଶଶୀଧର ଦେହୁରୀ ଆଜି ବିଜେଡି ଦଳ ତ୍ୟାଗ କରି ବିଜେପିରେ ସାମିଲ ହୋଇଛନ୍ତି। ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ରାଜ୍ୟ ସଭାପତି ମନମୋହନ ସାମଲ ସମସ୍ତ ନୂତନ ସଦସ୍ୟଙ୍କୁ ଟୋପି ଓ ଉତରୀୟ ପ୍ରଦାନ କରି ସ୍ୱାଗତ ଜଣାଇଥିଲେ । ଏହି ମିଶ୍ରଣ ପର୍ବରେ ଉଦଳା ବିଧାୟକ ଭାସ୍କର ମଢେଇ, ରାଜ୍ୟ ପ୍ରବକ୍ତା ବ୍ରଜକିଶୋର ମିଶ୍ର ଉପସ୍ଥିତ ଥିଲେ।



# ପବିତ୍ର ମୋହନ ଜଣେ ସଂଗ୍ରାମୀ ଓ ଆଦର୍ଶବାଦୀ ନେତା

**ଭୁବନେଶ୍ୱର,୯।୨ (ମହାଭାରତ):** ଓଡ଼ିଶାର ଗଡ଼ଜାତ ଅଞ୍ଚଳର ରାଜା, ଜମିଦାରମାନଙ୍କର ଅତ୍ୟାଚାରୀ ଶାସନର ପ୍ରତିବାଦ ସ୍ୱରୂପ ନିଜ ଜୀବନକୁ ବାଜି ଲଗାଇ ସେତେବେଳର ରାଜତନ୍ତ୍ର ଶାସନ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲେ ବିଶିଷ୍ଟ ସଂଗ୍ରାମୀ ତଥା ଓଡ଼ିଶାର ସାଲିସବିହୀନ ନେତା ପବିତ୍ର ମୋହନ ପ୍ରଧାନ । ଦେଶ ଓ ଜାତି ପାଇଁ ତାଙ୍କର ନିର୍ଭୀକତା, ଦାମ୍ଭିକତା ଓ ତ୍ୟାଗ ତାଙ୍କୁ ଅମର କରି ରଖିବ ବୋଲି ତାଙ୍କ ଜୟନ୍ତୀ ସଭାରେ ଅତିଥି ମାନେ ମତ ପ୍ରକାଶ କରିଛନ୍ତି।

ସୂଚନା ଓ ଲୋକସଂପର୍କ ବିଭାଗ ଆନୁକୂଲ୍ୟରେ ଆଜି ସ୍ଥାନୀୟ ଜୟଦେବ ଭବନଠାରେ ଅନୁଷ୍ଠିତ ବିଶିଷ୍ଟ ସଂଗ୍ରାମୀ ତଥା ଓଡ଼ିଶାର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସ୍ୱର୍ଗତ ପବିତ୍ର ମୋହନ ପ୍ରଧାନଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳିତ ହୋଇଯାଇଛି । ଏହି କାଯରୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଲେ ଯେ ପ୍ରାକ୍ ସ୍ୱାଧୀନତା କାଳରେ ରାଜତନ୍ତ୍ର ବିରୋଧୀ ତଥା ପ୍ରଜା ଆନ୍ଦୋଳନର ପ୍ରବକ୍ତା ଥିଲେ ସ୍ୱର୍ଗତ ପବିତ୍ର ମୋହନ ପ୍ରଧାନ । ଓଡ଼ିଶାର ଗଡ଼ଜାତ ଅଞ୍ଚଳର ରାଜା, ଜମିଦାରମାନଙ୍କର ଅତ୍ୟାଚାରୀ ଶାସନର ପ୍ରତିବାଦ ସ୍ୱରୂପ ନିଜ ଜୀବନକୁ ବାଜି ଲଗାଇ ସେତେବେଳର ରାଜତନ୍ତ୍ର ଶାସନ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲେ । ଆଜି ତାଙ୍କର ୧୧୮ ତମ ଜୟନ୍ତୀ ଅବସରରେ ତାଙ୍କର ମହାନ ବ୍ୟକ୍ତିତ୍ୱକୁ ସ୍ମରଣପୂର୍ବକ କିଛି ମାତ୍ରାରେ ଆମେ ଗ୍ରହଣ କରି ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ପାରିଲେ ଏହା ତାଙ୍କ ପାଇଁ ସର୍ବଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି ଶ୍ରୀ ପାତ୍ର କହିଥିଲେ ।

ମୁଖ୍ୟ ବକ୍ତା ଭାବେ ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ପବିତ୍ରମୋହନଙ୍କୁ ଜଣେ ସ୍ପଷ୍ଟବାଦୀ ନେତା କହିବା ସହ ତାଙ୍କ ରାଜନୈତିକ ଜୀବନର ଗୁଣାବଳୀ ବର୍ଣ୍ଣନା କରିଥିଲେ । ଅନ୍ୟାୟ, ଅତ୍ୟାଚାର ଓ ଶୋଷଣ କବଳରୁ ଏ ଜାତିକୁ ମୁକୁଳାଇବା ଥିଲା ବିଶିଷ୍ଟ ସଂଗ୍ରାମୀ ସ୍ୱର୍ଗତ ପବିତ୍ର ମୋହନ ପ୍ରଧାନଙ୍କ ସ୍ୱପ୍ନ । କେନ୍ଦ୍ରରେ ସାଂସଦ ରୂପେ ଏବଂ ପୂର୍ବତନ ଓଡିଶା ସରକାରଙ୍କର ଉପ ମୁଖ୍ୟମନ୍ତ୍ରୀ ତଥା ବିଭିନ୍ନ ବିଭାଗର ମନ୍ତ୍ରୀ ଭାବେ ଓଡିଶାବାସୀଙ୍କ ପ୍ରତି ତାଙ୍କ ଅବଦାନକୁ ଏ ଜାତି ସବୁବେଳେ ମନେ ରଖିବ ।

ସମ୍ମାନିତ ବକ୍ତାଭାବେ ମାଧ୍ୟମିକ ଶିକ୍ଷା ପରିଷଦର ପ୍ରାକ୍ତନ ସଭାପତି ଡ଼ ଧରଣୀଧର ନାଥ ତାଙ୍କ ବକ୍ତବ୍ୟରେ କହିଲେ ଯେ ମୂଲ୍ୟବୋଧ ରାଜନୀତିର ନେତା ପବିତ୍ର ମୋହନ ଥିଲେ ଓଡ଼ିଆ। ସ୍ୱାଭିମାନ ଓ ଲୋକଶକ୍ତିର କିମ୍ବଦନ୍ତୀ ପୁରୁଷ ।

ସମ୍ମାନନୀୟ ଅତିଥି ଭାବେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ପର୍ଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ପ୍ରମୁଖ ସେମାନଙ୍କ ବକ୍ତବ୍ୟରେ ସ୍ୱର୍ଗତ ପବିତ୍ର ମୋହନ ପ୍ରଧାନଙ୍କର ଜୀବନାଦର୍ଶ ସଂପର୍କରେ ବିସ୍ତୃତ ସୂଚନା ଦେବା ସହ ମୂଲ୍ୟବୋଧଭିତ୍ତିକ ଆଦର୍ଶ, ତ୍ୟାଗ, ସଂଗ୍ରାମୀ କାର୍ଯ୍ୟକଳାପ, ସାହିତ୍ୟ ସାଧନା ଏବଂ ସମାଜସେବା ନିମନ୍ତେ ସେ ସର୍ବଦା ସ୍ମରଣୀୟ ଓ ଅମର ଚିରନମସ୍ୟ ବୋଲି ଉଲ୍ଲେଖ କରିଥିଲେ ।ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ ସରୋଜ କୁମାର ସାମଲ କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଦେଇଥିଲେ । ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ର ନାଥ ପରିଡା ଧନ୍ୟବାଦ ଅର୍ପଣ କରିଥିଲେ ।



# ଭ୍ରଷ୍ଟ ସରକାର ବିରୁଦ୍ଧରେ ଅସନ୍ତୋଷର ବିସ୍ଫୋରଣ ହୋଇଛି

**ଭୁବନେଶ୍ୱର,୯।୨ (ମହାଭାରତ):** ଦିଲ୍ଲୀ ବିଧାନସଭା ନିର୍ବାଚନ-୨୦୨୫ରେ ଐତିହାସିକ ବିଜୟ ଲାଭ ପାଇଁ ବିଜେପି କାର୍ଯ୍ୟକର୍ତ୍ତାଙ୍କୁ ରାଜ୍ୟ ସଭାପତି ମନମୋହନ ସାମଲ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଢ ନେତୃତ୍ୱ ତଥା ମାର୍ଗଦର୍ଶନରେ ଦିଲ୍ଲୀବାସୀ ବିଜେପି ଉପରେ ଆସ୍ଥା ପ୍ରକଟ କରି ବିପୁଳ ଜନ ସମର୍ଥନ ଜଣାଇଛନ୍ତି। ଗତ ୨୭ ବର୍ଷ ହେବ ଦିଲ୍ଲୀ ଅବହେଳିତ ଅବସ୍ଥାରେ ଥିଲା, ସେଠାରେ ବିକାଶ ନିମ୍ନଗାମୀ ହୋଇଯାଇଥିଲା। ଗତ ୧୨ ବର୍ଷ ହେବ ଆପ୍ ସରକାର ବିଭିନ୍ନ ଦୁର୍ନୀତିରେ ବୁଡ଼ି ରହିଥିଲା। ଏନେଇ ଦିଲ୍ଲୀବାସୀଙ୍କ ମନରେ ଅସନ୍ତୋଷ ଚରମ ସୀମାରେ ପହଂଚିଥିଲା। ତାହାର ବିସ୍ଫୋରଣ ନିର୍ବାଚନରେ ହୋଇଛି। ଶେଷରେ ଆଜି ସରକାର ପରିବର୍ତ୍ତନ ହୋଇଛି। ବିଜେପିର ଏହି ବିଜୟ ସମସ୍ତଙ୍କୁ ଉତ୍ସାହ ଦେବା ସହ ପ୍ରେରଣା ଯୋଗାଇଛି ବୋଲି ଶ୍ରୀ ସାମଲ କହିଛନ୍ତି। ଦିଲ୍ଲୀକୁ ରାଜ୍ୟ ପାହ୍ୟା ଦେବା ପାଇଁ ଭାରତୀୟ ଜନତା ପାର୍ଟି ଏକ ଲମ୍ବା ସଂଘର୍ଷ କରି ସଫଳ ହୋଇଥିଲା। ଦିଲ୍ଲୀ ରାଜ୍ୟ ପାହ୍ୟା ପାଇବା ପରେ ବିଜେପି ପ୍ରଥମେ ସରକାର ଗଢ଼ିଥିଲା। ଆଗାମୀ ୫ ବର୍ଷ ଭିତରେ ଦିଲ୍ଲୀକୁ ଅଗ୍ରଣୀ ରାଜ୍ୟ ଭାବେ ଗଢ଼ି ତୋଳିବା ପାଇଁ ନୂତନ ବିଜେପି ସରକାର ପ୍ରତିଶ୍ରୁତିବଦ୍ଧ। ଦେଶର ଯେଉଁ ସବୁ ରାଜ୍ୟରେ ଭାରତୀୟ ଜନତାପାର୍ଟିର ସରକାର ଅଛି, ସେଠାରେ ଯେଉଁଭଳି ଭାବେ ବିକାଶର ଧାରା ଆଗେଇ ଚାଲିଛି ସେଭଳି ଭାବେ ଦିଲ୍ଲୀ ମଧ୍ୟ ଆଗେଇବ। ଏହି ଐତିହାସିକ ବିଜୟ ପାଇଁ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି.ନଡ୍ଡା, ଗୃହମନ୍ତ୍ରୀ ଅମିତ ଶାହା, ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା ନୂଆ ଦିଲ୍ଲୀ ନିର୍ବାଚନ ପ୍ରଭାରୀ ଶ୍ରୀ ବୈଜୟନ୍ତ ପଣ୍ଡା ସମେତ ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ରାଜ୍ୟ ସଭାପତି ଶ୍ରୀ ସାମଲ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ।

# ପଣ୍ୟାଗାର ନିଗମ କର୍ମଚାରୀ ମହାସଂଘର ବାର୍ଷିକ ସମ୍ମିଳନୀ

**ଭୁବନେଶ୍ୱର,୯।୨ (ମହାଭାରତ):** ସ୍ଥାନୀୟ ଗୀତଗୋବିନ୍ଦ ସଦନଠାରେ ଆଜି ଅଖିଳ ଭାରତ ରାଜ୍ୟ ପଣ୍ୟାଗାର ନିଗମ କର୍ମଚାରୀ ମହାସଂଘର ୭ମ ବାର୍ଷିକ ସମ୍ମିଳନୀ ଏବଂ ଓଡିଶା ରାଜ୍ୟ ପଣ୍ୟାଗାର ନିଗମ କର୍ମଚାରୀ ସଂଘର ୩୮ତମ ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ସୂଚନା ଓ ଲୋକ ସମ୍ପର୍କ ବିଭାଗର ନିର୍ଦ୍ଦେଶକ ସରୋଜ କୁମାର ସାମଲ ମୁଖ୍ୟ ଅତିଥିଭାବେ ଯୋଗଦେଇ ପଣ୍ୟାଗାର ନିଗମର ସମୃଦ୍ଧି ପାଇଁ କର୍ମଚାରୀମାନଙ୍କୁ ନୀତିନିଷ୍ଠ ସରକାରୀ କର୍ତ୍ତବ୍ୟ ସମ୍ପାଦନ କରିବାକୁ ପ୍ରେରିତ କରିଥିଲେ।

କର୍ମଚାରୀ ସଂଗ୍ରାମ ସମିତିର ପ୍ରତିଷ୍ଠାତା ନଳିନୀ ରଞ୍ଜନ ପତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ଉପମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଡକ୍ଟର ଗଣେଶ୍ୱର ଜେନା, ରାଜ୍ୟ ପଣ୍ୟାଗାର ନିଗମର ପରିଚାଳନା ନିର୍ଦ୍ଦେଶକ ମିହିର ପ୍ରସାଦ ମହାନ୍ତି, ସର୍ବଭାରତୀୟ ସରକାରୀ କର୍ମଚାରୀ ଫେଡେରେସନର ସାଧାରଣ ସମ୍ପାଦକ ଏ. ଶ୍ରୀ କୁମାର, ପଞ୍ଜାବ ପଣ୍ୟାଗାର ନିଗମର ବିନୟ କୁମାର ଶର୍ମା, ରାଜସ୍ଥାନ ପଣ୍ୟାଗାର ନିଗମର ଅମରନାଥ ଶର୍ମା, ମହାସଚିବ ସୁନିଲ ସିଂ ପ୍ରମୁଖ ଯୋଗ ଦେଇଥିଲେ।

ନିମନ୍ତ୍ରିତ ଅତିଥିମାନଙ୍କୁ ମହାସଂଘର ମହାସଚିବ ପ୍ରଭାତ କୁମାର ପରିଡ଼ା ସମ୍ବର୍ଦ୍ଧିତ କରିଥିଲେ। ସାଧାରଣ ସମ୍ପାଦକ ଜ୍ୟୋସ୍ନାମୟୀ ନାୟକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଓଡିଶା ରାଜ୍ୟ ପଣ୍ୟାଗାର ନିଗମ କର୍ମଚାରୀ ସଂଘର ଉପସଭାପତି ସୁଦର୍ଶନ ଖଟୁଆ। ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ସୌମ୍ୟ ପ୍ରକାଶ ଓଝା ଧନ୍ୟବାଦ ଅର୍ପଣ କରିଥିଲେ।



## ଓଷ୍ଟା ବ୍ଲକ୍ ସମ୍ପାଦକଙ୍କ କର୍ମଶାଳା

**ଭୁବନେଶ୍ୱର,୯।୨ (ମହାଭାରତ):** ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା)ର ଦୁଇଦିନିଆ ବ୍ଲକ୍ ସଂପାଦକ କର୍ମଶାଳା ଓଷ୍ଟା ପରିସରରେ କୈଳାସ ଚନ୍ଦ୍ର ମହାପାତ୍ର ସଭାଗୃହରେ ଆୟୋଜିତ ହୋଇଛି । ଏହି ପରିପ୍ରେକ୍ଷୀରେ ଓଷ୍ଟା ଏବଂ ରାଜ୍ୟ ସରକାରଙ୍କର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମିଳିତ ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଆଗାମୀ ଦିନରେ ପ୍ରତି ଜିଲ୍ଲା ଏବଂ ବ୍ଲକ୍ ସ୍ତରରେ ଏହି କାର୍ଯ୍ୟକ୍ରମକୁ ଆଗେଇ ନେବା ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ସଂଗଠନର ସାଧାରଣ ସଂପାଦକ ରଞ୍ଜନ କୁମାର ଦାଶ ଏକ ପ୍ରେସ୍ ବିବୃତ୍ତି ମାଧ୍ୟମରେ ଜଣାଇଛନ୍ତି । ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ତା'ର ରାଜ୍ୟ କାର୍ଯ୍ୟାଳୟ ନୟାସଡ଼କ, କଟକଠାରେ ବ୍ଲକ୍ ସଂପାଦକ କର୍ମଶାଳା ଅବସରରେ ଆଲୋଚନା ଚକ୍ର ଏବଂ ଏକ ରକ୍ତଦାନ ଶିବିରର ଆୟୋଜନ କରିଅଛି ।

# ମୋ ବସ୍‌ରେ ଲାଗିବ ସ୍ପିଡ୍ ବ୍ରେକର

**ଭୁବନେଶ୍ୱର,୯।୨ (ମହାଭାରତ):** ବର୍ତ୍ତମାନ ଅନେକ ସମୟରେ ଲଗାତାର ଭାବେ ରାଜଧାନୀ ରାଜ ରାସ୍ତାରେ ମୋ ବସ୍ ଦୁର୍ଘଟଣାର ଶିକାର ହେଉଛନ୍ତି ଲୋକେ। ମୋ ବସ ଡ୍ରାଇଭରଙ୍କ ବେପରୁଆ। ଗାଡି ଚାଳନା କାରଣରୁ ନିକଟରେ ଏକ ୧୩ ବର୍ଷ ନାବାଳିକାର ଜୀବନ ଯାଇଥିଲା। ନନ୍ଦନକାନନ ରାସ୍ତା ରଘୁନାଥପୁର ନିକଟରେ ଘଟିଥିଲା ଦୁର୍ଘଟଣା। ଯାହାକୁ ନେଇ ଦୀର୍ଘ ସମୟ ପର୍ଯ୍ୟନ୍ତ ନନ୍ଦନକାନନ-ଜୟଦେବବିହାର ମୁଖ୍ୟ ରାସ୍ତା ଅବରୋଧ କରିଥିଲେ ଉତ୍ୟକ୍ତ ଲୋକ।

ଏହାକୁ ନଜରରେ ରଖି ବର୍ତ୍ତମାନ ମୋ ବସ ଡ୍ରାଇଭରଙ୍କ ବେପରୁଆ। ଗାଡି ଚାଳନା ଉପରେ ରୋକ ଲଗାଇବାକୁ ନିଷ୍ପତ୍ତି ନେଇଛନ୍ତି ସରକାର। ସହରରେ ଚାଲୁଥିବା ସରକାରୀ ବସ ୪୦ କିମି ବେଗରୁ ଅଧିକ ସ୍ପିଡ଼ରେ ଚାଲିପାରିବ ନାହିଁ ଏବଂ ସହର ବାହାରେ ଗାଡ଼ିର ବେଗ ୫୦ କିମି ରହିବ ବୋଲି ଏନେଇ ଆଜି ସୂଚନା ଦେଇଛନ୍ତି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର।

ମନ୍ତ୍ରୀ କହିଛନ୍ତି ଯେ, ମୋ ବସ୍ ଡ୍ରାଇଭର ମାନେ ଅନେକ ସମୟରେ ମଦ ପିଇ ଗାଡି ଚଳାଉଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଦୈନିକ ତିନି ଥର ଟେଷ୍ଟ କରାଯାଉଛି। ଏହା ଉପରେ ବାରମ୍ବାର ଅନୁଧ୍ୟାନ କରାଯାଉଛି । ଏହି ପ୍ରକ୍ରିୟା ଭିତରେ ୩ ରୁ ୪ଜଣ ଦୋଷୀ ସାବ୍ୟସ୍ତ ହୋଇଥିବାବେଳେ ତାଙ୍କୁ ଚାକିରିରୁ ବରଖାସ୍ତ ମଧ୍ୟ କରାଯାଇଛି । ଏହା ସହ ଅନ୍ୟାନ କଥାକୁ ମଧ୍ୟ ଗୁରୁତ୍ୱ ଦିଆଯାଉଛି ବୋଲି ସେ କହିଛନ୍ତି।

ଶ୍ରୀ ମହାପାତ୍ର ଆହୁରି କହିଛନ୍ତି ଯେ, ଯେହେତୁ ଭିଡ଼ ହେଉଛି, ସେଥିପାଇଁ କେଉଁଠି ନା କେଉଁଠି ତ୍ରୁଟି ରହୁଛି, ଏହାକୁ ଅନୁଧ୍ୟାନ କରି ଖୁବଶୀଘ୍ର ଏହାର ବ୍ୟବସ୍ଥା ପାଇଁ ଚିନ୍ତା କରାଯାଉଛି ବୋଲି କହିଛନ୍ତି ନଗର ଉନ୍ନୟନ ମନ୍ତ୍ରୀ। ତେବେ ଆଗରୁ ରାଜଧାନୀ ଭିତରେ ମୋ ବସ୍ ର ସ୍ପିଡ୍ ୪୦ ଥିବା ବେଳେ, ସହର ବାହାରେ ଗାଡ଼ିର ବେଗ ୫୦ କିମି ରହିଥିଲା। ହେଲେ ଏହାକୁ ଖାତିର ନକରି ମନଇଚ୍ଛା ବହୁତ ସ୍ପିଡ୍ ରେ ଗାଡିଚଳାଉଛନ୍ତି ଡ୍ରାଇଭର । ଯାଇଁ କାରଣରୁ ଦୁର୍ଘଟଣା ଘଟୁଛି। ଅନ୍ୟପଟେ, ଆଜି ମଧ୍ୟ ମୋ ବସ୍ ଦୁର୍ଘଟଣା ଖବର ସାମ୍ନାକୁ ଆସୁଛି। ଆଜି ସକାଳେ କଟକରେ ଜଣେ ବ୍ୟବସାୟୀଙ୍କୁ ଧକ୍କା ଦେଇଥିଲା ମୋ ବସ୍।

## ପଲିଥିନ ବ୍ୟବହାର

ପୋଲିସ ଓ ପ୍ରଶାସନ ଆଖି ଆଗରେ କେମିତି ପଲିଥିନ ବିକ୍ରୀ ହେଉଛି ତଥାପି କାର୍ଯ୍ୟାନୁଷ୍ଠାନ କିପରି ହେଉନି ? ପ୍ରତିଦିନ ରାଜଧାନୀରେ କେଜି କେଜି ପଲିଥିନ ରାସ୍ତାରେ ପଡୁଛି। ଏହା କ'ଣ ପ୍ରଶାସନ ନଜରରେ ପନୁନି ନା ପ୍ରଶାସନ ସବୁ ଦେଖି କିଛି ନଦେଖିଲା ପରି ରହୁଛି ? ପୁରୀ ଭଳି ଏକ ପର୍ଯ୍ୟଟନ ଏବଂ ଐତିହ୍ୟ ସମ୍ପନ୍ନ ସହରରେ ପଲିଥିନ କଟକଣା ନିହାତି ଜରୁରୀ ହୋଇଥିବା ବେଳେ ସେଠରେ କିଛି ଫରକ ପଡୁନାହିଁ। ଏଥିପାଇଁ କିଏ ଉତ୍ତରଦାୟୀ ରହିବ ? ଅନେକ ସମୟରେ ରାଜ୍ୟ ବା କେନ୍ଦ୍ର ସରକାର ବିଭିନ୍ନ ପ୍ରକାର କଟକଣା ଏବଂ ଆଇନ କାନୁନ ଲାଗୁ କରନ୍ତି। କିନ୍ତୁ ଏହାର କାର୍ଯ୍ୟକାରୀତା ସେଭଳି ସଫଳ ହୋଇନଥାଏ। କାରଣ ଏଥିନେଇ ଜନସଚେତନତାର ଅଭାବ ଏବଂ ଜନ ସହଯୋଗ ମିଳିନଥାଏ। ଲୋକେ ବହୁ ବର୍ଷ ହେବ ଯେଉଁ ଅଭ୍ୟାସରେ ପଡ଼ି ଯାଇଥାନ୍ତି ତାହାକୁ ପରିତ୍ୟାଗ କରିବା ସହଜ ହୋଇନଥାଏ। ସମସ୍ତେ ନିଜ ସ୍ୱାର୍ଥ ସମ୍ପର୍କରେ ଚିନ୍ତା କରୁଛନ୍ତି। ଅନ୍ୟ ସମ୍ପର୍କରେ ଚିନ୍ତା କରିବାର କାହାକୁ ବେଳ ନାହିଁ। ସମସ୍ତେ ଭାବୁଛନ୍ତି ଅନ୍ୟମାନେ ନିୟମ ପାଳନ କରନ୍ତୁ କିନ୍ତୁ ମୋତେ ଟିକେ ନିୟମ କୋହଳ କରାଯାଉ। ସମସ୍ତେ ରାସ୍ତାର ବାମପଟେ ଯାଆନ୍ତୁ ମୁଁ ଟିକେ ଅସୁବିଧାରେ ଅଛି। ତେଣୁ ମୋତେ ଡାହାଣପଟେ ଯିବାକୁ ସୁଯୋଗ ଦିଆଯାଉ। ନିୟମ ଭାଙ୍ଗିବା ବା ଆଇନ ସହ ସାଲିସ କରିବା ଆମ ଚରିତ୍ରର ଏକ ଅଙ୍ଗ ହୋଇଗଲାଣି। ଏତେ ବୁଝାଇବା ସତ୍ତ୍ୱେ ଏବେ ବି ଅନେକ ଦୁଇଚକିଆ ଯାନ ଚାଳକ ମୁଣ୍ଡରେ ହେଲମେଟ ପିନ୍ଧୁ ନାହାଁନ୍ତି। କରୋନା ସଂକ୍ରମଣ ବଢ଼ିବା ସତ୍ତ୍ୱେ ମୁହଁ ମାସ୍କ ପିନ୍ଧିବାକୁ କେହି ଜରୁରୀ ମନେ କରୁ ନାହାଁନ୍ତି। ଅନେକ ବର୍ଷ ତଳୁ ରାଜ୍ୟରେ ପଲିଥିନ ବ୍ୟାନ ହେଲାଣି। କିନ୍ତୁ ଏହା କେବଳ କାଗଜପତ୍ରରେ ସୀମିତ ରହିଛି। ମଝିରେ ମଝିରେ ପଲିଥିନ ବ୍ୟବହାର ବନ୍ଦ କରିବା ଲାଗି ପୋଲିସ ଚଢ଼ଉ କରେ ଏବଂ ଜୋରିମାନା ବି ହୋଇଥାଏ। କିନ୍ତୁ କିଛି ଦିନ ପରେ ପରିସ୍ଥିତି ପୁଣି ଯାହାକୁ ସେଇଆ। ଲୋକେ ପଲିଥିନ ବ୍ୟାବାହାରରେ ଏତେ ଅଭ୍ୟସ୍ତ ହୋଇଗଲେଣି ଯେ, ଏହାକୁ ଛାଡ଼ିବା ସମ୍ଭବ ହୋଇପାରୁନି। ଅସଲ କଥା ହେଲା ଏହାର ବିଷମ ପରିଣତି ସମ୍ପର୍କରେ ଲୋକେ ସଚେତନ ହେଉ ନାହାଁନ୍ତି। ପଲିଥିନ ବ୍ୟାବାହାର ଉପରେ କଟକଣା ଆମର ସୁରକ୍ଷା ଏବଂ ସ୍ୱାର୍ଥ ରକ୍ଷା ନିମନ୍ତେ ଉଦ୍ଦିଷ୍ଟ। ସାରା ବିଶ୍ୱର ସୁରକ୍ଷା ଏବଂ ମାନ ଜାତିର ଭବିଷ୍ୟତ ଲାଗି ଏହା ଜରୁରୀ, ଏହାକୁ ଆମେ ହୃଦୟଙ୍ଗମ କରିପାରୁନାହୁଁ। ସ୍କୁଲ, କଲେଜରେ ଏ ସମ୍ପର୍କରେ ପାଠ ପଢ଼ାଯାଉଛି, ପ୍ରଚାର ପ୍ରସାରରେ କୋଟି କୋଟି ଟଙ୍କା ବ୍ୟୟ କରାଯାଉଛି। କିନ୍ତୁ ଏହା ସତ୍ତ୍ୱେ ସୁଫଳ ମିଳୁନି। ତେଣୁ ଏହାର ଶେଷ ଅସ୍ତ୍ର ହେଲା କଠୋର ଦଣ୍ଡବିଧାନ। ଗତ ପହିଲାରୁ ଦେଶବ୍ୟାପି ପଲିଥିନ ବା ସିଙ୍ଗଲ ୟୁଜ ପ୍ଲାଷ୍ଟିକ ବ୍ୟବହାର ଉପରେ କଟକଣା ଜାରି କରାଯାଇଛି। ପରିବେଶ ସୁରକ୍ଷା ଲାଗି ଏହା ନିହାତି ଜରୁରୀ। ନଚେତ ପ୍ରଦୂଷଣ ଏତେ ମାତ୍ରାରେ ବଢ଼ିଯିବ ଯେ ଏହାକୁ ସମ୍ଭାଳିବା କଷ୍ଟକର ହୋଇଯିବ। ସାରା ବିଶ୍ୱ କଥା ଛାଡ଼ନ୍ତୁ, ଭାରତରେ ଲକ୍ଷ ଲକ୍ଷ ଟନ ପଲିଥିନ ଏବେ ଗଦା ହୋଇଛି। ପ୍ରତିଦିନ ଏହାର ଉତ୍ପାଦନ ହେଉଛି। ଯେଉଁଠି ମାଟି ଖୋଳିବ ସେଠାରେ ପଲିଥିନ ବାହାରିବ। ନଦୀ-ସମୁଦ୍ରରେ ମଧ୍ୟ ଟନ ଟନ ପଲିଥିନ ରହିଛି। ମାଟି, ପାଣି,ପବନ ସବୁ କିଛି ଏହା ଦ୍ୱାରା ପ୍ରଦୂଷିତ ହେଉଛି। କାରଣ ଏହା ହଜାର ହଜାର ବର୍ଷ ପରେ ମଧ୍ୟ ସେମିତି ରହିଥିବ, ମାଟିରେ ମିଶିନଥିବ। ଏଭଳି ପରିସ୍ଥିତିରେ ଏହାକୁ ମୂଳରୁ ଅର୍ଥାତ ଉତ୍ପାଦନ କେନ୍ଦ୍ରରୁ ବନ୍ଦ କରାଯିବା ଉଚିତ। ଦୋକାନରେ ଚଢ଼ାଉ କଲେ ଏହାର ପ୍ରଭାବ ସୀମିତ ରହିବ। ଆଉ ଏହା ବିରୋଧରେ କାର୍ଯ୍ୟାନୁଷ୍ଠାନ ନିରନ୍ତର ଜାରି ରହିବା ଉଚିତ। କିଛି ଦିନ ପର୍ଯ୍ୟନ୍ତ କାର୍ଯ୍ୟାନୁଷ୍ଠାନ ପରେ ପୁଣି ସବୁ କିଛି ଧିମେଇ ଗଲେ କିଛି ଲାଭ ହେବ ନାହିଁ।

## 'କୋଟା'ର କଣ୍ଟା ଓ ସ୍ୱପ୍ନର ସମାଧି

॥ ଡାକ୍ତର ସମ୍ରାଟ କର ॥

“ ପ୍ରତି ବର୍ଷ ଭାରତର ପ୍ରାୟ ସମସ୍ତ ଅଞ୍ଚଳରୁ ପନ୍ଦର ବା ଷୋହଳ ବର୍ଷ ବୟସର ପ୍ରାୟ ଦେଢ଼ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ସେମାନଙ୍କ ବ୍ୟାକ ପ୍ୟାକ ଏବଂ କୌଣସି ଗୋଟିଏ ଅଗ୍ରଣୀ ଇଂଜିନିୟରିଂ ବା ମେଡ଼ିକାଲ କଲେଜରେ ନାମ ଲେଖାଇବାର ସ୍ୱପ୍ନ ନେଇ ଏହି ସହରରେ ପ୍ରବେଶ କରୁଥିବା ଅଭିଭାବକ ଗଣ ଏ ନେଇ ସଚେତନ ଥାଆନ୍ତି ଯେ ଏହି ସ୍ୱପ୍ନଭୁକ ମାନଙ୍କ ମଧ୍ୟରୁ କିୟଦଂଶ ମାତ୍ର ଆଶାନୁରୂପକ ସାଫଲ୍ୟ ଲାଭ କରିବେ ଏବଂ ଅବଶିଷ୍ଟ ବିଫଳତାର ଗ୍ଲାନି ବହନ କରି ଅଗତ୍ୟା କୋଟାରୁ ରିକ୍ତ ହସ୍ତରେ ପ୍ରତ୍ୟାବର୍ତ୍ତନ କରିବେ।

ଗଲା ଅଗଷ୍ଟ ୧୫ ତାରିଖରେ ରାଜସ୍ଥାନର କୋଟା ସହରରେ ପୁନର୍ବାର ଜଣେ ଅଠର ବର୍ଷର ତରୁଣ ଆତ୍ମହତ୍ୟା କରିଛନ୍ତି ଯାହା ସହିତ କେବଳ ଚଳିତ ବର୍ଷ କୋଟାରେ ଆତ୍ମହତ୍ୟା କରିଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ୨୧ରେ ପହଞ୍ଚିଛି। ଏହି ଛାତ୍ର ଜଣକ ଆଇଆଇଟି ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ଲାଗି କୋଚିଂ ନେବାକୁ ଏହି ସହରରେ ପାଦ ଦେଇଥିଲେ।' - ବଡ଼ ବ୍ୟସ୍ତଭରା କଣ୍ଠରେ ଏକାସ୍ୱରରେ କହିଗଲେ ମୋ କ୍ଷୀପ୍ରଲିପ ଅନୁଜ ପ୍ରତୀମ ଶ୍ରୀକାନ୍ତ। ମୁଁ ତାଙ୍କ ବ୍ୟସ୍ତତା ଓ ବର୍ତ୍ତମାନର କୋଟାରେ ଆଶାୟୀ ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା ଘଟଣାକୁ ଲକ୍ଷ୍ୟ ରଖି ସବୁ ଜାଣି ପାରି କହିଲି କଥା ଆଜିର ନୁହଁ। ୮୦ଦଶକରୁ ଛାତ୍ରଙ୍କୁ ଏଠି ଜୀବନ୍ତ ମେସିନ ବନେଇବାର ପ୍ରକ୍ରିୟା ଆରମ୍ଭ ହୋଇଛି। ଏଠାରେ ଗୋଟିଏ କୋଚିଂ ସେଣ୍ଟରର ଛାତ୍ର ଆଇଆଇଟି ପାଇବା ପରେ ତାହା ରାତାରାତି ବିଖ୍ୟାତ ହୋଇଗଲା। ତାପରେ ଛତୁ ଫୁଟିଲା ପରି କୋଟାରେ ଅନ୍ୟ କୋଚିଂ ସେଣ୍ଟର ଗୁଡ଼ିକ ଗଢ଼ି ଉଠିଲେ। ଛାତ୍ରସଂଖ୍ୟା ବଢ଼ିଲା ଏବଂ ଛାତ୍ରଙ୍କ ପାଇଁ ହଷ୍ଟେଲ ସଂଖ୍ୟା ମଧ୍ୟ ବଢ଼ିଲା। ଅନେକ କ୍ୟାଣ୍ଟିନ ବି ଖୋଲିଲା। ଚା ଜଳଖିଆ ଦୋକାନ ଓ ଅଟୋରିକ୍ସା ଆଦି ଛାତ୍ରଙ୍କ ସେବା ପାଇଁ ଗଢ଼ି ଉଠିଲେ। ସମସ୍ତଙ୍କ ଟାର୍ଗେଟରେ ରହିଲେ ୧୫-୧୬ ବର୍ଷର ଛାତ୍ରଛାତ୍ରୀ।

ବାସ୍ତବ କଥା ହେଉଛି କୋଟା ବାରୁଦଗଦା ଉପରେ ଅବସ୍ଥିତ। ବିସ୍ଫୋରିତ ହେଲେ ସବୁକିଛି ପାଉଁଶ ହୋଇଯିବ। ମୃତ ଶୈଶବ ଉପରେ ଠିଆ ହୋଇଛି ସହର। ଆପଣ କୋଟା ଯାଆନ୍ତୁ, ରେଳ ଷ୍ଟେସନରୁ ବାହାରିବା ମାତ୍ରେ ଅଟୋ ଚାଳକମାନେ ଆପଣଙ୍କୁ ଘେରିଯିବେ। କିଏ କହିବ ଆପଣଙ୍କ ପିଲା ପାଇଁ ଭଲ ହଷ୍ଟେଲ ଯୋଗାଇଦେବ, କିଏ କହିବ ଶସ୍ତାରେ ସବୁଠାରୁ ଭଲ କୋଚିଂ ସେଣ୍ଟରରେ ନାଁ ଲେଖାଇ ଦେବ। ରେଳ ଷ୍ଟେସନରୁ ହିଁ କୋଚିଂ ସେଣ୍ଟରଗୁଡ଼ିକ ପାଇଁ ମାର୍କେଟିଂ ଆରମ୍ଭ ହୋଇଯାଏ।

ଚଳିତ ବର୍ଷ ପ୍ରାୟ ୩ ଲକ୍ଷ ଛାତ୍ରଛାତ୍ରୀ ଏଣ୍ଟ୍ରାନ୍ସ ପରୀକ୍ଷା ପ୍ରସ୍ତୁତି ପାଇଁ କୋଟା ଆସିଛନ୍ତି। ରବିବାର ବି ଏଠି ପିଲାଙ୍କ ପାଇଁ ଛୁଟି ନାହିଁ। କେଉଁଠି ପିଲା ପରୀକ୍ଷା ଦେବାକୁ କୋଚିଂ ସେଣ୍ଟର ଯାଇଥାଏ ଆଉ କେଉଁଠି ରାତି ଅନିଦ୍ରା ମେଣ୍ଟାଇବା ପାଇଁ ବିଶ୍ରାମ ନେଉଥାଏ। ପିଲାମାନେ ନିଜର ଲୁଗାପଟା ବି ସଫା କରନ୍ତିନି। ତାହା ହଷ୍ଟେଲ କର୍ମଚାରୀ କରନ୍ତି। କୋଚିଂ କ୍ଲାସ ସକାଳ ସାଢ଼େ ୬ଟାରୁ ଆରମ୍ଭ ହୁଏ ଏବଂ ପିଲାମାନେ ରାତି ୨ଟା ଯାଏ ପାଠ ପଢ଼ନ୍ତି। ସେମାନଙ୍କ ରୁଟିନ ଏତେ ଟାଇଟ ଯେ ନିଃଶ୍ୱାସ ନେବାକୁ ସମୟ ନଥାଏ। ତେବେ କଠିନ ପରିଶ୍ରମ ସତ୍ତ୍ୱେ ସବୁ ପିଲା ଆଇଆଇଟି ବା ମେଡ଼ିକାଲ ପାଆନ୍ତିନି। କେତେକ ପିଲା ଭଗ୍ନ ସ୍ୱପ୍ନ ନେଇ ଘରକୁ ଫେରନ୍ତି ଓ ଆଉ କେତେକ ଫେରନ୍ତିନି।

ଜଣେ ଛାତ୍ରଙ୍କ କହିବା ଅନୁସାରେ ସେ ଲେଖକ ହେବାକୁ ଚାହୁଁଥିଲେ। ସେ କିଛି ଗପ ଲେଖିଥିଲେ ଯାହାକୁ ତାଙ୍କ ବାପା ଚିରିଦେଲେ। ତାଙ୍କ ମାଆ ତାଙ୍କ ସହ କଥାବାର୍ତ୍ତା କରିବା ବନ୍ଦ କରିଦେଲେ। ଏବେ ସେ କୋଟାରେ ରହି ଡାକ୍ତର ହେବା ପାଇଁ ପ୍ରସ୍ତୁତ ହେଉଛନ୍ତି। ପିଲାମାନଙ୍କୁ ନିଜର ସ୍ୱପ୍ନକୁ ଚୁରମାର କରି ବାପାମାଆଙ୍କ ସ୍ୱପ୍ନ ପୂରଣ କରିବାକୁ ବାଧ୍ୟ କରାଯାଉଛି। ଶେଷରେ ମାନସିକ ଚାପ, ହତାଶା ଓ ଅବସାଦରେ ଅନେକ ଛାତ୍ର ଆତ୍ମହତ୍ୟା କରିବାକୁ ବାଧ୍ୟ ହେଉଛନ୍ତି।

ପ୍ରତି ବର୍ଷ ଭାରତର ପ୍ରାୟ ସମସ୍ତ ଅଞ୍ଚଳରୁ ପନ୍ଦର ବା ଷୋହଳ ବର୍ଷ ବୟସର ପ୍ରାୟ ଦେଢ଼ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ସେମାନଙ୍କ ବ୍ୟାକ ପ୍ୟାକ ଏବଂ କୌଣସି ଗୋଟିଏ ଅଗ୍ରଣୀ ଇଂଜିନିୟରିଂ ବା ମେଡ଼ିକାଲ କଲେଜରେ ନାମ ଲେଖାଇବାର ସ୍ୱପ୍ନ ନେଇ ଏହି ସହରରେ ପ୍ରବେଶ କରୁଥିବା ଅଭିଭାବକ ଗଣ ଏ ନେଇ ସଚେତନ ଥାଆନ୍ତି ଯେ ଏହି ସ୍ୱପ୍ନଭୁକ ମାନଙ୍କ ମଧ୍ୟରୁ କିୟଦଂଶ ମାତ୍ର ଆଶାନୁରୂପକ ସାଫଲ୍ୟ ଲାଭ କରିବେ ଏବଂ ଅବଶିଷ୍ଟ ବିଫଳତାର ଗ୍ଲାନି ବହନ କରି ଅଗତ୍ୟା କୋଟାରୁ ରିକ୍ତ ହସ୍ତରେ ପ୍ରତ୍ୟାବର୍ତ୍ତନ କରିବେ। ତଥାପି ବିସ୍ମୟର ବିଷୟ ହେଲା ବର୍ଷ ପରେ ବର୍ଷ କୋଟାର ଦୁର୍ବାର ମୋହରୁ ଛାତ୍ରଛାତ୍ରୀ ଏବଂ ସେମାନଙ୍କ ଅଭିଭାବକମାନଙ୍କୁ ମୁକ୍ତି ମିଳୁନାହିଁ। ଏହାର କାରଣ କଣ ?

ପ୍ରବେଶିକା ପରୀକ୍ଷାଗୁଡ଼ିକରେ ମୁଷ୍ଟିମେୟ ଛାତ୍ରଛାତ୍ରୀଙ୍କ ସଫଳତାକୁ ନେଇ ଯେଉଁଭଳି ପ୍ରଶସ୍ତି ଓ ବିଜ୍ଞାପନର ବନ୍ୟା ସୃଷ୍ଟି କରାଯାଏ, ତହିଁରେ କୋଟା ଅଧିକ ଆକର୍ଷଣୀୟ ହୋଇ ଉଠେ ସତ କିନ୍ତୁ ସଂଖ୍ୟାଧିକ ଛାତ୍ରଛାତ୍ରୀ ସମସ୍ତଙ୍କ ଅଲକ୍ଷ୍ୟରେ ବିଫଳତାର ଅନ୍ଧକାର ମଧ୍ୟରେ ବିଧ୍ୱସ୍ତ କରୁଥିବା ପିଲାମାନ ସେମାନଙ୍କ ପ୍ରଦର୍ଶନ ଆଧାରରେ ଅତ୍ୟନ୍ତ ନିଷ୍ଠୁର ଏବଂ କଠୋର ବର୍ଗୀକରଣର ଶିକାର ହୁଅନ୍ତି, ଯାହା ଫଳରେ ଅପେକ୍ଷାକୃତ ନିମ୍ନ ପ୍ରଦର୍ଶନକାରୀମାନେ ଗଭୀର ହୀନମନ୍ୟତା ମଧ୍ୟକୁ ନିକ୍ଷେପିତ ହୁଅନ୍ତି ଏବଂ ତାରକା ଛାତ୍ରଛାତ୍ରୀମାନେ ମଧ୍ୟ ଆଶା ଅନୁକୂଳ ପ୍ରଦର୍ଶନ ବଜାୟ ରଖିବା ଲାଗି ଭୀଷଣ ଚାପର ବଶବର୍ତ୍ତୀ ହୁଅନ୍ତି। ଏଭଳି ସ୍ଥଳେ ପ୍ରତିଦ୍ୱନ୍ଦ୍ୱିତାର ଅସହନୀୟ ଚାପରୁ ଚିରନ୍ତନ ମୁକ୍ତି ପାଇବା ଲାଗି ସେମାନଙ୍କ ମଧ୍ୟରୁ କେହି କେହି ହୁଏତ ଚରମ ପନ୍ଥା ବାଛି ନେବାକୁ ବାଧ୍ୟ ହୁଅନ୍ତି। ଏଥିରେ ଦ୍ୱିରୁକ୍ତି ନାହିଁ ଯେ କୈଶୋର ଏବଂ ଆଦ୍ୟ ତାରୁଣ୍ୟର ସନ୍ଧି ସ୍ଥଳରେ ଉପସ୍ଥିତ ଏହି ଛାତ୍ରଛାତ୍ରୀମାନେ ପରିବାର ଠାରୁ ଦୂରରେ ଏକ ନିଃସଙ୍ଗ ବାତାବରଣରେ ସ୍ୱପ୍ନ ଚରିତାର୍ଥ କରିବାର ସଂଘର୍ଷରେ ଲିପ୍ତ ଥିବା ବେଳେ ଆଉ ଯେଉଁ ଏକ ଗ୍ଲାନିବୋଧ ସେମାନଙ୍କୁ ଅହରହ ଦଂଶନ କରି ଚାଲିଥାଏ, ତାହା ହେଲା ସେମାନଙ୍କ ଲାଗି ସେମାନଙ୍କର ପରିବାର ବହନ କରୁଥିବା ଆର୍ଥିକ ବୋଝ, ଯାହା ବାର୍ଷିକ ଦୁଇ ଲକ୍ଷରୁ ଆରମ୍ଭ କରି ପାଞ୍ଚ ଲକ୍ଷ ପର୍ଯ୍ୟନ୍ତ ହୋଇପାରେ। ଏଭଳି ସ୍ଥିତିରେ ଉତ୍ତମ ପ୍ରଦର୍ଶନରେ ବିଫଳତା ଅନେକ ଛାତ୍ରଛାତ୍ରୀଙ୍କୁ ଆତ୍ମହତ୍ୟାକାମୀ କରାଇଥାଏ।

ମୂଳକଥା ହେଉଛି ଆଜିର ଛାତ୍ରଛାତ୍ରୀମାନେ ନିଜ ଭବିଷ୍ୟତକୁ ଚିନ୍ତା କରି କ୍ୟାରିୟର ମନସ୍କ ହୁଅନ୍ତି। କିନ୍ତୁ ଏହାକୁ ନେଇ ଅତ୍ୟଧିକ ଚାପକୁ ନିମନ୍ତ୍ରଣ କରନ୍ତୁ ନାହିଁ କାରଣ ଜୀବନଟି ଖୁବ ଲମ୍ବା। ଗୋଟିଏ ନିର୍ଦ୍ଦିଷ୍ଟ ଉପଲବ୍ଧିକୁ ହାସଲ କରିବାକୁ ହେଲେ ଜୀବନଟାକୁ ବଳୀଦାନ ଦେବା ଉଚିତ କି ? ସେହିପରି ଅନ୍ୟ ଏକ କଥା ହେଉଛି ଅଭିଭାବକମାନେ ପିଲାମାନଙ୍କ ଉପରେ ଅତ୍ୟଧିକ ଚାପ ଦିଅନ୍ତୁ ନାହିଁ। କାରଣ ଅତ୍ୟଧିକ ଚାପ ଜଣକୁ ବ୍ୟସ୍ତ ବିବ୍ରତ କରିଦେଇଥାଏ ଏବଂ ଏହା ମାନସିକ ଏକାଗ୍ରତା ପାଇଁ ମଧ୍ୟ ବାଧକ ଆଉ ଏହି ଚାପ ଜନିତ କାରଣ ପାଇଁ ଜଣେ ନାଁ ଠିକ ଭାବେ ଖାଇପାରେ ନାଁ ଠିକ ଭାବେ ବିଶ୍ରାମ ନେଇପାରେ। ସେମାନେ ଏକ ପ୍ରକାର ବିଚିତ୍ର ତ୍ରିଶଙ୍କୁ ଭିତରେ ଝୁଲିଲା ପରି ମାନସିକ ଅବସାଦ ଭିତରକୁ ଠେଲି ହୋଇଯାଆନ୍ତି ଏବଂ ଅନେକ କ୍ଷେତ୍ରରେ ଦୁର୍ଭାଗ୍ୟକୁ ସେମାନଙ୍କର ମାନସିକ କ୍ଷେତ୍ରକୁ ଆଶ୍ୱାସନା, ପ୍ରବୋଧନା ଦେବା ପାଇଁ ପାଖ ଲୋକ ଜଣେ କେହି ନଥାଏ। ତେଣୁ ଏପରି ସମୟରେ କେବଳ ମନସ୍ତତ୍ତ୍ୱବିତଙ୍କ ପଇଁ ନୁହଁ ଅଭିଭାବକମାନଙ୍କ ସହ ଶିକ୍ଷାବିତ, ବୁଦ୍ଧିଜୀବୀ ସର୍ବୋପରି ଏହି ତଥାକଥିତ ଶିକ୍ଷା କେନ୍ଦ୍ରର ପ୍ରତିଷ୍ଠାତା ଓ ସଂସ୍ଥାପକ ମାନଙ୍କର ଗୁରୁଦାୟିତ୍ୱ ରହିଛି। କୋମଳମତି ଛାତ୍ରଛାତ୍ରୀମାନେ କାରୁଣ୍ୟର ଅସୁମାରୀ ସ୍ୱପ୍ନ ଚରିତାର୍ଥ କରିବା ପାଇଁ ନିଶ୍ଚିନ୍ତ ଉପଲବ୍ଧି ହାସଲ ନହେଲେ ମୃତ୍ୟୁପଥକୁ ଗ୍ରହଣ କରନ୍ତୁନାହିଁ। ପିଲାମାନେ କୌଣସି ପ୍ରକାର ମାନସିକ ଅବସାଦର ଶିକାର ହେଲେ ତୁରନ୍ତ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ।

ପୁରୀଘାଟ ରୋଡ଼, କଟକ, ଦୂରଭାଷ : ୯୧୩୨୪୩୩୩୩୩

## ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଅନୁଚିନ୍ତନରେ ଦେବଭାଷା ସଂସ୍କୃତ

॥ ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥

ସଂସ୍କୃତ ଭାଷାର ପ୍ରାଚୀନତା, ବ୍ୟାପକତା ତଥା ଏହାର ବିପ୍ତତ୍ତି ପାଇଁ ସାଧାରଣରେ ଭାଷା ପ୍ରତି ଶ୍ରଦ୍ଧା ରଖୁଥିବା ପ୍ରତିଟି ଲୋକପାଇଁ ଆଜି ହେଉଛି ଏକ ଅତ୍ୟନ୍ତ ପବିତ୍ରତମ ଦିବସ । ଦେବଭାଷା ସଂସ୍କୃତର ପ୍ରାଚୀନତା କାହାକୁ ବା ଅଜଣା । ଏହି ଭାରତୀୟ ଆର୍ଯ୍ୟ ଭାଷାରୁ ଅଧିକାଂଶ ଭାରତୀୟ ଓ ବିଶ୍ୱ ଭାଷାର ସୃଷ୍ଟି । ଏହି ଭାଷା ଏବେ ବିଲୁପ୍ତ ପ୍ରାୟ । ୨୦୨୦ର ଏକ ପରିସଂଖ୍ୟାନ ଅନୁଯାୟୀ ସମଗ୍ର ଭାରତବର୍ଷରେ ସଂସ୍କୃତ ଭାଷାଭାଷୀଙ୍କ ସଂଖ୍ୟା ୧,୧୪,୧୩୫ ମଧ୍ୟରେ ସୀମିତ । ଏହି ପରିପ୍ରେକ୍ଷୀରେ କର୍ଣ୍ଣାଟକ ଅନ୍ତର୍ଗତ ମାତ୍ତୁର ଗ୍ରାମର ସମସ୍ତ ବାସିନ୍ଦା କେବଳ ଏହି ଭାଷାରେ କଥାବର୍ତ୍ତା ହେଉଥିବା ଶୁଣିଲେ ଆଶ୍ଚର୍ଯ୍ୟ ହେବାକୁ ହୁଏ । ସିମୋଗା ସହରଠାରୁ ମାତ୍ର ୧୦ କିମି ଦୂରରେ ଏହି ଗାଁ ଅବସ୍ଥିତ ଏବଂ ଗ୍ରାମବାସୀଙ୍କ ବ୍ୟାବହାରିକ ଭାଷା ସଂସ୍କୃତ । ଉଲ୍ଲେଖନୀୟ ଯେ, ଗ୍ରାମବାସୀଙ୍କର ଜୀବିକା କୃଷି । ୧୯୮୨ ପର୍ଯ୍ୟନ୍ତ ସେମାନଙ୍କର ମାତୃଭାଷା ଥିଲା କନ୍ନଡ଼ । ସେହି ବର୍ଷ ସଂସ୍କୃତ ଭାରତୀ ନାମକ ଅନୁଷ୍ଠାନ ଭାଷା ପ୍ରଚାର ପାଇଁ ବାଛିଥିଲା ମାତ୍ତୁର୍ ଗାଁକୁ । ଅନୁଷ୍ଠାନ ସହ ଜଡ଼ିତ ସ୍ୱେଚ୍ଛାସେବୀମାନେ ଏକ ୧୦ ଦିନିଆ ଶିକ୍ଷା ଯୋଜନାରେ ସଂସ୍କୃତରେ କିପରି କଥାବାର୍ତ୍ତା କରିହେବ ସେଠାକାର ବାସିନ୍ଦାଙ୍କୁ ଶିଖାଇଲେ । ସ୍ଥାନୀୟ ଲୋକେ ମଧ୍ୟ ଆଗ୍ରହରେ ତାହା ଗ୍ରହଣ କଲେ । ଏମିତି ଜଣେ ଅନ୍ୟକୁ ଶିଖାଇଲା । ପିଲାମାନେ ବି ଶିଖିଲେ । କିଛି ବର୍ଷ ମଧ୍ୟରେ ସମସ୍ତେ ପାଲଟିଗଲେ ସଂସ୍କୃତଭାଷୀ ଏବଂ ସେହି ଭାଷାକୁ ବ୍ୟବହାର କଲେ ଭାବ ପରିପ୍ରକାଶ ପାଇଁ । ମାତ୍ତୁର୍‌ବାସୀଙ୍କ ପ୍ରଭାବରେ ଆସି ନିକଟବର୍ତ୍ତୀ ହୋସାହାଲି ଗ୍ରାମର ଲୋକେ ମଧ୍ୟ ଏବେ ସଂସ୍କୃତରେ କଥାବାର୍ତ୍ତା ହେଉଛନ୍ତି । ପୁଣି ମଧ୍ୟ ପ୍ରଦେଶ ଅନ୍ତର୍ଗତ ରାଜଗଡ଼ ଜିଲ୍ଲା ଅନ୍ତର୍ଗତ ଝିରି ଗାଁର ଲୋକେ ମଧ୍ୟ ସଂପ୍ରତି କେବଳ ସଂସ୍କୃତରେ କଥା ହେଉଥିବା ପ୍ରକାଶ । ଏମିତି ଧୀରେ ଧୀରେ ସଂସ୍କୃତ ଭାଷାର ପୁନରୁଦ୍ଧାର ହେଉଛି ।

ସାଧାରଣରେ ବେଦ ଭାଷା ବା ଭଗବାନଙ୍କ ଭାଷାରୂପେ ସଂସ୍କୃତକୁ ସମସ୍ତେ ବୁଝନ୍ତି । ତେବେ ଭାରତ ବାହାରେ ଅନେକ ଜାଣି ଆଶ୍ଚର୍ଯ୍ୟ ହେବେ ଯେ, ନେପାଳ, ଶ୍ରୀଲଙ୍କା, ଫିଲିପାଇନସ୍ ପରି କିଛି ବିଦେଶ ରାଷ୍ଟ୍ରରେ ସଂସ୍କୃତ ଭାଷାକୁ ସ୍ଥାନୀୟ ସରକାର ସମ୍ମାନ ଦେବା ସହ ସେମାନଙ୍କର ସରକାରୀ ଭାଷା ସିଡୁଲ୍‌ରେ ସଂସ୍କୃତ ପରି ପ୍ରାଚୀନତମ ଭାଷା ବି ସ୍ଥାନିତ ହୋଇଛି । ତେବେ ସାଧାରଣରେ ହିନ୍ଦୀ ଓ ସଂସ୍କୃତ ଅପେକ୍ଷା ହିନ୍ଦୀକୁ ରାଷ୍ଟ୍ରଭାଷା ରୂପେ ଗ୍ରହଣ କରାଯାଇଥିବାରୁ ସଂସ୍କୃତ ଭାଷା କିଛିକାଂଶରେ ପଛୁଆ ପଡ଼ିଯାଇଛି କହିଲେ ଭୁଲ୍ ହେବନାହିଁ । ସଂସ୍କୃତ ଭାଷାକୁ ଗୁଜୁରାଟ, ମହାରାଷ୍ଟ୍ର, କର୍ଣ୍ଣାଟକ, ତାମିଲନାଡୁ, କେରଳ ପରି ରାଜ୍ୟରେ ବହୁତ ଗୁରୁତ୍ୱ ଦିଆଯାଏ । ଏହି ରାଜ୍ୟମାନଙ୍କରେ ସଂସ୍କୃତ ବହିର ବ୍ୟାପକ ବିକ୍ରି ହେବା ସହିତ ସଂସ୍କୃତ ଭାଷାରେ କଥାବାର୍ତ୍ତା ଅଧିକାଂଶ ଲୋକ ହୋଇଥାନ୍ତି । ତେବେ ସବୁଠାରୁ ବଡ଼ କଥା ହେଉଛି ହଜାର ହଜାର ବର୍ଷ ତଳର ଏହି ଅତ୍ୟନ୍ତ ଲୋକପ୍ରିୟ ତଥା ଶୁଦ୍ଧ ଭାଷା କିନ୍ତୁ ସରକାରୀ ସ୍ତରରେ ସେପରି ପ୍ରୋତ୍ସାହନ ପାଉନାହିଁ । ବିଶ୍ୱବିଦ୍ୟାଳୟ ବା ବଡ଼ ବଡ଼ ମହାବିଦ୍ୟାଳୟରେ ସଂସ୍କୃତ ଭାଷାକୁ ପାଠ୍ୟକ୍ରମରେ ଗ୍ରହଣ କରୁଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା କମ୍ । ଏ କ୍ଷେତ୍ରରେ ବଡ଼ ଅସୁବିଧା ହେଉଛି ସଂସ୍କୃତକୁ ନେଇ କ୍ୟାରିୟର କରିବା ପାଇଁ ସେପରି ନାଁ ବିଭାଗ ଅଛି ନାଁ କର୍ମବୃତ୍ତି । ଯାହାଦ୍ୱାରା ଏହି ଭାଷାକୁ କ୍ୱଚିତ୍ ଛାତ୍ରଛାତ୍ରୀ ଆଗ୍ରହର ସହ ଗ୍ରହଣ କରୁଛନ୍ତି । ଦ୍ୱିତୀୟତଃ ସଂସ୍କୃତ ଭାଷାରେ ବହି, ପତ୍ରପତ୍ରିକାର ପ୍ରଚଳନ କମ୍ । ଦିନଥିଲା ଗାଁ ଗଣ୍ଡା ବା ସହରରେ ଛତୁ ଫୁଟିଲା ପରି ଟୋଲ୍ ସ୍କୁଲ ସବୁ ଖୋଲିଥିଲା । ପରବର୍ତ୍ତୀ ସମୟରେ କିନ୍ତୁ ଏହି ଟୋଲ୍ ଗୁଡ଼ିକ ଏକ ପ୍ରକାର ମୃତପ୍ରାୟ ହୋଇଗଲା । ସରକାରୀ ସ୍ତରରେ ସେପରି ନା ସହାୟତା ରହିଲା ନା ସାଧାରଣରେ ଏହାକୁ ଗ୍ରହଣ କରିବା ପାଇଁ କିଛି ଆଗ୍ରହବୋଧ ! ସଂସ୍କୃତ ଭାଷାକୁ ଅତ୍ୟନ୍ତ ନିଷ୍ଠାର ସହିତ ଶ୍ରଦ୍ଧା ରଖୁଥିବା, କର୍ମକାଣ୍ଡ ବ୍ରାହ୍ମଣ ବା କିଛି ଭିନ୍ନ ରୁଚିର ମେଧାବୀମାନେ ବର୍ତ୍ତମାନ ସଂସ୍କୃତ ଭାଷାକୁ ଗ୍ରହଣ କରୁଛନ୍ତି । ସାଧାରଣରେ ସରକାରୀ ସ୍କୁଲରେ ସଂସ୍କୃତ ପଣ୍ଡିତମାନଙ୍କ ନିଯୁକ୍ତି ପ୍ରକ୍ରିୟା ଏହାଭିତରେ ଏକ ପ୍ରକାର ସ୍ଥାଣୁ ପାଲଟି ଯାଇଛି । ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷାରେ ହିନ୍ଦୀ ଓ ସଂସ୍କୃତ ଭାଷାର ପିଲାମାନେ ଅନେକ ସମସ୍ୟା ସାମ୍ନା କରିବା ସହ ସେମାନଙ୍କ ପରୀକ୍ଷା ଫଳ ମଧ୍ୟ ଅଧିକାଂଶ କ୍ଷେତ୍ରରେ ଖରାପ ହୋଇଥିଲା । ତେବେ ଯାହାହେଉନା କାହିଁକି ସଂସ୍କୃତ ଭାଷାକୁ ବିଦେଶରେ କିନ୍ତୁ ଦିନକୁ ଦିନ ଆଗ୍ରହ ରଖୁଛନ୍ତି ବିଦେଶୀମାନେ । ଭାରତରେ ଯେଉଁ ଭାଷା ସୃଷ୍ଟି ହୋଇ ମୃତପ୍ରାୟ ହେବାକୁ ଯାଉଛି ସେ ଭାଷା କିନ୍ତୁ ଦେଶ ବିଦେଶରେ ବେଶ୍ ଆଗ୍ରହ ରଖୁଛି ଜାଣିବା ଓ ଶିଖିବାରେ । ବର୍ତ୍ତମାନ ଛୋଟ ପିଲାଟି ନିଜ ଜେଜ ବା ଗୋସେଇଁ ବାପାଙ୍କ ଅମଳର ସଂସ୍କୃତ ବହିଟି ଦେଖିଲେ ତାକୁ ଏକପ୍ରକାର ବିଚିତ୍ର ଭାଷା ପରି ହୃଦ୍‌ବୋଧ ହେଉଛି । କାରଣ ପିଢ଼ୀ ପରେ ପିଢ଼ୀ ସଂସ୍କୃତ ଭାଷାଟି ସେପରି ଶ୍ରଦ୍ଧା ବା ଭଲ ପାଇବା ପାଉନାହିଁ । ଆସନ୍ତୁ ଆଜିପରି ଏକ ଅନୁଚିନ୍ତନର ଦିବସରେ ସଂସ୍କୃତର ଭାଷାକୁ ଭଲପାଇବାର, ଜାଣିବାର ଶ୍ରଦ୍ଧା ବଢ଼ାଇବାର ସ୍ମରଣୀୟ ଦିବସଟିଏ ହେଉ । ଏହି ଦିବସଟି ଆମ ସମସ୍ତଙ୍କ ପାଇଁ ଏହି ଦେବ ଓ ମହାନ୍ ଭାଷା ପ୍ରତି ମମତାବୋଧକୁ ବଢ଼ାଉ ଏହା ହିଁ କାମନା । ଏହି ପ୍ରସଙ୍ଗରେ ଯୁଗାବତାର ପରମ ପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି - 'ସଂସ୍କୃତ ଭାଷା ହିଁ ହେଉଛି ସମସ୍ତ ଭାଷାର ଆଦିଭାଷା। ଏପରିକି ଇଂରାଜୀ ଭାଷା ମଧ୍ୟ ସଂସ୍କୃତ ଭାଷାରୁ ହିଁ ସୃଷ୍ଟି।' ଶ୍ରୀ ଶ୍ରୀ ଠାକୁର ଆଶା ପ୍ରକାଶ କରିଛନ୍ତି, ଯେ ସଂସ୍କୃତ ଭାଷା ହିଁ ଭାରତର ଜାତୀୟ ଭାଷାର ମାନ୍ୟତା ପାଇବା ଉଚିତ। ସଂସ୍କୃତ ହିଁ ହେଉଛି ଦେବଭାଷା ଓ ଆର୍ଯ୍ୟ ଭାରତ ବର୍ଷର ଋଷି ପରମ୍ପରା ଅନୁଯାୟୀ ସଂସ୍କୃତ ଭାଷାର ଉନ୍ନତି ଉପରେ ଆର୍ଯ୍ୟ ଭାରତ ବର୍ଷର ଉନ୍ନତି, ସଂହତି ଓ ବୈଦିକ ଅନୁଚିନ୍ତନ ତଥା ସର୍ବଧର୍ମ ସମନ୍ୱୟର ପ୍ରଚାର ଓ ପ୍ରସାର ନର୍ଭର କରେ।

ପ୍ରଫେସର, ହେପାଟୋଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭

## ଦ୍ରୁତ ଗତିରୁ ହିଁ ବଡ଼ ସଡ଼କ ଦୁର୍ଘଟଣା

॥ ଅଭୟ କୁମାର ଦାସ ॥

ଦ୍ରୁତଗତି ମହାବିପତ୍ତି। ଦ୍ରୁତଗତିରେ ଗାଡ଼ି ଚାଳନା କଲେ ଦୁର୍ଘଟଣା ନିଶ୍ଚିନ୍ତ ଓ ଜୀବନ ସଙ୍କଟାପନ୍ନ ସୁନିଶ୍ଚିତ। ତେବେ ଏନେଇ ରାଜ୍ୟ ସରକାର ସବୁବେଳେ ଚିନ୍ତା ପ୍ରକଟ କରୁଛନ୍ତି ଓ ଓଡ଼ିଶା ଏକ ଦୁର୍ଘଟଣା ପ୍ରବଳ ରାଜ୍ୟ ହୋଇଥିଲେ ବି ସରକାରଙ୍କ ବ୍ୟାପକ ସଚେତନତା ପାଇଁ କିଛିକାଂଶରେ ଦୁର୍ଘଟଣା ହ୍ରାସ ପାଉଛି। ନିକଟରେ ଏକ ସରକାରୀ ପରିସଂଖ୍ୟନର ତଥ୍ୟ ଅନୁଯାୟୀ ଦ୍ରୁତଗତିରୁ ଓଡ଼ିଶାରେ ପ୍ରାୟ ୭୦% ଦୁର୍ଘଟଣା ଘଟୁଛି। ଗଲା ୧୦ ବର୍ଷ ରାଜ୍ୟରେ ପ୍ରାୟ ୪୫ ହଜାର ବ୍ୟକ୍ତିଙ୍କ ମୁଣ୍ଡ ଗଡ଼ିଲାଣି। ଯେଉଁଥିରୁ ୭୦% ହେଉଛନ୍ତି ଯୁବପିଢ଼ି। ଦୁର୍ଘଟଣାପ୍ରବଣ ଜିଲ୍ଲା ହେଉଛି ଯାଜପୁର, ମୟୂରଭଞ୍ଜ, ସୁନ୍ଦରଗଡ଼, କେନ୍ଦୁଝର, ଗଞ୍ଜାମ, କଟକ ଓ ଖୋର୍ଦ୍ଧା। ଦୁର୍ଘଟଣାର ଏହି ବର୍ଦ୍ଧିତ ଗ୍ରାଫକୁ ନେଇ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ଚିନ୍ତା ପ୍ରକଟ କରିଛନ୍ତି। ସଡ଼କ ସୁରକ୍ଷାଜନିତ ଯୋଜନା, ସଚେତନତା ଓ ଅଭିଯାନକୁ ଆହୁରି କ୍ରିୟାଶୀଳ କରାଇବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ମିଳିଛି।

ନିକଟରେ ରାଜ୍ୟ ସରକାରଙ୍କ ପରିବହନ ବିଭାଗର ମନ୍ତ୍ରୀଙ୍କ ତଥ୍ୟ ଅନୁଯାୟୀ ଆମ ଦେଶର ମୋଟରଯାନ ସଂଖ୍ୟା ସାରା ବିଶ୍ୱ ତୁଳନାରେ ମାତ୍ର ଏକ ପ୍ରତିଶତ। କିନ୍ତୁ ସର୍ବାଧିକ ୧୧ ଭାଗ ସଡ଼କ ଦୁର୍ଘଟଣା ଆମ ଦେଶରେ ଘଟୁଛି। ୨୦୨୨ରେ ୧.୪ ଲକ୍ଷ ଲୋକ ଦୁର୍ଘଟଣାରୁ ମରିଥିଲେ। ପ୍ରତି ଘଣ୍ଟାରେ ହାରାହାରି ୧୬ଜଣଙ୍କ ମୁଣ୍ଡ ଗଡୁଛି। ଚିନ୍ତାର ବିଷୟ ଯେ ଓଡ଼ିଶାରେ ଶହେ ଦୁର୍ଘଟଣାରୁ ୪୮ ଜଣ ମରୁଥିବା ବେଳେ ଜାତୀୟ ସ୍ତରରେ ଏହା ୩୬ରେ ସୀମିତ। ୨୦୨୩ ଜାନୁୟାରୀରୁ ଜୁନ ଭିତରେ ଗତବର୍ଷ ତୁଳନାରେ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ପ୍ରାୟ ୫% ବଢ଼ିଛି। ୨୦୨୩ରେ ୬୨୭୨ ଦୁର୍ଘଟଣାରୁ ୨୯୯୧ ଜଣଙ୍କ ପ୍ରାଣ ଯାଇଥିବାବେଳେ ୨୦୨୨ ମୋଟ ୨୮୪୯ ଜଣ ମରିଥିଲେ। ୨୦୨୨ ମସିହାରେ ୫୪୬୭ ଜଣଙ୍କ ଦୁର୍ଘଟଣାଜନିତ ମୃତ୍ୟୁ ଘଟିଛି। ହେଲମେଟ ନ ପିନ୍ଧିବାରୁ ୧୬୯୫ ଜଣ ବାଇକ ଆରୋହୀଙ୍କ ପ୍ରାଣ ଯାଇଛି। ହେଲମେଟ ପିନ୍ଧି ଗାଡ଼ି ଚଳାଇବାକୁ ସେ ଗୁରୁତ୍ୱ ଦେଇଥିଲେ। ମୁଖ୍ୟମନ୍ତ୍ରୀ ସଡ଼କ ସୁରକ୍ଷା ଯୋଜନା ପାଇଁ ୧୪୫ କୋଟି ଟଙ୍କାର ବଜେଟ ବନାଯାଇଛି। ରାସ୍ତା ପାର୍ଶ୍ୱ ଗ୍ରାମାଞ୍ଚଳରୁ ଅତିକମରେ ୧୦ଜଣ ବ୍ୟକ୍ତିଙ୍କୁ ଦୁର୍ଘଟଣାଜନିତ ପ୍ରାଥମିକ ଚିକିତ୍ସା ସମ୍ପର୍କରେ ପ୍ରଶିକ୍ଷଣ ଦିଆଯିବ। ବିଶେଷଜ୍ଞମାନେ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀଙ୍କୁ ସଚେତନ କରାଇବା ଆବଶ୍ୟକ। ସଡ଼କ ଦୁର୍ଘଟଣା ପୀଡ଼ିତଙ୍କୁ ସାହାଯ୍ୟ ପାଇଁ ଏକ ସ୍ୱେଚ୍ଛାସେବୀ ଗୋଷ୍ଠୀ ଗଢ଼ାଯାଇଛି। ସେମାନଙ୍କୁ ଫାଷ୍ଟ ରେସପୋଣ୍ଡର ଟ୍ରେନିଂ ଦିଆଯାଉଛି। ବ୍ଲାକ ସ୍ପଟକୁ ସର୍ଭେ କରାଯାଇ ତ୍ରୁଟି ସୁଧରାଯାଉଛି। ରୋଡ଼ ସାଇନେଜ ଅଡ଼ିଟ କରାଯାଉଛି। ଇଣ୍ଟେଲିଜେଣ୍ଟ ଟ୍ରାଫିକ ପରିଚାଳନାରେ ଇ-ଡିଟେକ୍ସନ ଯୋଗେ ଅମାନିଆ ସାବାଡ଼ ହେଉଛନ୍ତି। ସିସିଟିଭି ସଂଯୋଗ ପାଇଁ ୨୦୦ କୋଟି ଟଙ୍କା ବ୍ୟୟ ହେଉଛି। ପରିବହନ ଆୟୁକ୍ତଙ୍କ କହିବାନୁଯାୟୀ ୨୦୨୩ ଜାନୁଆରୀରୁ ଜୁନ ଭିତରେ ଖୋର୍ଦ୍ଧା ଜିଲ୍ଲାରେ ସର୍ବାଧିକ ୫୯୭ଟି ଦୁର୍ଘଟଣା ଘଟିଛି। ସୁନ୍ଦରଗଡ଼ରେ ୪୫୩, କଟକରେ ୪୦୪, କେନ୍ଦୁଝରରେ ୪୦୩, ଗଞ୍ଜାମରେ ୩୮୬ ଦୁର୍ଘଟଣା ହୋଇଛି। ଯାନବାହନର ଅତ୍ୟଧିକ ବେଗ, ନିଶାସକ୍ତ ହୋଇ ଗାଡ଼ିଚାଳନା, ବିପରୀତ ପାର୍ଶ୍ୱରେ ଗାଡ଼ି ଚାଳନା, ମୋବାଇଲ ଫୋନ ଧରି ଗାଡ଼ି ଚଳାଇବାରୁ ଅଧିକାଂଶ ଦୁର୍ଘଟଣା ଘଟୁଛି। ଓଡ଼ିଶାରେ ପ୍ରତିବର୍ଷ ପ୍ରାୟ ୫ ହଜାର ଲୋକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଉଥିବା ବେଳେ ଏହାର ଦୁଇଗୁଣା ଆହତ ହେଉଛନ୍ତି। ଜାତୀୟ ଓ ରାଜ୍ୟ ରାଜପଥରେ ପ୍ରାୟ ୭୦% ଦୁର୍ଘଟଣା ଘଟୁଥିବାବେଳେ ଏଥିରେ ମୃତାହତଙ୍କ ସଂଖ୍ୟା ମଧ୍ୟ ଅଧିକ। ସହର ଭିତରେ ଥିବା ଛକ ଭଳି ରାଜପଥରେ ଟ୍ରାଫିକ ନିୟମ ଉଲ୍ଲଘଂନକାରୀଙ୍କୁ ଅଟକାଇ ଯାଞ୍ଚ କରିବା ସମ୍ଭବ ନୁହେଁ। ଏହାକୁ ଦୃଷ୍ଟିରେ ରଖି ସୂଚନା ପ୍ରଯୁକ୍ତିକୁ ଉପଯୋଗ କରି ରାଜପଥ ଉପରେ ସଡ଼କ ଦୁର୍ଘଟଣା ହ୍ରାସ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଓଡ଼ିଶା ସରକାରଙ୍କ ପରିବହନ ବିଭାଗ ସର୍ବାଧିକ ଗୁରୁତ୍ୱ ଦେଇ ଲୋକମାନଙ୍କର ଧନଜୀବନ ଓ ସଡ଼କ କ୍ଷେତ୍ରକୁ ପ୍ରାଥମିକତା ଦେବା ଦ୍ୱାରା ରାଜ୍ୟରେ ଉଦବେଗଜନକ ଭାବେ ସଡ଼କ ଦୁର୍ଘଟଣା ଓ ଦୁର୍ଘଟଣାଜନିତ ମୃତ୍ୟୁ ହ୍ରାସ ପାଇଛି। ଏ କ୍ଷେତ୍ରରେ ସର୍ବଭାରତୀୟ ସ୍ତରରେ ଓଡ଼ିଶା ପ୍ରଥମ ରାଜ୍ୟର ମାନ୍ୟତା ପାଇଛି।

ଗୋଡ଼ରା, ମାହାଙ୍ଗା, କଟକ, ଦୂରଭାଷ : ୯୪୩୭୧୪୨୭୧୭



ମହାଭାରତ

# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା







୧୫୬୧୧ ।


## ବିଦ୍ୟୁତ ସର୍ଟ୍ ସର୍କିଟ ଯୋଗୁଁ ଜଳି ଗଲା ଘର

ଦେବଗଡ଼ (ମହା ଭାରତ) ଦେବଗଡ ଜିଲ୍ଲା ବାରକୋଟ ଥାନା ଅନ୍ତର୍ଗତ ଦଣ୍ଡାସିଂହା ଗ୍ରାମ ପଂଚାୟତ ବାଲିରୋଇ ଗ୍ରାମର ଗିରିଧାରୀ ସାହୁଙ୍କ ଘରେ ସୂଚନା ଅନୁଯାୟୀ ଆଜି ସକାଳ ୯ଟା ସମୟ ରେ ହଟାତକୌଣସି କାରଣ ଯୋଗୁଁ ଘରେ ଲାଗିଥିବା ବିଦୁ ସର୍ଟସର୍କିଟ ଯୋଗୁଁ ଘରେ ନିଆଁ ଲାଗିଯାଇଥିଲା। ସଙ୍ଗେ ସଙ୍ଗେ ଘର ଲୋକେ ବାରକୋଟ ଅଗ୍ନିଶମ କେନ୍ଦ୍ରକୁ ସୂଚନା ଦେବା ଫଳରେ, ଅଗ୍ନିଶମ ବାହୀନି ସେଠାରେ ପହଞ୍ଚି ନିଆଁକୁ ଆୟତ କରିଥିଲେ ।କିନ୍ତୁ ନିଆ ଲାଗି ଯିବା ଫଳରେ ଘରେ ଥିବା ସମସ୍ତ ଜିନିଷ ସହ ଆସବାବ ପତ୍ର ନଷ୍ଟ ହୋଇଯାଇଛି। କିଛି ଦିନ ପୂର୍ବରୁ ତାଙ୍କ ବଳଦ ବିକ୍ରି କରିସେ ବତିଶିହଜାର ଟଙ୍କା ସେ ଘରେ ରଖିଥିଲେ,ତାହା ମଧ୍ୟ ସେଇ ଟଙ୍କା ,ନିଆଁରେ ପୋଡ଼ି ନଷ୍ଟ ହୋଇଯାଇଥିବା ସୂଚନା ମିଳିଛି। ଏହି ଘଟଣାର ଖବର ପାଇ ବାରକୋଟ ରେଭିନ୍ୟୁ ଇନ୍ସପେକ୍ଟର ସେଠାରେ ପହଂଚି ତଦନ୍ତ କରିଥିବା ଜଣାପଡିଛି।

## ଷ୍ଟୁଡିଓ ଘର ଭିତରୁ ଯୁବକଙ୍କ ରକ୍ତଝୁଡୁ ବୁଡୁ ମୃତ ଦେହ ଉଦ୍ଧାର

ବ୍ୟାସନଗର,(ମହାଭାରତ):ଯାଜପୁର ରୋଡ ଥାନା ସୋବରା ଅ□ଳରେ ଘଟିଛି ଏକ ବିଭସ୍ଥ ହତ୍ୟାକାଣ୍ଡୟ ଷ୍ଟୁଡିଓ ଭିତରୁ କ୍ଷତାକ୍ତ ଅବସ୍ଥାରେ ଉଦ୍ଧାର ହୋଇଛି ଯୁବକଙ୍କ ମୃତଦେହ। ଓମ ଡିଜିଟାଲ ଫିଲ୍ମ ଷ୍ଟୁଡିଓର ମାଲିକ ଦୀପକ କୁମାର ସାହୁଙ୍କୁ ହତ୍ୟା କରାଯାଇଥିବା ଜଣାପଡ଼ିଛି। କୌଣସି ଦୁର୍ବୃ□ଙ୍କ ଦ୍ୱାରା ବିଳମ୍ବ ରାତିରେ ଏହି ହତ୍ୟାକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ଘଟଣା ଘଟାଇବା ପରେ ଦୁର୍ବୃ□ ଫେରାର ହୋଇ ଯାଇଥିଲା। ଅଭିଯୁକ୍ତ ଷ୍ଟୁଡିଓ ଭିତରୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର ହୋଇଛି ଯୁବକଙ୍କ ମୃତଦେହ। ତେବେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ହତ୍ୟାକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି। ସାଇଣ୍ଟିଫିକ ଟିମ୍ ଓ ପୋଲିସ କୁକୁର ସହାୟତାରେ ପୋଲିସ ଦ୍ୱାରା ଏହି ଘଟଣାର ତଦନ୍ତ ଜାରି ରଖିଛି। ଷ୍ଟୁଡିଓର ଅନତି ଦୂରରେ ରହିଛି ଦୀପକ ଓରଫ କୁନିଙ୍କ ଘର। ଦୀପକ ସବୁଦିନ ପରି ଗତକାଲି ରାତିରେ ଘରୁ ଖାଇବା ପିଇବା ସାରି ଦୋକାନକୁ ଶୋଇବାକୁ ଆସିଥିଲେ। ମାତ୍ର ପରିବାର ଲୋକଙ୍କ କହିବା ମୁତାବକ ରାତିରେ ଦୀପକଙ୍କର ମୋବାଇଲ ସୁଇଚ ଅପ୍ ହୋଇ ରହିଥିଲା। ଆଜି ସକାଳେ ମାଆ ଯେତେବେଳେ ପୁଅ ପାଖକୁ ଚା ନେଇ ଷ୍ଟୁଡିଓକୁ ଆସିଥିଲେ, ସେତେବେଳେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପୁଅ ଦୀପକର ମୃତଦେହ ଭୂଇଁରେ ପଡିରହିଥିବା ଦେଖିବାକୁ ପାଇଥିଲେ। ଏପରିକି ଷ୍ଟୁଡିଓ ଭିତରେ ଥିବା କମ୍ପ୍ୟୁଟର, କ୍ୟାମେରା ଆଦି ସମସ୍ତ ସାଜ ସରଞ୍ଜାମ ଦୁର୍ବୃତ୍ତ□ ଲୁଟି ନେଇଛନ୍ତି। ତେବେ ଏହା ଦେଖି ମା ନିଜର ଧର୍ଯ୍ୟ ହରାଇ ବସିଥିଲେୟ ଖବର ପାଇ ଶହଶହ ଲୋକ ଘଟଣା ସ୍ଥଳରେ ପହଞ୍ଚି ଭିଡ଼ ଜମାଇଛନ୍ତି ।ପୋଲିସ ଘଟଣା ସ୍ଥଳରେ ପହଞ୍ଚି ସାଇଣ୍ଟିଫିକ ଟିମ ସହ ଘଟଣାର ଅନୁସନ୍ଧାନ ଜାରୀ ରହିଛ।

## ଫାଇଲେରିଆ ମୁକ୍ତପାଇଁ ପ୍ରଶିକ୍ଷଣ ଶିବିର



ଗୁରୁଡିଝାଟିଆ(ମହାଭାରତ) : ଫାଇଲେରିଆ ମୁକ୍ତ ପାଇଁ ସାମୁହିକ ଔଷଧ ସେବନ ନିମନ୍ତେ ବ୍ରହ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ୧୦ ରୁ ୧୯ ତାରିଖ ପର୍ଯ୍ୟନ୍ତ ଔଷଧ ପ୍ରଦାନ କରାଯିବ। ବ୍ଲକର ୬୧୫ ବିଦ୍ୟାଳୟର ୧୮୪ ଜଣ ଶିକ୍ଷକ ଓ ୬୨ ଜଣ ସ୍ୱାସ୍ଥ୍ୟ ପରିଦର୍ଶକଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଦିଲ୍ଲୀପ କୁମାର ଦାସ ଓ ବିଶେଷଜ୍ଞ ମାନେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ ।ଜିଲ୍ଲାର ବରିଷ୍ଠ ଅଧିକାରୀ ଓ ଗୋଷ୍ଠୀ ଚିକିତ୍ସାଳୟ ଅପର୍ଣ୍ଣା ମହାପାତ୍ର, କବିତାରଣୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶ ଯୋଗ୍ୟ ବାରମ୍ବାର ସଚେତନ ଓ ଫାଇଲେରିଆ ଔଷଧ ସେବନ ଦିଆ ଯାଉଥିବାବେଳେ ଆଠଗଡ ବ୍ଲକ ଅଞ୍ଚଳରେ ଫାଇଲେରିଆ ଚିହ୍ନଟ ହେବା ସ୍ୱାସ୍ଥ୍ୟ କର୍ମଚାରୀ ଓ ସ୍ୱାସ୍ଥ୍ୟ ପ୍ରୋଗ୍ରାମ ଅଧିକାରୀଙ୍କ ଦକ୍ଷତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେଥିପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇ ଯେପରି ବ୍ଲକ ଅଞ୍ଚଳରୁ ଫାଇଲେରିଆ ମୁକ୍ତ ଓ ସମସ୍ତେ ଯେପରି ଔଷଧ ସେବନ କରିବେ ସେଥିପାଇଁ ପ୍ରଶିକ୍ଷଣ ଶିବିରରେ ଗୁରୁତ୍ୱ ଦିଆଯାଇଛି।

## ଘର ଭିତରୁ ମହିଳା ଙ୍କ ମୃତ ଦେହ ହତ୍ୟା ସନ୍ଦେହ

କପ୍ତିପଦା -(ମହାଭାରତ ): କପ୍ତିପଦା ଘର ଭିତରୁ ମହିଳା ଙ୍କ ମୃତ ଦେହ ଉଦ୍ଧାର। ଯାହାକୁ ନେଇ ହତ୍ୟା ସନ୍ଦେହ ହୋଇଛି ।ଶରତ ଥାନା ଲାବଣ୍ୟଦେଇପୁର ପ□ାୟତ ଗଣ୍ଡ ସାହି ଗ୍ରାମ ର ଘଟଣା। ଉକ୍ତ ମହିଳା ଙ୍କ ସ୍ୱାମୀ ଗୁଜୁରାଟ୍ ରେ କାମ କରୁଥିବା ବେଳେ ଦୁଇ ପୁଅ ଆଶ୍ରମ ସ୍କୁଲ ରେ ପାଠ ପଢନ୍ତି। ତେବେ ଉକ୍ତ ମହିଳା ଙ୍କ ବଡ ପୁଅ ଘର କୁ ଫୋନ୍ ବରମ୍ବାର କରିଥିଲେ। ତେବେ ତାଙ୍କ ମାଆ ଫୋନ୍ ନ ଉଠାଇବା ରୁ ଘର କୁ ଆସିଥିଲେ । ଘରେ ମାଆ ଙ୍କ ମୃତ ଦେହ ପଡିଥିବା ର ଦେଖି ଗ୍ରାମବାସୀ ଙ୍କୁ ଖବର ଦେଇଥିଲେ ।ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମୃତ ମହିଳା ହେଲେ ଡୁମି ମାଝୀ। ତେବେ ଘରେ କେହି ନଥିବା ବେଳେ ଘର ର କବାଟ ଭାଙ୍ଗି ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି ।ତେବେ ମୃତ୍ୟୁ ର କାରଣ ତଦନ୍ତ ପରେ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

# ପାରାଦୀପ ମହାବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ସଫଳତାର ସହ ଉଦଯାପିତ



ପାରାଦୀପ (ମହାଭାରତ) ଦୀର୍ଘ ତିନିଦିନ ଧରି ଚାଲିଥିବା ପାରାଦୀପ ମହାବିଦ୍ୟାଳୟ ର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ରବିବାର ଦିନ ମହାବିଦ୍ୟାଳୟ ପରିସରରେ ଉଦଯାପିତ ହୋଇଯାଇଛି । ଉଦଯାପନୀ ଦିବସରେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମ ର ସଫଳତା ପାଇଁ ଆଲୁମୁନି ଆସୋସିଏସନ ଏବଂ ମହାବିଦ୍ୟାଳୟ ର ଅଧ୍ୟକ୍ଷା ଓ ସମସ୍ତ କର୍ମଚାରୀ ଙ୍କୁ ଅଭିନନ୍ଦନ ଜଣାଇଥିଲେ । ମହାବିଦ୍ୟାଳୟ ପରଚଳନା କମିଟି ର ସଭାପତି ତଥା ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା ଙ୍କ ସଭାପତିତ୍ୱ ରେ ଆୟୋଜିତ ଏହି ସଭାରେ ଆଲୁମୁନି ଆସୋସିଏସନ ର ସଭାପତି ତଥା ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ସ୍ୱାଗତ ଭାଷଣ ଦେଇଥିବା ବେଳେ ମହାବିଦ୍ୟାଳୟ ର ଅଧ୍ୟକ୍ଷା ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ପିପିଏଲ ସାରକାରଖାନା ର ମୁଖ୍ୟ ପଲାନିସାମୀ ଭେଲୁସାମୀ, ଜେଏସଡବ୍ଲୁ ଉତ୍କଳ କମ୍ପାନୀ ର ଜିଏମ ଚନ୍ଦ୍ରଭାନୁ ଚୌଧୁରୀ,ଉଚ୍ଚ ଶିକ୍ଷା ବିଭାଗ ନିର୍ଦ୍ଦେଶକ ରଞ୍ଜିତ ପ୍ରଧାନ,ପାରାଦୀପ ମହାବିଦ୍ୟାଳୟ ର ଅବସରପ୍ରାପ୍ତ ଅଧ୍ୟକ୍ଷ ସୁଧାକର ଦାସ, ଶଙ୍କର ମହାପାତ୍ର, ଡ଼ଃ.ସୁରେନ୍ଦ୍ର ମୋହନ ମିଶ୍ର ଏବଂ ଶରତ ଲେଙ୍କା ସମ୍ମାନିତ ଅତିଥି ଭାବେ ଯୋଗଦେଇ ୧୯୭୫ ମସିହାରେ ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ଙ୍କ ସହାୟତାରେ ପ୍ରତିଷ୍ଠିତ ପାରାଦୀପ ମହାବିଦ୍ୟାଳୟ ତାର କଳେବର ବୃଦ୍ଧି କରି ଆଜି ୫୦ ବର୍ଷ ଅତିକ୍ରମ କରି ସଫଳତାର ସହ ସୁବର୍ଣ୍ଣ ଜୟନ୍ତୀ ପାଳନ ଏକ ସ୍ମରଣୀୟ ହୋଇ ରହିବ ବୋଲି ଉଲ୍ଲେଖ କରିଥିଲେ । ତେବେ ଏହି କାର୍ଯ୍ୟକ୍ରମ ମଧ୍ୟରେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ବନ୍ଦର ଅନୁଦାନ ରେ ନିର୍ମିତ ନୂତନ ଖେଳ ପଡିଆ କୁ ଉଦଘାଟନ କରିଥିଲେ । ମହାବିଦ୍ୟାଳୟ ର ଅଭିବୃଦ୍ଧି ରେ ପାରାଦୀପ ବନ୍ଦର ସମେତ ପିପିଏଲ ଓ ଜେଏସଡବ୍ଲୁ ସର୍ବଦା ସହଯୋଗ କରିବ ବୋଲି ବନ୍ଦର ଅଧ୍ୟକ୍ଷ ଶ୍ରୀ ହରନାଦ, ପିପିଏଲ ମୁଖ୍ୟ ଶ୍ରୀ ଭେଲୁସାମୀ ଏବଂ ଜେଏସଡବ୍ଲୁ ଜିଏମ ଶ୍ରୀ ଚୌଧୁରୀ ପ୍ରତିଶୃତି ଦେଇଥିଲେ । ଏହି ପରିପ୍ରେକ୍ଷୀରେ ସମସ୍ତ ଅତିଥି ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ମହାବିଦ୍ୟାଳୟ ଓ ଆଲୁମୁନି ଆସୋସିଏସନ ପକ୍ଷରୁ ମହାବିଦ୍ୟାଳୟ ର ଅବସରପ୍ରାପ୍ତ ଅଧ୍ୟକ୍ଷ ଗଣ, ଅଧ୍ୟାପକ ଓ ଅଧ୍ୟାପିକା, କର୍ମଚାରୀ ମାନଙ୍କୁ ଉପଢୌକନ ଓ ସୁବର୍ଣ୍ଣ ଜୟନ୍ତୀ ଫଳକ ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମ ର ଶେଷ ପର୍ଯ୍ୟାୟ ରେ ଆଲୁମୁନି ଆସୋସିଏସନ ର ସଭାପତି ବସନ୍ତ ବିଶ୍ୱାଳ ଙ୍କ ନେତୃତ୍ୱରେ ଗୁରୁ ପୂଜନ କାର୍ଯ୍ୟକ୍ରମ ଏକ ଭାବାବେଗ ପରିବେଶ ସୃଷ୍ଟି କରିଥିଲା । ପୁରାତନ ଛାତ୍ରଛାତ୍ରୀ ମାନେ ଅବସରପ୍ରାପ୍ତ ଗୁରୁ ମାନଙ୍କ ପାଦ ତଳେ ପୁଷ୍ପ ବର୍ଷା କରି ସେମାନଙ୍କ ଆଳତି କରିବା ଦୃଶ୍ୟ ସାଧାରଣରେ ହୃଦୟ ସ୍ପର୍ଶି ଓ ଗୁରୁ ଶିଷ୍ୟ ପରମ୍ପରା ର ସ୍ମରଣ କରାଇଥିଲା । ଶେଷରେ ମହାବିଦ୍ୟାଳୟ ର ପ୍ରଧ୍ୟାପକ ତଥା ପାରାଦୀପ ମହାବିଦ୍ୟାଳୟ ର ପୂର୍ବତନ ଛାତ୍ର ଅକ୍ଷୟ ଚନ୍ଦ୍ର ମିଶ୍ର ସମସ୍ତ ଅତିଥି ଏବଂ ତିନିଦିନ ଧରି ଏହି ମହୋତ୍ସବରେ ଯୋଗଦାନ କରିଥିବା ପାରାଦୀପ ମହାବିଦ୍ୟାଳୟ ର ସମସ୍ତ ପୂର୍ବତନ ଅଧ୍ୟକ୍ଷ, ଅଧ୍ୟାପକ ଓ ଅଧ୍ୟାପିକା, କର୍ମଚାରୀ, ଆଲୁମୁନି ଆସୋସିଏସନ ର ସମସ୍ତ କାର୍ଯ୍ୟକର୍ତ୍ତା ଓ ସଭ୍ୟ ସଭ୍ୟା ପ୍ରମୁଖ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ବେସରକାରୀ କୋଚିଂ ସେଣ୍ଟର ନାମ ରେ ବ୍ୟବସାୟ

ଅସ୍ତରଙ୍ଗ(ମହାଭାରତ) : ଅସ୍ତରଙ୍ଗ ଅଞ୍ଚଳ ରେ ସରକାରୀ ସ୍କୁଲ, କଲେଜ, ବେସରକାରୀ ସ୍ୱୀକୃତି ପ୍ରାପ୍ତ ସ୍କୁଲ ଓ କଲେଜ ପରେ ଏବେ ଗଳି କନ୍ଦି ଗଢିଉଠିଲାଣି ବେସରକାରୀ କୋଚିଂ ସେଣ୍ଟର, ମନମୁଖୀ ଅର୍ଥ ରୋଜଗାର ର ମାଧ୍ୟମ ସାଜିଛି ଏହି ସେଣ୍ଟର, ପ୍ରକୃତ ରେ ଶିକ୍ଷା ବିଭାଗ ଆଇନ ଅନୁସାରେ ଏହି ସେ□ର ପଞ୍ଜିକରଣ ହୋଇଛି କି ନାହି ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି ? ସବୁଠୁ ଜରୁରୀ କଥା ଏଠି ଶିକ୍ଷା ଗ୍ରହଣ କରିବାକୁ ଆସୁଥିବା ଛାତ୍ର ଛାତ୍ରୀ କେତେ ସୁରକ୍ଷିତ ? କିଛି ଦିନ ହେବ ଏହିପରି କିଛି କୋଚିଂ ସେ□ର ରୁ କିଛି ନାବାଳିକା ମାନେ ଛୁଟି ହେଇ ଆସୁଥିବା ବେଳେ କିଛି ଅସାମାଜିକ ବ୍ୟକ୍ତି ସ୍ପିଡ଼ ବାଇକ ଆଣି ସେମାନଙ୍କୁ କିଛି ଦୁର୍ବ୍ୟବହାର ପ୍ରଦର୍ଶନ କରୁଛନ୍ତି, ଯାହାକୁ ନେଇ ପିଲା ମାନଙ୍କ ସୁରକ୍ଷା ବାବଦରେ ଅଭିଭାବକ ପୁରା ନିରବ, ପିଲା ମାନଙ୍କୁ ଅନେକ ପ୍ରଲୋଭନ ଦେଖାଇ କିଛି ବିଦ୍ୟାଳୟ ର ଶିକ୍ଷକ ବିଦ୍ୟାଳୟ ବାହାରେ କୋଚିଂ ସେ□ର ରେ କୋଚିଂ ଦେବା ସହ ମୋଟା ଅଙ୍କର ପଇସା କମାଉଛନ୍ତି। ତା ପରେ ଅନେକ ସରକାରୀ ଶିକ୍ଷକ ମଧ୍ୟ ଏହି ଅନୁଷ୍ଠାନ ରେ ଦରମା ନେଇ ଶିକ୍ଷା ଦେଉଛନ୍ତି। ପ୍ରକୃତ ରେ ସରକାର ଙ୍କ ଗାଇଡ଼ଲାଇନ ଅନୁସାରେ ଏହି କୋଚିଂ ସେ□ର ଚାଲୁଛି କି ନାହି, ସରକାର ଙ୍କୁ ଉପଯୁକ୍ତ ଟିକସ ପ୍ରଦାନ କରୁଛନ୍ତି କି ନାହି ତାହା ସନ୍ଦେହ ଘେରରେ, ଶୁଣିବାକୁ ମିଳୁଛି ସରକାରୀ ବିଦ୍ୟାଳୟ ରେ କିଛି ଠିକା ଶିକ୍ଷକ ନିଜ ନିଜ ଅଞ୍ଚଳ ରେ କୋଚିଂ ସେ□ର ଖୋଲିବା ସହ ବିଦ୍ୟାଳୟ ରେ ପିଲା ମାନଙ୍କୁ ପ୍ରଲୋଭିତ କରାଉଛନ୍ତି, ଏଠି ଶିକ୍ଷା ବ୍ୟବସ୍ଥା କୁ ନେଇ ଯେପରି ଟେଣ୍ଡର ଖେଳ କରାଯାଉଛି। ସେହିପରି ଦୃଷ୍ଟିଗୋଚର ହେଉଛି । ଖାଲି ମୋଟା ଅଙ୍କର ପଇସା ଦେଇ ପାଠ ପଢାଯାଉଛି। କିନ୍ତୁ ଛାତ୍ରଛାତ୍ରୀ ମାନଙ୍କର ସୁରକ୍ଷା ପାଇଁ ଏହି କୋଚିଂ ସେଣ୍ଟର କେତେ ଦାୟିତ୍ୱପୂର୍ଣ୍ଣ ତାହା ସମ୍ପୂର୍ଣ୍ଣ ରୂପେ ଅଗୋଚର, ଅନେକ ସ୍ଥାନରେ ଶୁଣିବାକୁ ମିଳୁଛି ଶିକ୍ଷକ ମାନେ ଭିନ୍ନ ଭିନ୍ନ ବିଦ୍ୟାଳୟ ରେ ପାଠ ପାଇବା ସହିତ ପିଲା ମାନଙ୍କୁ କହୁଛନ୍ତି। ଆମ କୋଚିଂ କୁ ଆସ ବିଦ୍ୟାଳୟ ପରୀକ୍ଷା ରେ ଯାହା ପ୍ରଶ୍ନ ଆସିବ ଆମେ ତୁମକୁ ସେହି କୋର୍ସ ପଢେଇବୁ, ପ୍ରାପ୍ତ ବୟସ ହୋଇନଥିବାରୁ ପିଲା ମାନେ ଏହି ସେଣ୍ଟର କୁ ଯାଇ ମୋଟା ଅଙ୍କର ଅର୍ଥ ଦେବା ସହିତ ପାଠ ମଧ୍ୟ ପଢୁଛନ୍ତି। ତେଣୁକରି ସରକାର ଏହି ବେସରକାରୀ କୋଚିଂ ସେଣ୍ଟର ଗୁଡିକ ର କାଗଜପତ୍ର ଯାଞ୍ଚ କରିବା ସହିତ ଏଠି ପାଠ ପଢୁଥିବା ଛାତ୍ରଛାତ୍ରୀ ଙ୍କର ସୁରକ୍ଷା ବିଷୟରେ ଆଲୋକପାତ କରିବାକୁ ବୁଦ୍ଧିଜୀବୀ ମହଲ ରେ ଦାବୀ କରାଯାଇଛି ।

## କବିତ୍ରା ଉଚ୍ଚପ୍ରାଥମିକ ବିଦ୍ୟାଳୟ ଛାତ୍ରୀଙ୍କ କୃତିତ୍ୱ



କେନ୍ଦୁଝରଗଡ଼: ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କବିତ୍ରାର ଛାତ୍ରୀ ସୋନାକ୍ଷୀ ମହାନ୍ତ ଚଳିତ ଶିକ୍ଷାବର୍ଷର ତୃତୀୟ ଶ୍ରେଣୀ ମେଧାବୃତ୍ତି ପରୀକ୍ଷାରେ ସର୍ବୋଚ୍ଚ ସ୍ଥାନ ହାସଲ କରି ବୃତ୍ତି ପାଇଁ ଯୋଗ୍ୟ ବିବେଚିତ ହେବାସହ ବିଦ୍ୟାଳୟକୁ ଗୌରାବାନ୍ୱିତ କରିଛନ୍ତି। ଏହି ଅବସରରେ ଶନିବାର ବିଦ୍ୟାଳୟ ପକ୍ଷରୁ ସୋନାକ୍ଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସମ୍ବର୍ଦ୍ଧନା ଉତ୍ସବରେ ଛାତ୍ରୀ ସୋନାକ୍ଷୀଙ୍କୁ ଶିକ୍ଷକମଣ୍ଡଳୀ ଏବଂ ଅଭିଭାବକଙ୍କ ତରଫରୁ ଅଭିନନ୍ଦନ ଜ୍ଞାପନ ସହ ତାଙ୍କର ଉ□ରୋ□ର ଉତ୍ତତି କାମନା କରିଛନ୍ତ।

## ସ୍ଥାନୀୟ ନିଯୁକ୍ତି ସଂକଟ: ବେଦାନ୍ତ ଉପରେ ବିଷମକଟକ ବିଧାୟକଙ୍କ ତୀବ୍ର ଆକ୍ରୋଶ

## ରାୟଗଡ଼ାର ଉଦ୍ୟୋଗ ଏବଂ କାରଖାନା ଗୁଡ଼ିକ ନିଯୁକ୍ତି ଦେବାରେ ବିଫଳ

ବିଷମକଟକ, (ମହାଭାରତ): ବିଷମକଟକ ବିଧାନସଭା ନିର୍ବାଚନ ମଣ୍ଡଳୀ ସମେତ ସମଗ୍ର ରାୟଗଡ଼ା ଜିଲ୍ଲାରେ ସ୍ଥାନୀୟ ନିଯୁକ୍ତି ଅଭାବ ନେଇ ରାଗ ଓ ଅସନ୍ତୋଷ ଦିନକୁ ଦିନ ବଢିବାରେ ଲାଗିଛି। ଏଠାରେ କାର୍ଯ୍ୟକ୍ଷମ ଥିବା ଉଦ୍ୟୋଗ ଓ କାରଖାନା ଗୁଡ଼ିକ ନିଯୁକ୍ତି ସୃଷ୍ଟି କରିବା ଓ ଅର୍ଥନୈତିକ ବୃଦ୍ଧି ନେଇ ଅନେକ ଦାବି କରିଥିଲେ ମଧ୍ୟ, ଇମ୍ଫା ବ୍ୟତୀତ, ବେଦାନ୍ତ, ଜେ.କେ. ପେପର୍ ମିଲ୍, ଏବଂ ଉତ୍କଳ ଆଲୁମିନା ଏମାନେ ସ୍ଥାନୀୟ ଯୁବ ଗୋଷ୍ଠୀଙ୍କୁ ଉପେକ୍ଷା କରିଥିବା ଜଣାପଡିଛି ।ବିଧାନସଭାରେ ବିଧାୟକ ନୀଳମାଧବ ହିକକାଙ୍କ ପ୍ରଶ୍ନ ନମ୍ବର ୭୫୧ ରେ ମିଳିଥିବା ଉତ୍ତର ଏହି ଅସନ୍ତୋଷକୁ ଆହୁରି ଉତ୍ତେଜିତ କରିଥିବା ଜଣାପଡିଛି। ଆଂଶିକ ଲିଖିତ ଉ□ରରେ ମନ୍ତ୍ରୀ ଶ୍ରୀ ଗଣେଶରାମ ସିଂଖୁଣ୍ଟିଆ ପ୍ରକାଶ କରିଛନ୍ତି ଯେ ବେଦାନ୍ତ (ଲଞ୍ଜିଗଡ଼) ଠାରେ ବିଷମକଟକ ନିର୍ବାଚନ ମଣ୍ଡଳୀର ମାତ୍ର ୮୧ ଜଣ ସ୍ଥାୟୀ ଚାକିରି ପାଇଥିବା ବେଳେ, ଜେ.କେ. ପେପର୍ ମିଲ୍ ରେ ୪୪ ଜଣ, ଇମ୍ଫା (ଥେରୁବାଲି) ରେ ସର୍ବାଧିକ ୩୨୭ ଜଣ ବେଳେ ଉତ୍କଳ ଆଲୁମିନା କେହି ଜଣକୁ ମଧ୍ୟ ବିଷମକଟକ ନିର୍ବାଚନ ମଣ୍ଡଳୀ ରୁ ନିଯୁକ୍ତି ଦିଆଯାଇ ନାହିଁ ଓ ଏହି ତଥ୍ୟ ବିଷମକଟକ ନିର୍ବାଚନ ମଣ୍ଡଳୀ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଥିବା ବେଳେ ବିଧାୟକ ନୀଳମାଧବ ହିକକା ଏହି ଉଦ୍ୟୋଗଗୁଡ଼ିକର ନିଯୁକ୍ତି ନୀତିକୁ କଡ଼ା ଭାବରେ ଆଲୋଚନା କରିଛନ୍ତି । ବେଦାନ୍ତ ଦଶନ୍ଧି ରୁ ଅଧିକା ସମୟ ଧରି ଲଞ୍ଜିଗଡ଼ରେ କାର୍ଯ୍ୟକ୍ଷମ ଅଛି ଆମ ଅଞ୍ଚଳରୁ ଅନେକ ମାତ୍ରା ରେ ଲାଭୱାନ୍ୱିତ ମଧ୍ୟ ହୋଇଛି, କିନ୍ତୁ ସ୍ଥାନୀୟ ଯୁବକମାନଙ୍କ ଚାକିରି ପାଇଁ ଏଠି କୋଣସି ସୁଯୋଗ ନାହିଁ । ଏମିତି ଅବସ୍ଥାରେ ବେଦାନ୍ତ ରାୟଗଡା ରେ ୧ ଲକ୍ଷ କୋଟି ଟଙ୍କାର ନିବେଶ କରିବ ବୋଲି ଯାହା କହୁଛି ତାହା କେବଳ ନିୟମଗିରି ହାସଲ ପାଇଁ ମିଥ୍ୟା ପ୍ରତିଶୃତି ଯାହା ବିଶ୍ୱାସଯୋଗ୍ୟ ନୁହେଁ ଓ ହିକକାଙ୍କ ଏହି ଅଭିଯୋଗ ଆଜି ବିଷମକଟକ, ମୁନିଗୁଡ଼ା ଓ କଲ୍ୟାଣସିଂହପୁରର ହଜାର ହଜାର ବେକାର ଯୁବକ ଯୁବତୀଙ୍କ ମନର ରାଗକୁ ପ୍ରତିଫଳିତ କରିଥିବା ଭଳି ଦେଖାଯାଉଥିବା ବେଳେ ସ୍ଥାନୀୟ ଏକ ମହାବିଦ୍ୟାଳୟର ବାର୍ଷିକ ଉତ୍ସବକୁ ସମ୍ବୋଧିତ କରିବା ଅବସରରେ ବିଧାୟକଙ୍କ ନିକଟତମ ସହଯୋଗୀ ତଥା ବରିଷ୍ଠ ଆଇନଯିବି ଦୀଲୀପ ପଟ୍ଟନାୟକ କହିଛନ୍ତି: ବେଦାନ୍ତ ଯଦି ଏଠିକାର ଯୁବକ ଯୁବତୀ ମାନଙ୍କୁ ନିଯୁକ୍ତି ଦେବାକୁ ଚାହେଁ, ତେବେ ସେମାନେ କାହିଁକି ମା ମାର୍କମା କଲେଜ୍ (ବିଷମକଟକ), ମୁନିଗୁଡ଼ା କଲେଜ୍ ଓ ଅନ୍ୟାନ୍ୟ ମହାବିଦ୍ୟାଳୟ ଆଦିର ଛାତ୍ର-ଛାତ୍ରୀ ମାନଙ୍କୁ ନିଯୁକ୍ତି ଶିବିରରେ ଅଂଶୀଦାର କରୁନାହାନ୍ତି ? କାହିଁକି ଏଠିକାର ଶିକ୍ଷା ପ୍ରତିଷ୍ଠାନକୁ ଅବହେଳା କରାଯାଉଛି ? ତାଙ୍କ ଏହି ବକ୍ତବ୍ୟ ସ୍ଥାନୀୟ ଯୁବ ଛାତ୍ରଛାତ୍ରୀମାନଙ୍କୁ ବେଶ ଆକୃଷ୍ଟ କରିଥିବା ବେଳେ ସ୍ଥାନୀୟ ନିଯୁକ୍ତି ନେଇ ବେଦାନ୍ତର ଆଭିମୁଖ୍ୟକୁ ସେ କଡା ସମାଲୋଚନା କରିଛନ୍ତି ଓ ବେଦାନ୍ତ ନିୟାମଗିରିରେ ବକ୍ସାଇଟ୍ ଖଣି ହାତେଇବାକୁ ଚେଷ୍ଟା କରୁଛି କିନ୍ତୁ ସ୍ଥାନୀୟ ନିଯୁକ୍ତିର ଅସନ୍ତୋଷ ନିମନ୍ତେ କୋଣସି ପଦକ୍ଷେପ ଗ୍ରହଣ କରୁ ନାହିଁ ଯାହା ଏକ ନୂଆ ବିବାଦ ସୃଷ୍ଟି କରିବ ଏବଂ ଏହି ଉଦ୍ୟୋଗଗୁଡ଼ିକ ଯଦି ନିଯୁକ୍ତି ସୃଷ୍ଟି କରିବାରେ ଅସମର୍ଥ ଥାଏ, ତେବେ ସେ ଏମାନଙ୍କ ବିସ୍ତାରକୁ ଜୋରଦାର ଭାବରେ ବିରୋଧ କରିବେ ବୋଲି ଶ୍ରୀ ହିକକା ପ୍ରକାଶ କରିଛନ୍ତି। ଯଦି ଉଦ୍ୟୋଗ ଓ କାରଖାନା ଗୁଡ଼ିକ ସ୍ଥାନୀୟ ନିଯୁକ୍ତି ଉପରେ ଗୁରୁତ୍ୱ ନ ଦିଅନ୍ତି, ତେବେ ଆଗାମୀ ଦିନ ମାନଙ୍କ ରେ ସେମାନେ ଜନତାଙ୍କ ଭାରି ଅସନ୍ତୋଷର ସାମ୍ନା କରିବାକୁ ପଡ଼ିବବୋଲି ବିଶେଷଜ୍ଞ ପ୍ରକାଶ କରିଛନ୍ତି ।

## ପେପର୍ କାର୍ଟୁନ୍ କମ୍ପାନୀରେ ଅଗ୍ନିକାଣ୍ଡ, ଜଣେ ଅଗ୍ନିଶମ କର୍ମଚାରୀ ଆହତ

ରାୟଗଡ଼ା : ରାୟଗଡ଼ା ନିକଟସ୍ଥ ଭାକୁରଗୁଡାରେ ଥିବା ସତ୍ୟମ୍ ପେପର୍ ଓ ମୁଭର୍ସ କାରଖାନାରେ ଭୟାବହ ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡିଯାଇଛି। ଏହି ନିଆଁ ଲିଭାଇବା କାର୍ଯ୍ୟରେ ୫ଟି ଅଗ୍ନିଶମ ବାହିନୀର କର୍ମଚାରୀମାନେ ନିୟୋଜିତ ଥିଲେ । ନିଆଁ ଲିଭାଇବାବେଳେ କୋଲନରା ଅଗ୍ନିଶମ ବାହିନୀର ଜଣେ କର୍ମଚାରୀ ଆହତ ହୋଇଥିବା ଜଣାପଡ଼ିଛି । ସେ ନିଆଁ ଲିଭାଇବାବେଳେ ପଡିଯିବାରୁ ତାଙ୍କର ଗୋଡ଼ରେ ଗଭୀର ଆଘାତ ଲାଗିଥିବା ଜଣାପଡ଼ିଛି। ତାଙ୍କୁ ସଙ୍ଗେ ସଙ୍ଗେ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି ।ମିଳିଥିବା ସୂଚନା ମୁତାବକ, ଆଜି ମଧ୍ୟାହ୍ନ ୧୨ ଟା ବେଳେ କେମିକାଲ ଗୋଦାମରୁ ଆକସ୍ମିକ ନିଆଁ ଲାଗିଥିଲା । ଚହୁଁ ଚହୁଁ ନିଆଁ ଚରିଆଡ଼େ ବ୍ୟାପିଥିଲା। ଖବରପାଇ ରାୟଗଡ଼ା ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇବା କାର୍ଯ୍ୟ ଆରମ୍ଭ କରିଥିଲେୟ ସେଠାରେ କେମିକାଲ୍ସ ଓ ପେପର ସବୁ ଗଦା ହୋଇଥିବାରୁ ନିଆଁ ଲିଭି ନଥିଲା । ରାୟଗଡ଼ା ଅଗ୍ନିଶମ ବାହିନୀ ସହ କୋଲନରା ଅଗ୍ନିଶମ ବାହିନୀର କର୍ମଚାରୀ, ଜେକେ କାଗଜ କଳ, ଇମ୍ଫା ଓ ଉତ୍କଳ ଆଲୁମିନା କମ୍ପାନୀର ଅଗ୍ନିଶମ ବିଭାଗର କର୍ମଚାରୀମାନେ ଦୀର୍ଘ ୬ ଘଣ୍ଟା ପରିଶ୍ରମ କରିବା ପରେ ସଂଧ୍ୟା ୭ଟା ବେଳେ ନିଆଁକୁ ସଂପୂର୍ଣ୍ଣ ଆୟତ୍ତ କରିଥିଲେ। ଏଥିରେ କାରଖାନା ଶ୍ରମିକ ଓ ସ୍ଥାନୀୟ ଲୋକେ ମଧ୍ୟ ସହାୟତା କରିଥିଲେ। ତେବେ ଅଗ୍ନିକାଣ୍ଡର ପ୍ରକୃତ କାରଣ ସ୍ପଷ୍ଟ ହୋଇନାହିଁ ।

# ଆସିକା ସବଜେଲ ପଡିଆରେ ତୃତୀୟ ଶହୀଦ ଉମାକାନ୍ତ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ

ଆସିକା,(ମହାଭାରତ): ଗଞ୍ଜାମ ଜିଲ୍ଲା ଆସିକା ସହର ଉପକଣ୍ଠ ସବଜେଲ ଖେଳ ପଡିଆ ଠାରେ ତୃତୀୟ ଶହୀଦ ଉମାକାନ୍ତ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଟଂ ଉଦଯାପିତ ହୋଇଛି । ଏହି ଟୁର୍ଣ୍ଣାମେଟଂ ଅମର ନାଥ କ୍ରିକେଟ କ୍ଲବ ପକ୍ଷରୁ ଆୟୋଜିତ ହୋଇଥିବା ବେଳେ ଉଦଯାପିତ ମ୍ୟାଚରେ ସୋରଡା ଋଷିକୁଲ୍ୟା କ୍ରିକେଟ କ୍ଲବ ଓ ମୁଣ୍ଡମରାଇ ଗ୍ୟାଲେକ୍ସ ଇଲେଭେନ କ୍ରିକେଟ କ୍ଲବ ମଧ୍ୟରେ ହୋଇଥିଲା । ଏହି ମ୍ୟାଚରେ ସୋରଡା ଋଷିକୁଲ୍ୟା କ୍ରିକେଟ କ୍ଲବ ପ୍ରଥମେ ଟସ ଜିତି ବ୍ୟାଟିଙ୍ଗ ଚୟନ କରି ୨୦ ଓଭର ୮ ୱିକେଟ ପତନରେ ୧୯୮ ରନ ସଂଗ୍ରହ କରିଥିଲେ । ତାଙ୍କ ବିପକ୍ଷରେ ମୁଣ୍ଡମରାଇ ଗ୍ୟାଲେକ୍ସ ଇଲେଭେନ କ୍ରିକେଟ କ୍ଲବ ୧୪ ଓଭର ଖେଳୀ ୪ଟି ୱିକେଟ ପତନରେ ୨ ଶହ ରନ



ସଂଗ୍ରହଣ କରି ବିଜୟୀ ହୋଇଥିଲା । ଏହି ଫାଇନାଲ ମ୍ୟାଚରେ ଦେବାଶିଷ ସାହୁ ୯୭ ରନ ସଂଗ୍ରହ କରି ମ୍ୟାନ ଅଫ ଦି ମ୍ୟାଚ ଘୋଷିତ ହୋଇଥିଲେ । ଏହି ଟୁର୍ଣ୍ଣାମେଟଂରେ ଅମ୍ପାୟର ଦାୟିତ୍ୱରେ ସତ୍ୟେନ୍ଦ୍ର ହୋତା, ମିଥୁନ ବିଷୋୟୀ ଦାୟିତ୍ୱ ତୁଲାଇଥିବା ବେଳେ ଧାରାବିବରଣୀ ଦାୟିତ୍ୱରେ ପ୍ରଶାନ୍ତ କୁମାର ଡାକୁଆ ଓ ତ୍ରିଲୋଚନ ପାତ୍ର ଏବଂ ସ୍କୋରର ଦାୟିତ୍ୱରେ ନାରାୟଣ ନାହକ ଓ ବଳରାମ ପଣ୍ଡା ତୁଲାଇଥିଲେ । ଏହି ଉଦଯାପନୀ ମ୍ୟାଚରେ ଅତିଥି ଭାବେ ଆସିକା ସବଜେଲ ସୁପିରିଟେଣ୍ଡଟଂ ଖଗେଶ୍ୱର ସିଂ, ଅବସରପ୍ରାପ୍ତ ସେନା କର୍ମଚାରୀ ତଥା କ୍ୟାପଟେନ ବିପିନ ବିହାରୀ ଦାଶ, ସ୍ଥାନୀୟ ଅଚଂଳର ସମାଜସେବୀ ଗଙ୍ଗାଧର ପାଣିଗ୍ରାହୀ, ଆସିକା ଅଚଂଳର ବିଶିଷ୍ଟ ସମାଜସେବୀ ବଶୀଧର ନାହକ, ଆସିକା ଏନଏସି ଅଧ୍ୟକ୍ଷା ବିନେତା ସ୍ୱାଇଁ, ଏନଏସି ଉପାଧ୍ୟକ୍ଷା ଜୟନ୍ତି ବିଷୋୟୀ, ବିଜେଡି ଯୁବ ନେତା ସତ୍ୟନାରାୟଣ ସ୍ୱାଇଁ, ରାଜକିଶୋର ପଟ୍ଟନାୟକ, କାଉନସିଲର ସରୋଜ ଭଞ୍ଜ, ନିଗମାନନ୍ଦ ରାଉତ, କାହ୍ନୁପାତ୍ର, ସିମାଚଂଳ ପରିଡା, କୈଳାସ ପ୍ରଧାନ, ରୋମାନ ବୈଠାରୁ ସାଙ୍ଗଙ୍କୁ ପଦ୍ମଲୋଚନ ଶତପଥି, ଶିବ ପ୍ରସାଦ ଶତିପଥି ପ୍ରମୁଖ ଯୋଗ ଦେଇ ସମସ୍ତ ଖେଳାଳୀଙ୍କୁ ଉତ୍ସାହିତ କରଥିଲେ । ଏହି ଟୁର୍ଣ୍ଣାମେଟଂ ପରିଚାଳନାରେ ଘରୋଇ ଅମରନାଥ କ୍ରିକେଟ କ୍ଲବର ସଭାପତି ସୀତାରୋମ ହୋତା, କ୍ଲବ ଚେୟାରମ୍ୟାନ ସୁନିଲ କୁମାର ଗୌଡ, ଯୋଗେନ୍ଦ୍ର ପାତ୍ର, ଚନ୍ଦନ ସେଠି, ବିକାଶ ସେଠି, ଚନ୍ଦନ ଭଞ୍ଜ, ନବଘନ ବିଶ୍ୱାଳ, ରାମ, ବଳରାମ, ନବିନ ସେଠି, ଅନିଲ ସେଠି, ରୋହନ ପ୍ରମୁଖ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ ।

## ମାଁ ଠାକୁରାଣୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ; କର୍ଲାଗୁଡା ଟିମ୍ ଚମ୍ପିଅନ୍



କୋକସରା(ମହାଭାରତ) : କୋକସରା ବ୍ଲକ ଧୋବେନଚ□ରା ସ୍ଥାନୀୟ ଖେଳ ପଡ଼ିଆ ଠାରେ ଚାଲିଥିବା ମାଁ ଠାକୁରାଣୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଦିନ ଫାଇନାଲ ଖେଳ ସହ ଉଦଯାପିତ ହୋଇଛି। ଫାଇନାଲ ମ୍ୟାଚ ଟି କର୍ଲାଗୁଡା ଓ ବାବେକୋହରା ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବାବେକୋହରା ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୮ ଉଇକେଟ ବିନିମୟରେ ୯୯ ରନ୍ ସଂଗ୍ରହ କରିଥିଲେ। ୧୦୦ ରନର ବିଜୟ ଲକ୍ଷ୍ୟ ନେଇ କର୍ଲାଗୁଡା ଟିମ୍ ଖେଳ ପଡ଼ିଆକୁ ଓହ୍ଲାଇ ଥିବାବେଳେ ୧୦୦ ରନ୍ ସଂଗ୍ରହ କରି କର୍ଲାଗୁଡା କ୍ରିକେଟ ଟିମ୍ ବିଜୟ ହାସଲ କରିଥିଲେ। ଆଜିର ମ୍ୟାଚରେ ଅମ୍ପିଆର ଭାବେ ନୃପରାଜ ଲହଜଲ ଓ ଭୈରବ ଖମାରୀ ପରିଚାଳନା କରିଥିଲେ। ସ୍କୋରର ଜୟଧର ପୁଝାରୀ ରହିଥିବାବେଳେ ରୁକଚନ ମାଝୀ ଓ ପିଣ୍ଟୁ ଦାସ ଖେଳର ଧାରାବିବରଣୀ ପ୍ରଦାନ କରିଥିଲେ।ଫାଇନାଲ ଖେଳର ପୁରସ୍କାର ବିତରଣ ଉତ୍ସବରେ ଡୁଡୁକାଠେଙ୍ଗା ଗ୍ରାମ ପଞ୍ଚାୟତ ସରପଞ୍ଚ ଶ୍ରୀମତୀ ହରିପ୍ରିୟା ନାଗ ଯୋଗଦାନ କରିଥିବା ବେଳେ ଡୁଡୁକାଠେଙ୍ଗା ନାଏବ ସରପଞ୍ଚ ଖଗେଶ୍ୱର ବାଣୁଆ, ଡୁଡୁକାଠେଙ୍ଗା ଗ୍ରାମ ପଞ୍ଚାୟତ ସମିତି ସଭ୍ୟା ଶ୍ରୀମତୀ ପାର୍ବତୀ ବାଗ,ଶ୍ରୀଧର ଭୋଇ ,ସତ୍ୟାନନ୍ଦ ବେଶ୍ରା,ଭୂଜବଳ ଝାଙ୍କର, ଯୁଗଳ କିଶୋର ନାଏକ,ଦୁର୍ଜନ ବାଗ,ଧନବଳ ମାଝୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ଉଭୟ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ଟୁର୍ଣ୍ଣାମେଣ୍ଟରେ ମ୍ୟାନ୍ ଅଫ୍ ଦି ମ୍ୟାଚ୍ କର୍ଲାଗୁଡା ଟିମର ରମେଶ ଓ ମ୍ୟାନ୍ ଅଫ୍ ଦି ସିରିଜ କର୍ଲାଗୁଡା ଟିମର ବିଜୁ ବିବେଚିତ ହୋଇଥିଲେ। ମାଁ ଠାକୁରାଣୀ କ୍ରିକେଟ ଟୁର୍ଣ୍ଣାମେ□ ଆୟୋଜକ ଅନୁଷ୍ଠାନର ସଭାପତି ଧନେଶ୍ୱର ଝାଙ୍କର ସମ୍ପାଦକ ଜୟଧର ଜୁଏଡ ସହ ସମ୍ପାଦକ ଭୁବନେ ପୁଝାରୀ ସହ ସଭାପତି ଉମାକାନ୍ତ ଭୋଇ, ଜୟସିଂ ନାଏକ, ରତ୍ନାକର ପୁଝାରୀ ଦୁର୍ଜନ ନାଏକ, ଗୋବିନ୍ଦ, ରମେଶ କିଶୋର,ଗୁପ୍ତେଶ୍ୱର,ଯଦୁ,ଦନାର, ଟିକେ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

## ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଉଦଘାଟିତ



କୋରାପୁଟ ହାଇସ୍କୁଲ ପଡ଼ିଆ ଠାରେ ଜିଲ୍ଲାସ୍ତରୀୟ ଦୁଇ ଦିନିଆ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଉଦଘାଟିତ ହୋଇଯାଇଛି ।କୋରାପୁଟ ବିଧାୟକ ରଘୁରାମ ମାଛ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। କୋଟପାଡ଼ ବିଧାୟକ ରୁପୁ ଭତ୍ରା, ଜିଲ୍ଲା ପରିଷଦ ସଭାପତି ସସ୍ମିତା ମେଲେକା,କୋରାପୁଟ ଜିଲ୍ଲାପାଳ ଭି କୀର୍ତ୍ତି ୱାସନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ପ୍ରଦର୍ଶନୀ ଷ୍ଟଲ ଗୁଡ଼ିକ ଅତିଥି ମାନଙ୍କ ଦ୍ୱାରା ଉଦଘାଟନ କରାଯାଇଥିଲା। ପ୍ରାରମ୍ଭରେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ଲକ୍ଷ୍ମୀଧର ବେହେରା କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ ।ସରକାରଙ୍କ ବିଭିନ୍ନ ଯୋଜନା ସଂପର୍କରେ ଲୋକମାନଙ୍କୁ ଅବଗତ କରାଇବା ନିମନ୍ତେ ମେଳା ଆୟୋଜନ କରାଯାଇଥିବା ଜିଲ୍ଲାପାଳ ଭି କୀର୍ତ୍ତି ୱାସନ କହିଛନ୍ତି ।ରାଜ୍ୟ ସରକାରଙ୍କ ନୂତନ କାମଧେନୁ ଯୋଜନାରେ ଏ ପର୍ଯ୍ୟନ୍ତ ୧୦୦ ଗୋଟି ଆବେଦନ ପତ୍ର ଅନୁମୋଦନ କରାଯାଇଥିବା ସେ କହିଛନ୍ତି ।ଚାଷୀ ମାନଙ୍କର ଆୟ କିପରି ଦ୍ୱିଗୁଣିତ ହେବ ସେଥି ପାଇଁ କେନ୍ଦ୍ର ତଥା ରାଜ୍ୟ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି ।ଏହି ଯୋଜନା କିପରି ଚାଷୀଙ୍କ ପାଖରେ ପହ□ବ ସେଥି ନିମନ୍ତେ ଜିଲ୍ଲାସ୍ତରୀୟ ମେଳା ଆୟୋଜନ କରାଯାଉଛି ବୋଲି କୋରାପୁଟ ବିଧାୟକ ରଘୁରାମ ମାଛ କହିଛନ୍ତି। ତିନି ଜଣ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲାୟ ଜୈବପୁଞ୍ଜି ମହିଳା ମାଛ ଚାଷୀ ଫୁଲମତି ଭୁମିଆ,କୁକୁଡ଼ା ଚାଷୀ ପର୍ଶୁରାମ ମୁଦୁଲି ଏବଂ ଗୋ ପାଳନ ଚାଷୀ ରମେଶ ନାଗ ପ୍ରମୁଖଙ୍କୁ ୫ହଜାର ଟଙ୍କା ଲେଖାଏଁ ଚେକ ଅତିଥି ମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଜିଲ୍ଲା ମତ୍ସ୍ୟ ଅଧିକାରୀ ଭରତ ଭୁଷଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଅତିରିକ୍ତ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ବି ଦାସ ଯୋଗଦେଇ ପରିଚାଳନା କରିଥିଲେ।

## ଝଗରପୁର ରେ ଗ୍ରାମୀଣ ଶଲ୍ୟ ଚିକିତ୍ସା ଶିବିର ଅନୁଷ୍ଠିତ

ରାଜଗାଙ୍ଗପୁର:(ମହାଭାରତ): ରାଜଗାଙ୍ଗପୁର ବ୍ଲକ ଝଗରପୁର ରେ ଠାରେ ଗ୍ରାମାଞ୍ଚଳ ହସ୍ପିଟାଲରେ ଆଜି ଏକ ଶଲ୍ୟ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି । ଏଭଳି ଶିବିର ଓଡ଼ିଶାରେ ପ୍ରଥମ । ଗ୍ରାମାଞ୍ଚଳର ଏକ ଛୋଟ ହସ୍ପିଟାଲରେ ଅତ୍ୟାଧୁନିକ ଅପରେସନ ରୁମ ରେ ଗୋଟିଏ ଦିନରେ ୧୦ ଟି ବଡ଼ ଓ ଜଟିଳ ଅସ୍ତ୍ରୋପଚାର କରାଯାଇଛି । ଆଜି ଏହି ଅବସରରେ ଜିଲ୍ଲାର ପ୍ରାୟ ୪୫ ଜଣ ସର୍ଜନ ଓ ଡାକ୍ତର ଯୋଗ ଦେଇଥିଲେ । ଓଡ଼ିଶାର ଭୁବନେଶ୍ୱର ସ୍ଥିତ ଏମ୍ସ ର ସୁନାମଧନ୍ୟ ଡାକ୍ତର ଯୋଗ ଦେଇ ଉପସ୍ଥିତ ସର୍ଜନ ଓ ଡାକ୍ତରଙ୍କୁ ଗ୍ରାମୀଣ ଅସ୍ତ୍ରୋପଚାର ବିଷୟରେ ଶିକ୍ଷା ପ୍ରଦାନ କରିଥିଲେ । ଏହା ବ୍ୟତୀତ କଲିକତାର ସୁନାମଧନ୍ୟ ଡାକ୍ତର ପି.କେ ମିଶ୍ର , ଭୁବନେଶ୍ୱର ର ପ୍ରକାଶ ସାସମଲ , ପଙ୍କଜ କୁମାର ଏହି ଅସ୍ତ୍ରୋପଚାର ଶିବିର ରେ ଯୋଗ ଦେଇ ଗ୍ରାମାଞ୍ଚଳରେ ଏଭଳି ହସ୍ପିଟାଲ ସହ ରୋଗୀ ସେବାକୁ ପ୍ରଶଂସା କରିଥିଲେ । ଉକ୍ତ ହସ୍ପିଟାଲ ଜରିଆରେ ଗ୍ରାମା□ଳର ଲୋକଙ୍କ ଶଲ୍ୟ ଚିକିତ୍ସା ସୁବିଧା ସହ ବଡ଼ ବଡ଼ ଅପରେସନ କରି ଦେଖାଇବା କୁ ନେଇ ସମସ୍ତେ ହସ୍ପିଟାଲର ମୁଖ୍ୟ ଡାକ୍ତର ଅଜିତ ଗୋପାଳ ସାମଲଙ୍କ ପ୍ରୟାସ କୁ ପ୍ରଶଂସା କରିଥିଲେ। ଏହା ସୁନ୍ଦରଗଡ଼ ଭଳି ଆଦିବାସୀ ଅଧୁଷିତ ଅଞ୍ଚଳର ରୋଗୀଙ୍କ ପାଇଁ ବରଦାନ ସାଜିବ ବୋଲି ଅତିଥିମାନେ ଆଶା ପ୍ରକଟ କରିଥିଲେ। ଆଜି ର ଏହି ଅସ୍ତ୍ରୋପଚାର ଶିବିର ରେ ଅନ ଲାଇନ ଯୋଗେ ୫୦ ଜଣ ଡାକ୍ତର ଯୋଗ ଦେଇ ଅସ୍ତ୍ରୋପଚାର ର କୌଶଳ ବିଷୟରେ ଶିକ୍ଷା ଲାଭ କରିଥିଲେ ୟଶେଷରେ ଡଃ ମୁରାରି ଦେହୁରୀ ଙ୍କୁ ସମ୍ମାନିତ କରାଯାଇଥିଲା।

# ଚାରି ବିଶେଷଜ୍ଞ ଓ ତିନି ଡାକ୍ତର ପଦ ଖାଲି

ହିଞ୍ଜିଳିକାଟୁ(ମହାଭାରତ): ହିଞ୍ଜିଳି ଉପଖଣ୍ଡ ଚିକିତ୍ସାଳୟ ପ୍ରାୟ ୪୦ ଖଣ୍ଡରୁ ଉର୍ଦ୍ଧ୍ୱଗ୍ରାମର ଲୋକେ ହିଞ୍ଜିଳି ଉପଖଣ୍ଡ ଚିକିତ୍ସାଳୟ ଉପରେ ନିର୍ଭର କରିଥା'ନ୍ତି ରୋଗୀଙ୍କୁ ସେବା ମିଳିବା ତେଣିକି ଥାଉ, ଡାକ୍ତର ଓ ବିଶେଷଜ୍ଞ ଅଭାବ ପଦ ରୋଗୀଙ୍କ ସମସ୍ୟାକୁ ଦ୍ୱିଗୁଣିତ କରିଦେଉଛି । ଡାକ୍ତରଖାନା ପାଇଁ ୨୨ଜଣ ଡାକ୍ତରଙ୍କ ଆବଶ୍ୟକ ରହିଥିବା ବେଳେ ୧୬ଜଣ ନିଯୁକ୍ତି ପାଇଛନ୍ତି। କିନ୍ତୁ ଉକ୍ତ ୧୬ ଜଣଙ୍କ ମଧ୍ୟରୁ ବର୍ତ୍ତମାନ ଜଣେ ଡାକ୍ତରଙ୍କୁ ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରକୁ ଡେପୁଟେସନରେ ପଠାଇଦିଆଯାଇଛି ସେହିଭଳି ନର୍ସ ୨୧ଜଣ ଆବଶ୍ୟକ ସ୍ଥଳେ ୫ଜଣ, ଫାର୍ମାସିଷ୍ଟ ୪ ଜଣ ବଦଳେ ୨ଜଣ, ଆଟେଣ୍ଡାଣ୍ଟ ୪ ଥିବା ବେଳେ ଆଉ ଦୁଇ ଜଣଙ୍କ ଆବଶ୍ୟକତା ରହିଛି। ଏଭଳି ପରିସ୍ଥିତିରେ ରୋଗୀ ସେବା ବ୍ୟାହତ ହେବା ଆଶଙ୍କା ଦେଖାଦେଇଛି। ଅନ୍ୟପକ୍ଷରେ ମେଡ଼ିସିନ୍, ଶିଶୁ ବିଭାଗ, ନିଶ୍ଚେତକ ବିଶେଷଜ୍ଞ,ଚର୍ମ ରୋଗ ଓ ଯୌନ




ବିଶେଷଜ୍ଞ ପଦବୀ ଖାଲି ପଡିଛି ଫଳରେ ସାଧାରଣ ରୋଗର ଚିକିତ୍ସା ପାଇଁ ରୋଗୀଙ୍କୁ ବାଧ୍ୟ ହୋଇ ବ୍ରହ୍ମପୁର ବଡ଼ ଡାକ୍ତରଖାନା ଯିବାକୁ ପଡୁଛି । ପ୍ରକାଶ ଥାଉ କି,ହିଞ୍ଜିଳିକାଟୁ ଆରଏମସି ପରିସରରେ ୩୩କୋଟି ଟଙ୍କା ବ୍ୟୟରେ ନିର୍ମିତ ୮୦ଶଯ୍ୟା ବିଶିଷ୍ଟ ଉପଖଣ୍ଡ ଡାକ୍ତରଖାନାକୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଭିସି ମାଧ୍ୟମରେ ଉଦଘାଟନ କରିଥିଲେ। କିନ୍ତୁ ଏଯାବ୍ ଏଠାରେ ଆନୁଷଙ୍ଗିକ ଭିତ୍ତିଭୂମିର ସମସ୍ୟା ଲାଗି ରହିଛି ।ଶବ ବ୍ୟବଚ୍ଛେଦ ଗୃହ ଥିବା ବେଳେ ଏଯାବତ ଡାକ୍ତର ଓ ଅନ୍ୟ କର୍ମଚାରୀମାନଙ୍କୁ ନିୟୋଜିତ କରାଯାଇ ନ ଥିବାରୁ ଶବ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ମେଡିକାଲ ଉପରେ ନିର୍ଭର କରିବାକୁ ପଡୁଛି ସେହିପରି ରକ୍ତ ଭଣ୍ଡାରର ଅଭାବ ପରିଲକ୍ଷିତ ହୋଇଛି। ଉପଖଣ୍ଡ ଡାକ୍ତରଖାନା ମାନ୍ୟତା ପାଇଥିଲେ ବି ସେହି ଅନୁସାରେ ରୋଗୀଙ୍କୁ ଉଚିତ ସେବା ମିଳିପାରୁ ନ ଥିବା ଅଭିଯୋଗ ହୋଇଛି। ତେବେ ଏ ଦିଗରେ ରାଜ୍ୟ ସରକାର ତୁରନ୍ତ ଦୃଷ୍ଟି ଦେବା ଆବଶ୍ୟକ ବୋଲି ସବୁଠି ମତପ୍ରକାଶ ପାଇଛି ।

# ଢ଼ିହିରାକୁଳ ଠାରେ ଗୁରୁପୂଜନ ଉତ୍ସବ ଅନୁଷ୍ଠିତ




ଉଦଳା (ମହାଭାରତ ):ବାରମାସରେ ତେର ପର୍ବର ଗାଁ ଭାବେ ବିବେଚିତ ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ଉପଖଣ୍ଡର ସର୍ବାଦୃତ ଗ୍ରାମ ଡ଼ିହିରାକୁଳ ମାଟିରେ ୨୦୧୯ ମସିହାରୁ ଅନୁଷ୍ଠିତ ହୋଇ ଆସୁଥିବା ଗୁରୁଜନ ପୂଜନ ଉତ୍ସବ ରବିବାର ଦିନ ପାଳନ ହୋଇଯାଇଛି । ଉଦଳାର ବିଧାୟକ ଭାସ୍କର ମଢେ ମୁଖ୍ୟ ଅତିଥି ଭାବେ ଏହି କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ । ଅନ୍ୟତମ ବରେଣ୍ୟ ଅତିଥି ଭାବେ ଭଦ୍ରକର ଶିକ୍ଷାବିତ୍ ପ୍ରାକ୍ତନ ଅଧକ୍ଷ ରାମଚନ୍ଦ୍ର ପଣ୍ଡା ଓ ଶିବ ପ୍ରସାଦ ଖାମୁରାଇ, ଡ଼େପୁଟୀ କଲେକ୍ଟର, ଉଦଳା ପ୍ରତୀକ କୁମାର ପଣ୍ଡା, ଭଦ୍ରକ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଷ୍ଟେଟବ୍ୟାଙ୍କ ଅଫ୍ ଇଣ୍ଡିଆର ଅବସରପ୍ରାପ୍ତ ଅଧିକାରୀ ବିଶ୍ୱଜିତ୍ ନାୟକ, ମୟୂରଭଞ୍ଜ ସାମ୍ବାଦିକ ସଂଘର ସଭାପତି ଅରୁଣ କୁମାର ହତା ପ୍ରମୁଖ ଯୋଗ ଦେଇ ଆଜିର ସଂସ୍କୃତି ଓ ନୈତିକତା ଅବକ୍ଷୟ ମୁଖୀ ସମାଜ ପାଇଁ ଗୁରୁଜନ ପୂଜନ କାର୍ଯ୍ୟକ୍ରମର ଉପାଦେୟତା ସମ୍ବନ୍ଧରେ ଆଲୋକପାତ କରିଥିଲେ । ଗୁରୁଜନ ମାନଙ୍କ ଅଭିଜ୍ଞତା ପୂର୍ଣ୍ଣ ଜୀବନ, ସେମାନଙ୍କ ଆଦେଶ, ଉପଦେଶ କେବଳ ସେମାନଙ୍କ ଘର ପାଇଁ ନୁହେଁ ସାରା ସମାଜ ପାଇଁ ପଥ ପ୍ରଦର୍ଶକ । ସେମାନେ ଆମ ପାଇଁ ବୋଝ ନୁହଁନ୍ତି, ସେମାନଙ୍କୁ ଅବହେଳ. ଉପେକ୍ଷା କଲେ ଆମର ଭବିଷ୍ୟତ କେବେ ମଙ୍ଗଳମୟ ହେବ ନାହିଁ । ପିତା ମାତା ଆମର ଜୀବନ୍ତ ଦେବତା । ସେମାନଙ୍କ ସେବା ହିଁ ଠାକୁରଙ୍କ ପ୍ରକୃତ ପୂଜା ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ । ଡ଼ିହିରାକୁଳ ଶ୍ରୀଜଗନ୍ନାଥ ଶିଶୁ ମନ୍ଦିର ଏବଂ ଡ଼ିହିରାକୁଳ ନୋଡ଼ାଲ ସ୍କୁଲର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ପିତା ମାତାଙ୍କ ପ୍ରତି ଆମର କର୍ତ୍ତବ୍ୟ ଆଧାରରେ ବହୁ ଉଚ୍ଚକୋଟୀର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରି ପରିବେଶକୁ ଭାବମୟ କରି ତୋଳିଥିଲେ । ଡ଼ିହିରାକୁଳ ଏବଂ ଆଖ ପାଖ ଗ୍ରାମର ଶତାଧିକ ଗୁରୁଜନ ମାନଙ୍କୁ ସେମାନଙ୍କ ଘରୁ ପାଛୋଟି ଅଣାଯାଇ ପଦଧୌତ ସହ ପୁଷ୍ପ, ଚନ୍ଦନ, ଧୂପଦୀପରେ ପୂଜା କରାଯାଇ ଅଙ୍ଗ ବସ୍ତ୍ର ପ୍ରଦାନ କରାଯାଇଥିଲା । ପ୍ରାୟ ୮୦ ଜଣ ବୟୋଜ୍ୟେଷ୍ଠ ପୁରୁଷ ଓ ୪୦ ଜଣ ବୟୋଜ୍ୟେଷ୍ଠ ମହିଳାଙ୍କୁ ଏହି କାର୍ଯ୍ୟକ୍ରମରେ ପୂଜା କରାଯାଇ ସକାଳର ଜଳଯୋଗ, ମଧ୍ୟାହ୍ନ ଭୋଜନ ପ୍ରଦାନ ପୂର୍ବକ ସେମାନଙ୍କ ଠାରୁ ଆଶୀର୍ବାଦ ଭିକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମ ଶେଷରେ ସଂକୀର୍ତ୍ତନର ଭକ୍ତିମୟ ପରିବେଶରେ ସେମାନଙ୍କୁ ନିଜ ନିଜ ଘରେ ପହଞ୍ଚାଇ ଦିଆଯାଇଥିଲା ।

## ଆସିକା ଟାଉନ୍ ହଲଠାରେ ନିଖିଳ ଓଡିଶା ମଧ୍ୟାହ୍ନ ଭୋଜନ ପାଚିକା ସହାୟିକା ସଂଘର ଜିଲ୍ଲା ସ୍ତରୀୟ ସମାବେସ

ଆସିକା (ମହାଭାରତ):ଆସିକା ଟାଉନ୍ ହଲଠାରେ ନିଖିଳ ଓଡିଶା ମଧ୍ୟାହ୍ନ ଭୋଜନ ପାଚିକା ସହାୟିକା ସଂଘର ଜିଲ୍ଲାସ୍ତରୀୟ ସମାବେସ ଅନୁଷ୍ଠିତ ହୋଇଯାଇଛି। ଆସିକା ବ୍ଲକ ସଂଘର ସଭାପତି ଶ୍ରୀମତି ରଙ୍ଗବତୀ ପାତ୍ରଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଜିଲ୍ଲା ସଭାପତି ରାଜେନ୍ଦ୍ର ଦାସ, କାର୍ଯ୍ୟକାରି ସଭାପତି ପ୍ରଦୀପ ସେଠୀ ଶିକ୍ଷକ ନେତା ପିତବାସ ମହାପାତ୍ର, ଓକିଲ ସଂଘ ସମ୍ପାଦକ ବିଦେଶି ନାୟକ, ଶିକ୍ଷକ ନେତା ଦେବହରି ମହାପାତ୍ର, ଗୀତାରାଣୀ, ଛତ୍ରପୁର ସଂଘର ସଭାପତି ବାସନ୍ତି ପଣ୍ଡା, ସଭ୍ୟା ରଶ୍ମିତା ମହାରଣା, କୁକୁଡାଖଣ୍ଡି ବ୍ଲକ ସଭାପତି ମାଗି ବିଷୋୟୀ, ଧରାକୋଟ ବ୍ଲକ ସଭାପତି ମମତା ତ୍ରିପାଠୀ, ବେଲଗୁଣ୍ଠା ସଭାପତି ମାମୁନୀ ନାୟକ, ସେରଗଡ ମଞ୍ଜୁଳା ମହାନ୍ତି, ବୁଗୁଡ଼ା ବ୍ଲକ ସଭାପତି ମଞ୍ଜୁଳା ପରିଡା, ପୋଲସରା ସବିତା ସାସମଲ, ହିଞ୍ଜିଳିକାଟୁ ବ୍ଲକର ପି ପଦ୍ମା, ରଙ୍ଗେଇଲୁଣ୍ଡା ପୁଷ୍ପାଞ୍ଜଳି ଗୌଡ଼ ଯୋଗଦେଇ ଆଗାମି ଗ୍ରୀଷ୍ମ ବିଧାନସଭା ଅଧିବେଶନ ବେଳେ ୧୭.୦୨.୨୦୨୫ ସଙ୍ଘ ର ବିଭିନ୍ନ ଦାବୀ ଉପସ୍ଥାପନା ପାଇଁ ରାଜ୍ୟ ବ୍ୟାପି ପାଚିକା ମାନେ ବିଧାନସଭା ଆଗରେ ବିକ୍ଷୋଭ ପ୍ରଦର୍ଶନ ପାଇଁ ନିଷ୍ପତ୍ତି ନିଆଗଲା।



# ଗଞ୍ଜାମ ଜିଲ୍ଲା ନିଖିଳ ଉତ୍କଳ ଇପିଏଫ ପେନସନ ଧାରୀଙ୍କ ନୂତନ କର୍ମକର୍ତା ଚୟନ

ଆସିକା (ମହାଭାରତ): ନିଖିଳ ଉତ୍କଳ ଇପିଏଫ ପେନସନ ଆସୋସିଏସନର ଗଞ୍ଜାମ ଜିଲ୍ଲା ନୂତନ ଶାଖା ଗଠନ ସକାଶେ ଏକ ବୈଠକ ନଳବ□। ଶିବ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି ।ରାଜ୍ୟ କମିଟି ସଭାପତି ତଥା ପୂର୍ବତନ ଇପିଏଫ କମିଶନର ସଞ୍ଜୟ କୁମାର ରଥ ଙ୍କ ସଭାପତିତ୍ୱ ରେ ଆୟୋଜିତ ଏହି ସଭାରେ ରାଜ୍ୟ କମିଟି ସାଧାରଣ ସମ୍ପାଦକ ମାୟାଧର ମଲ୍ଲିକ, ସଂଗଠନ ସମ୍ପାଦକ କସ୍ତୁରୀ ଚରଣ ସୁବୁଦ୍ଧି, ସଂଯୋଜକ ରାଜକିଶୋର ସ୍ୱାଇଁ ଉପସଭାପତି ପ୍ରସନ୍ନ କୁମାର ଶତପଥୀ, ସହ ସମ୍ପାଦକ ଜୟକୃଷ୍ଣ ଜେନା କାର୍ଯ୍ୟକାରିଣୀ ସଭ୍ୟା ପ୍ରେମଲତା ଜୟସିଂ ପ୍ରମୁଖ ଉପସ୍ଥିତ ରହିଥିଲେ। ଆୟୋଜିତ ଏହି ସଭାରେ ଗଞ୍ଜାମ ଜିଲ୍ଲା ସଂଯୋଜକ ପ୍ରଶାନ୍ତ କୁମାର ଶତପଥୀ ଉପସ୍ଥିତ ସମସ୍ତ ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟଙ୍କୁ ଓ ଶତାଧିକ ପେନସନ ଧାରିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ରାଜ୍ୟ ସମ୍ପାଦକ ନିଜ ଅଭିଭାଷଣ ରେ ରାଜ୍ୟ ଇପିଏଫ ପେନସନ ଧାରୀଙ୍କ ବିଭିନ୍ନ ସମସ୍ୟା ସର୍ବନିମ୍ନ ପେନସନ ବୃଦ୍ଧି ସହ ମାହାଙ୍ଗାଭ□। ପ୍ରଦାନ, ଉଚ୍ଚ ହାରରେ



ପେନସନ ପାଇବାକୁ ଯୋଗ୍ୟ ପେନସନ ଧାରିଙ୍କୁ ଖୁବ ଶିଘ୍ର ସେମାନଙ୍କ ପେନସନ ପ୍ରଦାନ ଆଦି ବିଭିନ୍ନ ସମସ୍ୟା କୁ ସରକାର ଙ୍କ ନିକଟରେ ଉପସ୍ଥାପନ କରିବାକୁ ପ୍ରସ୍ତାବ ଦେଇଥିଲେ। ପରେ ରାଜ୍ୟ କାର୍ଯ୍ୟକାରୀଣି କମିଟିର ଅନୁମୋଦନ କ୍ରମେ ଆସୋସିଏସନ୍ର ଗଞ୍ଜାମ ଜିଲ୍ଲା ଶାଖା ଗଠନ କାରାଯାଇ ଜିଲ୍ଲା କାର୍ଯ୍ୟକାରୀଣି କମିଟି ଗଠିତ ହେଲା । ସର୍ବସମ୍ମତି କ୍ରମେ ସର୍ବ ଶ୍ରୀ ରମେଶ ଚନ୍ଦ୍ର ସାହୁ, ପ୍ରଶାନ୍ତ କୁମାର ଶତପଥି, ବିପ୍ରଚରଣ ଜେନା, ନାରାୟଣ ସାବତ, ବାଳକୃଷ୍ଣ ଦାସ, ଏ. ଗୋପି, ସିମା□ଳ ମହାନ୍ତି, ରବିନ୍ଦ୍ର ନାଥ ସାମନ୍ତରାୟ, ପ୍ରଶାନ୍ତ କୁମାର ଦାସ, ଗଜପତି ମହାନ୍ତି, ବାସୁ ସାହୁ, ଶିବରାମ ବିଶ୍ୱାଳ ଓ ଦିଲ୍ଲିପ ପଟ୍ଟନାୟକଙ୍କୁ ଯଥାକ୍ରମେ ଜିଲ୍ଲା କମିଟି ସଭାପତି, ସମ୍ପାଦକ , କାର୍ଯ୍ୟକାରୀ ସଭାପତି, ଉପସଭାପତି, ମହସମ୍ପାଦକ, ସଂଗଠନ ସମ୍ପାଦକ ଏବଂ କୋଷାଧକ୍ଷ ଉପକୋଷାଧକ୍ଷ ଚୟନ କରାଯାଇ ରାଜ୍ୟ ସଭାପତିଙ୍କ ଦ୍ୱାରା ଘୋଷାଣା କରାଗଲା। ଜିଲ୍ଲା କାର୍ଯ୍ୟାକାରୀଣି କମିଟିର ସମସ୍ତ କାର୍ଯ୍ୟ ତଥା ସଦସ୍ୟ ମାନେ ଆସୋସିଏସନର ପଞ୍ଜିକୃତ ବାଇଲା ଅନୁଯାଇ କାର୍ଯ୍ୟ ପରିଚାଳନା କରିବାକୁ ଶପଥ ନେଇଥିଲେ ।ଶେଷରେ ନବଗଠିତ ଜିଲ୍ଲା କମିଟି ସଭାପତି ରମେଶ ଚନ୍ଦ୍ର ସାହୁଙ୍କୁ ଧନ୍ୟବାଦ ପ୍ରସ୍ତାବ ପରେ ସଭାପତି ସଭାସାଙ୍ଗ ଘୋଷଣା କରିଥିଲେ ।

# ଝଲସିବ ରାଜ୍ୟର ପ୍ରମୁଖ ଶକ୍ତିପିଠ ମା' ଭଗବତୀ ମନ୍ଦିର

## ଉନ୍ନୟନ କାର୍ଯ୍ୟ ସମୀକ୍ଷା କଲେ ଆଇନ ମନ୍ତ୍ରୀ

ବାଣପୁର :( ମହାଭାରତ )ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ନବମ ଶତାଦ୍ଦୀର ନିର୍ମିତ ବାଣପୁରର ଅଧିଷ୍ଠାତ୍ରୀ ଦେବୀ ତଥା ଓଡ଼ିଶାର ପ୍ରମୁଖ ଶକ୍ତିପିଠ ମା' ଭଗବତୀଙ୍କ ପୀଠର ସର୍ବବିଧ ବିକାଶ କରି ଏହାକୁ ଏକ ଆକର୍ଷଣୀୟ ଧର୍ମୀୟ ପର୍ଯ୍ୟଟନ କ୍ଷେତ୍ର ଭାବରେ ପ୍ରତିଷ୍ଠିତ କରିବା ପାଇଁ ମୋହନ ସରକାର ବଦ୍ଧପରିକର। ଏହି ପରିପ୍ରେକ୍ଷୀରେ ରବିବାର ଦିନ ଐତିହ କିର୍ତ୍ତିରାଜୀର ସମନ୍ୱିତ ବିକାଶ ଓ ପର୍ଯ୍ୟଟନସ୍ଥଳୀ ଯୋଜନା ଅଧୀନରେ ପାରିପର୍ଶ୍ୱ ଉନ୍ନୟନ ମୂଳକ କାର୍ଯ୍ୟର ଏକ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ମନ୍ଦିର ପରିସର ଓ ଚର୍ତୁପାର୍ଶ୍ୱର ବିଭିନ୍ନ ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ ଚିଲିକା ବିଧାୟକ ତଥା ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ସିଂହଦ୍ୱାରଠାରୁ ଆରମ୍ଭ କରି ପରିକ୍ରମା, ଘାଟ, ନାଟ୍ୟ ମଣ୍ଡପର ବାହ୍ୟ ଆବରଣ , ଶ୍ରୀ ଜଗନ୍ନାଥ ମନ୍ଦିର , ସିଂହ ଦ୍ୱାରର ଉନ୍ନତୀକରଣ ଏବଂ ଦୋଳବେଦୀ ନିର୍ମାଣ ସହିତ ବହୁମୁଖୀ ହଲ୍ ,ରାସ୍ତା ଓ ନଦୀଘାଟ ଆଦିର ବିକାଶ ଉପରେ ସ୍ୱତନ୍ତ୍ର ଧ୍ୟାନ ଦିଆଯାଇଛି ।ମନ୍ଦିରର ବହୁ ପୁରୁଣା ଐତିହ୍ୟକୁ ସଂରକ୍ଷଣ କରିବା



ସହ ଏହାକୁ ଏକ ଜୀବନ୍ତ ଆଧ୍ୟାତ୍ମିକ ଓ ସାଂସ୍କୃତିକ କେନ୍ଦ୍ରରେ ପରିଣତ କରିବା ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି। ଏତଦ୍ବ୍ୟତୀତ ମନ୍ଦିରର ନିରାପତ୍ତା, ସୁରକ୍ଷା ଏବଂ ଜଳ ନିଷ୍କାସନ ପ୍ରଣାଳୀକୁ ସମନ୍ୱିତ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ବୈଠକରେ ସ୍ଥିର କରାଯାଇଛି ।ଉକ୍ତ ବୈଠକରେ ରାଜ୍ୟ ଦେବୋ□ର ଆୟୁକ୍ତ ଲଳାଟେନ୍ଦୁ ଜେନା ,ଖୋର୍ଦ୍ଧା ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଚଞ୍ଚଳ ରଣା, ଖୋର୍ଦ୍ଧା ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ ) ସାଫଲ୍ୟ ମଣ୍ଡିତ ପ୍ରଧାନ, ଉପ ଜିଲ୍ଲାପାଳ କିଶୋର କୁମାର ପଣ୍ଡା, ରାଜ୍ୟ ପ୍ରତ□ ବିଭାଗ ଅଧିକାରୀ ଅଶ୍ୱିନୀ ଶତପଥୀ ,ଓଡ଼ିଶା ସେତୁ ଓ ନିର୍ମାଣ ନିଗମର ପରିଚାଳନା ନିର୍ଦ୍ଦେଶକ ସମୀର ହୋତା, ଓବିସିସି ଯୁଗ୍ମ ଉପଦେଷ୍ଟା ଜୟ କୃଷ୍ଣ ଦାସ, ବାଣପୁର ବିଡ଼ିଓ ଶୀତଲ ଅଗ୍ରୱାଲ, ବାଣପୁର ତହସିଲଦାର ଟି. ପଦ୍ମନାଭ ଦୋରା, ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ମିଟୁ ନାୟକ, ଶ୍ରୀ ଶ୍ରୀ ଦକ୍ଷେଶ୍ୱର ଭଗବତୀ ଦେବୋ□ର କାର୍ଯ୍ୟାଳୟ କାର୍ଯ୍ୟନିର୍ବାହୀ ଅଧିକାରୀ ବାଳମୁକୁନ୍ଦ ଦାସଙ୍କ ସହ ବିଭାଗୀୟ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

ମହାଭାରତ ଏଇ ପୃଥିବୀରେ...
ପ୍ରତିଟି ଖବର ହାତ ପାହାନ୍ତାରେ



# ରାହୁଲଙ୍କୁ ଟାର୍ଗେଟ କଲେ ପରେଶ

**ନୂଆଦିଲ୍ଲୀ,୮।୨(ଏଜେନ୍ସି):** ଦିଲ୍ଲୀର ୭୦ଟି ଆସନରେ ହୋଇଥିବା ବିଧାନସଭା ନିର୍ବାଚନର ଫଳାଫଳ ଆଜି ଘୋଷଣା କରାଯାଉଛି । ଏହା ସହିତ, ଦିଲ୍ଲୀରେ ବିଜେପି ସରକାର ଗଠନ କରିବ ବୋଲି ଏକପ୍ରକାର ସ୍ପଷ୍ଟ ହୋଇଛି। ଦିଲ୍ଲୀରେ ବିଜେପି କେବଳ ଆମ ଆଦମୀ ପାର୍ଟିର ଅବସ୍ଥା ଶୋଚନୀୟ କରିନାହିଁ ବରଂ କଂଗ୍ରେସକୁ ଖାତା ଖୋଲିବାକୁ ମଧ୍ୟ ଦେଇନାହିଁ । ଏଭଳି ଦିଲ୍ଲୀ ନିର୍ବାଚନରେ ଶୋଚନୀୟ ପରାଜୟ ପରେ ଫିଲ୍ମ ଅଭିନେତା ତଥା ପୂର୍ବତନ ସାଂସଦ ପରେଶ



ରାୱଲ ରାହୁଲ ଗାନ୍ଧୀଙ୍କୁ କଟାକ୍ଷ କରିଛନ୍ତି। ପରେଶ ରାୱଲ, ରାହୁଲ ଗାନ୍ଧୀଙ୍କ ନାମ ନ ନେଇ ଏକ୍ସରେ ପୋଷ୍ଟ କରି ତାଙ୍କୁ ଟାର୍ଗେଟ କରିଛନ୍ତି। ପରେଶ ଏକ ପୋଷ୍ଟ ସେୟାର କରିଛନ୍ତି ଯେଉଁଥିରେ ରାହୁଲ ଗାନ୍ଧୀଙ୍କ ଫଟୋ ସହିତ ଲେଖାଯାଇଛି, ମାନବ ଇତିହାସରେ ଐତିହାସିକ ସଫଳତା ହାସଲ କରିବା ପାଇଁ ରାହୁଲ ଗାନ୍ଧୀ ମାତ୍ର କିଛି ଘଣ୍ଟା ଦୂରରେ ଅଛନ୍ତି । ୧୦୦ତମ ବିଫଳତା । ଏହି ଐତିହାସିକ ଘଟଣାର ଅଂଶ ହୋଇଥିବାରୁ ଅଭିନନ୍ଦନ ।

# ଭାବୁକ ହୋଇପଡିଲେ ଆନ୍ନା

**ନୂଆଦିଲ୍ଲୀ,୮।୨(ଏଜେନ୍ସି):** ଦିଲ୍ଲୀ ବିଧାନସଭା ନିର୍ବଚନରେ ଆମ ଆଦମୀ ପାର୍ଟି ଏବଂ ଅରବିନ୍ଦ କେଜରିୱାଲଙ୍କ ପରାଜୟରେ ସାମାଜିକ କର୍ମୀ ଆନ୍ନା ହଜାରେ ଭାବପ୍ରବଣ ହୋଇପଡିଛନ୍ତି । ଆନ୍ନା ହଜାରେ ଭାବପ୍ରବଣ ହୋଇ କହିଛନ୍ତି ଯେ ସେ କେଜରିୱାଲଙ୍କୁ ବହୁତ ବୁଝାଇବାକୁ ଚେଷ୍ଟା କରିଥିଲେ କିନ୍ତୁ ସେ ସମାଜ ବିଷୟରେ ଚିନ୍ତା ନକରି ରାଜନୀତିରେ ପ୍ରବେଶ କରିଥିଲେ । ସେ କହିଲେ, ମୁଁ ତାଙ୍କଠାରୁ ବହୁତ ଆଶା କରିଥିଲି । ମୁଁ ତାଙ୍କୁ ବହୁତ ଭଲପାଉଥିଲି, କିନ୍ତୁ ସେ ଚାଲିଗଲେ । ସାମାଜିକ କର୍ମୀ ଅ ।ନ୍ନା ହଜାରେ କହିଛନ୍ତି, ମୁଁ ବହୁତ ଦିନ ଧରି କହିଆସୁଛି ଯେ ନିର୍ବାଚନ ଲଢ଼ିବା ସମୟରେ ପ୍ରାର୍ଥୀଙ୍କ ଆଚରଣ, ଚିନ୍ତାଧାରା ଏବଂ ଚରିତ୍ର ପବିତ୍ର ହେବା ଉଚିତ । ଏହି ଲୋକମାନେ ମଦ ନୀତିରେ ଲିପ୍ତ ଥିଲେ, ସେମାନଙ୍କର ଛବି ଖରାପ ଥିଲା, ଏହି କାରଣରୁ ସେମାନଙ୍କୁ କମ୍ ଭୋଟ ମିଳିଥିଲା । ଆନ୍ନା ହଜାରେ କହିଛନ୍ତି ଯେ ମଦ ନୀତି ଏବଂ ଟଙ୍କା ଉପରେ ଧ୍ୟାନ ଦେବା କାରଣରୁ ଅରବିନ୍ଦ କେଜରିୱାଲଙ୍କ ନେତୃତ୍ୱାଧୀନ ଆମ ଆଦମୀ ପାର୍ଟି (ଆପ୍)କୁ ଦିଲ୍ଲୀ ବିଧାନସଭା ନିର୍ବାଚନରେ ପରାଜୟର ସାମ୍ନା କରିବାକୁ ପଡିଲା । ସାମାଜିକ କର୍ମୀ କହିଛନ୍ତି ଯେ ଅରବିନ୍ଦ କେଜରିୱାଲ ନିଃସ୍ୱାର୍ଥପର ଭାବରେ ଲୋକଙ୍କ ସେବା କରିବାର କର୍ତ୍ତବ୍ୟକୁ ବୁଝିପାରିଲେ ନାହିଁ । କେଜରିୱାଲଙ୍କୁ ଟାର୍ଗେଟ କରି ସେ କହିଛନ୍ତି ଯେ ପ୍ରାର୍ଥୀଙ୍କ ଚରିତ୍ର ସଫା ହେବା ଉଚିତ ଏବଂ ତାଙ୍କୁ ତ୍ୟାଗର ଗୁଣ ଜାଣିବା ଉଚିତ । ପ୍ରାର୍ଥୀଙ୍କ ଏହି ଗୁଣଗୁଡ଼ିକ ଲୋକଙ୍କ ବିଶ୍ୱାସ ଜିତିଥାଏ ଏବଂ ସେମାନେ ଭାବନ୍ତି ଯେ ପ୍ରାର୍ଥୀ ସେମାନଙ୍କ ପାଇଁ କିଛି କରିବେ । ଉଲ୍ଲେଖ ଥାଉ କି ବରିଷ୍ଠ ଅ ।ପ ନେତା ଏବଂ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆ ଜଙ୍ଗପୁରାରୁ ପରାଜୟ ସ୍ୱୀକାର କରିଛନ୍ତି, ଯେତେବେଳେ ଦଳର ସୁପ୍ରିମୋ ଅରବିନ୍ଦ କେଜରିୱାଲ ନୂଆଦିଲ୍ଲୀ ବିଧାନସଭା ଆସନରୁ ପରାଜୟର ସମ୍ମୁଖୀନ ହୋଇଛନ୍ତି । ଦୁର୍ନୀତି ବିରୋଧୀ ଆନ୍ଦୋଳନ ପରେ ୨୦୧୨ ମସିହାରେ କେଜ୍ରିୱାଲଙ୍କ ନେତୃତ୍ୱରେ ଆମ ଆଦମୀ ପାର୍ଟି ପ୍ରତିଷ୍ଠିତ ହୋଇଥିଲା । କେଜରିୱାଲଙ୍କୁ ହଜାରେଙ୍କ ସମର୍ଥକ ବୋଲି ବିବେଚନା କରାଯାଏ, କିନ୍ତୁ ୨୦୧୨ ମସିହାରେ ଆମ ଆଦମୀ ପାର୍ଟି ଗଠନ ହେବା ପରେ ଦୁହେଁ ଅଲଗା ହୋଇଗଲେ ।

# ଅଯୋଧ୍ୟାର ପ୍ରତିଶୋଧ ମିଲ୍କିପୁରରେ ନେଲେ ଯୋଗୀ

**ନୂଆଦିଲ୍ଲୀ,୮।୨(ଏଜେନ୍ସି):** ଦିଲ୍ଲୀ ବିଧାନସଭା ନିର୍ବାଚନରେ ଆମ ଆଦ୍ମୀ ପାର୍ଟି ଧୂଳି ଚଟାଇବା ପରେ ଉତ୍ତରପ୍ରଦେଶ ମିଲ୍କିପୁରରେ ସମ୍ମାନ ରଖିଲା ବିଜେପି । ବହୁ ଆକାଂକ୍ଷିତ ମିଲ୍କିପୁର ଉପନିର୍ବାଚନରେ ସମାଜବାଦୀ ପାର୍ଟିକୁ ହରାଇ ଦଳ ଏଠାରୁ ବିଜୟୀ ହୋଇଛି । ୟୁପିର ଅଯୋଧ୍ୟାର ବହୁଚର୍ଚ୍ଚିତ ମିଲ୍କିପୁର ଆସନରେ ବିଜେପି ବିପୁଳ ବିଜୟ ହାସଲ କରିଛି । ବିଜେପିର ଚନ୍ଦ୍ରଭାନ ପାଶୱାନ ସମାଜବାଦୀ ପାର୍ଥୀ ଅଜିତ ପ୍ରସାଦଙ୍କୁ ୬୦ ହଜାର ଭୋଟରେ ପରାସ୍ତ କରିଛନ୍ତି । ଯାହାକୁ ନେଇ ବିଜେପି ଖୁବ୍ ଖୁସି । ଏନେଇ ଉତ୍ତର ପ୍ରଦେଶ ଉପମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମୌର୍ଯ୍ୟ କହିଛନ୍ତି ଏହା କେବଳ ଟ୍ରେଲର ଥିଲା, ଆଗକୁ ତ ପୂରା ସିନେମା ବାକି ଅଛି। ୨୦୨୭ ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନ ଥିବାକରୁ ଏହାକୁ ଲକ୍ଷ୍ୟ ରଖି ଏପରି କହିଛନ୍ତି ଉପମୁଖ୍ୟମନ୍ତ୍ରୀ । ଅଯୋଦ୍ଧା ଜିଲ୍ଲାର ଏହି ମିଲ୍କିପୁର ଆସନ ବିଭିନ୍ନ ରାଜନୈତିକ ଦଳ ପାଇଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ ଥିଲା । ଏହି ଆସନରୁ ଜିତିବା ଉଭୟ ଦଳ ପାଇଁ ସମ୍ମାନର ବିଷୟ ଥିଲା। ଆଉ ଏଥିରେ ସଫଳ ହୋଇଛି ବିଜେପି । ନିଜ ଚମତ୍କାର ରଣନୈତିକ କୌଶଳ ପ୍ରୟୋଗ କରି ଦଳ ଏକପ୍ରକାର କ୍ଲିନସ୍ୱିପ କରିଛି । ଏହା ମାସକ ପୂର୍ବରୁ ଫୈଜାବାଦର ଲୋକସଭା ଉପନିର୍ବାଚନରେ ବିଜେପି ସମାଜବାଦୀ ପାର୍ଟି ଠାରୁ ପରାସ୍ତ ହୋଇଥିଲା। ଏହି ଜିଲ୍ଲାରେ ରାମ ମନ୍ଦିର ଥିବାର ପ୍ରଭୁ ଶ୍ରୀରାମ ବିଜେପିକୁ ହରାଇ ଦେଲେ ବୋଲି କହି ବିରୋଧୀ କଟାକ୍ଷ କରିଥିଲେ । ତେଣୁ ମିଲ୍କିପୁର ଆସନ ବିଜେପି ପାଇଁ ସମ୍ମାନର ବିଷୟ ଥିଲା । ଏଠୁ ଜିତିବା ପାଇଁ ଉଭୟ ଦଳ ଜୋରଦାର ପ୍ରଚାର କରିଥିଲେ । ହେଲେ ବିଜେପି ଏଠି ବାଜିମାତ କରିଛି। ୨୦୨୪ ମସିହାରେ ବିଜେପିକୁ ପରାସ୍ତ କରି ସମାଜବାଦୀ ଦଳର ଅବଧେଶ ପ୍ରସାଦ ଫୈଜାବାଦ (ଅଯୋଧ୍ୟା) ସଂସଦୀୟ ଆସନରୁ ନିର୍ବାଚିତ ହୋଇଥିଲେ । ତେବେ ତାଙ୍କ ମୃତ୍ୟୁ ପରେ ଏହି ଅନୁସୂଚିତ ଜାତି-ସଂରକ୍ଷିତ ଆସନ ଖାଲି ପଡ଼ିଥିଲା । ଉପନିର୍ବାଚନରେ ସପା ଏଠାରୁ ଅବଧେଶଙ୍କ ପୁଅ ଅଜିତ ପ୍ରସାଦଙ୍କୁ ପ୍ରାର୍ଥୀ କରିଥିବା ବେଳେ ବିଜେପି ଚନ୍ଦ୍ରଭାନୁ ପାଶୱାନଙ୍କୁ ଟିକେଟ ଦେଇଥିଲା । ତେବେ ଏହି ଆସନରୁ ୨୦୨୨ ବିଧାନସଭା ନିର୍ବାଚନ ଲଢିଥିବା ବିଜେପି ପ୍ରାର୍ଥୀ ଗୋରଖନାଥ ଅବଦେଶଙ୍କ ପ୍ରାର୍ଥୀପତ୍ରକୁ ଚ୍ୟାଲେଞ୍ଜ୍ କରିଥିଲେ । ତାଙ୍କ ପ୍ରାର୍ଥୀପତ୍ରର ସତ୍ୟତା ଯାଞ୍ଚ କରାଯାଉ ବୋଲି ସେ ନିର୍ବାଚନ କମିଶନଙ୍କ ଦ୍ୱାରସ୍ଥ ହୋଇଥିଲେ। ଫଳରେ ଉପନିର୍ବାଚନ ବିଳମ୍ବ ହୋଇଥିଲା। ତେବେ ଗୋରଖନାଥ ତାଙ୍କ ଆବେଦନ ପ୍ରତ୍ୟାହାର କରିବା ପରେ, ଭାରତୀୟ ନିର୍ବାଚନ କମିଶନର (ଇସିଆଇ) ଫେବୃଆରୀ ୫ ତାରିଖକୁ ଉପନିର୍ବାଚନ ତାରିଖ ଘୋଷଣା କରିଥିଲେ। ଦିଲ୍ଲୀ ସହିତ ଏହାର ନିର୍ବାଚନ ହୋଇଥିଲା । ଆଉ ଆଜି ମିଲ୍କିପୁରର ଫଳାଫଳ ଘୋଷଣା ହୋଇଛି । ଏଥିରେ ବିଜେପିର ଚନ୍ଦ୍ରଭାନୁ ପାଶୱାନଙ୍କ ମୁଣ୍ଡରେ ହାତୀ ସୁନା କଳସ ଢାଳିଛି । ଶ୍ରୀ ପାଶୱାନ ଏଠାରୁ ୬୦ ହଜାର ଭୋଟରେ ବିଜୟୀ ହୋଇ ବିଜେପିର ସମ୍ମାନ ରଖିଛନ୍ତି ।

# ଭାରତୀୟ ପ୍ରାକୃତିକ କୃଷି ପଦ୍ଧତି ଯୋଜନାରେ ଏକ ଦିବସୀୟ କର୍ମଶାଳା

**ମୁନିଗୁଡା, (ନି.ପ୍ର):** ରାୟଗଡ଼ ଜିଲ୍ଲାର ମୁନିଗୁଡା ବ୍ଲକରେ ସିମଫେଡ (ଭି.ପି.କେ.ପି) ରାୟଗଡ଼ଙ୍କ ଆନୁକୂଲ୍ୟରେ ଓ ରାୟଗଡ଼ ଆତ୍ମାର ସୌଜନ୍ୟରେ ଭାରତୀୟ ପ୍ରାକୃତିକ କୃଷି ପଦ୍ଧତି ଯୋଜନାରେ ଏକ ଦିବସୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କୃଷି ଜିଲ୍ଲା ଅଧିକାରୀ ମୁନିଗୁଡା ଚିତ୍ତ ରଂଜନ ଶତପଥିଙ୍କ ସଭାପତିତ୍ୱରେ ଓ ସହକାରୀ ବୈଷୟିକ ପରିଚାଳକ କୃଷି ବିଭାଗ ଉତ୍ତମ କୁମାର ଦାସଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବରେ ମାନ୍ୟବର ବିଧାୟକ ବିଷମକଟକ ନୀଳମାଧବ ହିକକା, ସମ୍ମାନୀତ ଅତିଥି ଭାବେ ସରପଞ୍ଚ ମୁନିଗୁଡା ଗ୍ରାମ ପଞ୍ଚାୟତ ସରସ୍ୱତି ଶବର, ସମିତି ସଭ୍ୟା ପ୍ରାର୍ଥୀ ମମିତା ପ୍ରାସ୍କାକା, ଉପ ନିର୍ଦ୍ଦେଶକ ଉଦ୍ୟାନ ବିଭାଗ ରାୟଗଡ଼ ଦୟାନିଧି ରାଉତ, ବରିଷ୍ଠ ବୈଜ୍ଞାନିକ ତଥା କୃଷି ବିଜ୍ଞାନ କେନ୍ଦ୍ର ରାୟଗଡ଼ ମୁଖ୍ୟ ଡ. ସୁସ୍ମିତା ମହାନ୍ତି, ବରିଷ୍ଠ ବୈଜ୍ଞାନିକ ତଥା କ୍ଷେତ୍ର ବିଜ୍ଞାନୀ କୃଷି ବିଜ୍ଞାନ କେନ୍ଦ୍ର ଗୁଣୁପୁର ଡ.ନରମ ରାମୁ, ସରକାରୀ ପ୍ରକଳ୍ପ ନିର୍ଦ୍ଦେଶକ ଜଳଛାୟା ଓ ମୃତ୍ତିକା ସଂରକ୍ଷଣ ବିଭାଗ ରାଜେନ୍ଦ୍ର ନାଥ ନାୟକ, ଅବସରପ୍ରାପ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଅକ୍ଷୟ କୁମାର ମଲ୍ଲିକ, ଗୋଷ୍ଠୀ କୃଷି ଅଧିକାରୀ ମୁନିଗୁଡା ଓ ବିଷମ କଟକ କାଳନ୍ଦୀ ପରିଡ଼ା ଓ ରାହୁଲ କୁମାର ନାୟକ, ସହକାରୀ କୃଷି ଅଧିକାରୀ ଦିପ୍ତିରାଣୀ ପଟ୍ଟନାୟକ, ଏ .ଜି. ଏମ ସିମଫେଡ୍ ଦିଲ୍ଲୀ ସୁମିତ ତୋମାର ପ୍ରମୁଖ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଓ



ଆଭିମୁଖ୍ୟ ବିଷୟରେ ଆଲୋଚନା କରିଥିଲେ। ପ୍ରଥମେ ମୁଖ୍ୟ ଅତିଥି ଫିତା କାଟି ସଭା ଓ ବିଭିନ୍ନ ଷ୍ଟଲର ଉଦ୍ଘାଟନ କରିଥିଲେ ଓ ପରେ ଶ୍ରୀ ଜଗନ୍ନାଥଙ୍କ ବିଗ୍ରହରେ ପ୍ରଦୀପ ପ୍ରଜ୍ୱଳନ, ଧୂପ ପ୍ରଜ୍ୱଳନ ଓ ପୁଷ୍ପ ମାଲ୍ୟ ଅର୍ପଣ ପୂର୍ବକ ମଙ୍ଗଳ ନିମନ୍ତେ ପ୍ରାର୍ଥନା ଜଣାଇ ଥିଲେ। ଏହା ପରେ କୃଷି ବିଜ୍ଞାନ କେନ୍ଦ୍ରର ଦୁଇ ବଶିଷ୍ଟ ବୈଜ୍ଞାନିକ ପ୍ରାକୃତିକ କୃଷି, ଜୈବିକ ଉପାୟରେ ଚାଷ ସହ ଦେଶୀୟ ବିହନର ପୁନଃ ପ୍ରକ୍ରିୟାକରଣ ସହ ଏକ ପରିବେଶ, ମୃତ୍ତିକା ସନ୍ତୁଳନ ଜନିତ କୃଷି କାର୍ଯ୍ୟ ଉପରେ ଆଲୋଚନା କରିଥିଲେ। ପରେ ପରେ ଏ.ଜି . ଏମ ସିମ୍ ଫେଡ୍ ଏହି ଯୋଜନାର ଶୁଭାରମ୍ଭ ତଥା ଏହାର କାର୍ଯ୍ୟଶୈଳୀ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା କରିଥିଲେ। ସର୍ବୋପରି ଉପ ଉଦ୍ୟାନ ନିର୍ଦ୍ଦେଶକ ରାୟଗଡ଼, ସହକାରୀ ପ୍ରକଳ୍ପ ନିର୍ଦ୍ଦେଶକ, ଗୋଷ୍ଠୀ କୃଷି ଅଧିକାରୀ ଓ ଅବସର ପ୍ରାପ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ମୁଖ୍ୟ ଭାବରେ ହାଣ୍ଡିଖତ, ବ୍ରହ୍ମାସ୍ତ୍ର, ପଞ୍ଚଗବ୍ୟ, ଗୋମୂତ୍ର, ଗୋବର ସହ ପ୍ରାକୃତିକ, ଜୈବିକ ଓ ପଞ୍ଚତତ୍ୱର ମିଶ୍ରଣରେ ଏକ ସୁସ୍ଥ, ନିରୋଗ ଓ ସବୁଜମୟ କୃଷି ସୃଷ୍ଟି କରିବାକୁ ପରାମର୍ଶ ଦେଇଥିଲେ। ଇତି ଅବସରରେ ମୁଖ୍ୟ ଅତିଥି ନିଜର ଅଭିଭାଷଣରେ ସିକିମ୍ ଦେଶର ପ୍ରଥମ ରାଜ୍ୟ ଯିଏକି ସହେ ପ୍ରତିଶତ ଜୈବିକ କୃଷି କରୁଛନ୍ତି ଓ ଆମର ଜଙ୍ଗଲ ଓ ପରିବେଶ ଏଥି ପାଇଁ ଉପଯୋଗୀ ବୋଲି ଗୁରୁତ୍ୱ ଦେଇଥିଲେ। ଏହାପରେ ସୁନ୍ଦର ପ୍ରାକୃତିକ କୃଷି ଓ ଉଲ୍ଲେଖନୀୟ ଅବଦାନ ପାଇଁ ମୁନିଗୁଡା ବ୍ଲକର ଶଶି ଭୂଷଣ କାଶୀ,ପ୍ରକାଶ ଜାଗେରଙ୍ଗା, ବିଷମକଟକ ବ୍ଲକର ଅଭି ପାଲାକା ଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ସମ୍ମାନୀତ କରାଯାଇଥିଲା। ଏହାପରେ ବିଭିନ୍ନ ଷ୍ଟଲ ଯଥା ଆର. ସି. ଡ଼ି .ସି ମିଲେଟ ମିଶନ ମୁନିଗୁଡା, ଫାର ଏନ .ଜି .ଓ ମୁନିଗୁଡା, ଓ. ପି ଡି .ଏସ .ସି ମିଲେଟ ମିଶନ ବିଷମ କଟକ, ଆଇ କାଡ ଓ ପ୍ରାକୃତିକ କୃଷି ବଇଦ ଗୋବିନ୍ଦ ଦାସଙ୍କୁ ସମ୍ମାନୀତ କରାଯାଇଥିଲା। ଗଣ ମାଧ୍ୟମର ପ୍ରତିନିଧିଙ୍କୁ ବିଶେଷ ଭାବରେ ଅତିଥିଙ୍କ ଦ୍ୱାରା ସମ୍ମାନୀତ କରାଯାଇଥିଲା। ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ଅତିଥିଙ୍କୁ ସମ୍ମାନୀତ କରାଯାଇଥିଲା। କୃଷି ଜିଲ୍ଲା ଅଧିକାରୀ ତଥା ସଭାପତିଙ୍କ ସଭାପତିତ୍ୱ ଅଭିଭାଷଣ ଅତି ସୁନ୍ଦର ଏବଂ ହୃଦୟସ୍ପର୍ଶୀ ବକ୍ତବ୍ୟ ସମସ୍ତଙ୍କ ହୃଦୟକୁ ଛୁଇଁଥିଲା। ଅନ୍ୟ ମାନଙ୍କ ମଧ୍ୟରେ ଅଜିତ କୁମାର ମହାରଣା, ପ୍ରହଲ୍ଲାଦ କାଶୀ, ତ୍ରିନାଥ ପିଡ଼ିକାକା, ନରସିଂହ ନୁନ୍ଦୁକା, ମହେନ୍ଦ୍ର ଗରଡ଼ିଆ, ଜଗନ୍ନାଥ କାଣ୍ଡାମାକା, ରାମ କୁଟ୍ରୁକା, ରବିନ୍ଦ୍ର ଉର୍ଲାକା, ନରେନ୍ଦ୍ର କୁଶୁଲିଆ, ଗାହି ମାମଲାକା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ର ସଫଳତା ନିମନ୍ତେ ପୂର୍ଣ୍ଣ ସହଯୋଗ କରିଥିଲେ। ବିଷମ କଟକ ଓ ମୁନିଗୁଡା ବ୍ଲକର ଶହେରୁ ଅଧିକ ଅଗ୍ରଣୀ ଜୈବିକ ଚାଷୀ ଉପସ୍ଥିତ ଥିଲେ। ଶେଷରେ ଅବସର ପ୍ରାପ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ସମସ୍ତଙ୍କ ଉଦ୍ଦେଶ୍ୟରେ ଧନ୍ୟବାଦ ଅର୍ପଣ କରିଥିଲେ।

# ଚାଷୀଙ୍କୁ ଶୋଷଣ କରୁଛନ୍ତି ବେପାରୀ

କନ୍ଧମାଳ,(ନିପ୍ର) : ପ୍ରଶାସନିକ ଅବହେଳା କାରଣରୁ କନ୍ଧମାଳ ଜିଲା ବାଲିଗୁଡା ଅଞ୍ଚଳର ଆଦିବାସୀ ଅଧୁଷିତ ବନବାସୀ ବେପାରୀଙ୍କ ଦ୍ୱାରା ଶୋଷଣର ଶିକାର ହେଉଛନ୍ତି। ଦୁର୍ଗମ ଅଞ୍ଚଳରୁ ସହରକୁ ବନଜାତ ଦ୍ରବ୍ୟ ବିକ୍ରି କରିବାକୁ ଆସୁଥିବା ବନବାସୀଙ୍କ ପାଇଁ ଉପଯୁକ୍ତ ବ୍ୟବସ୍ଥା ନ ଥିବାରୁ ସେମାନେ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଆଦିବାସୀ ଅଧୁଷିତ ବାଲିଗୁଡା ବ୍ଲକର ବଣପାହାଡ଼ ଘେରା ତଥା ଦୁର୍ଗମ ଅଞ୍ଚଳରୁ ଅନେକ ବନବାସୀ ସେମାନଙ୍କ ଉତ୍ପାଦିତ ବା ସଂଗୃହିତ ବନଜାତ ଦ୍ରବ୍ୟ ଯଥା ଦାନ୍ତକାଠି, ପତ୍ର, ଫଳମୂଳ, ପନିପରିବା, ଔଷଧୀୟ ଜଡିବୁଟି ଆଦି ଆଣି ବାଲିଗୁଡା ସହରର ବିଭିନ୍ନ ସ୍ଥାନରେ ବସି ବିକ୍ରି କରିଥାନ୍ତି। ବିକ୍ରିବଟା କରିବା ପରେ ପଇସା ସହିତ ତେଲ ଲୁଣ, ଲୁଗାପଟା ଆଦି ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ କିଣି ଘରକୁ ଫେରନ୍ତି। କେହି କେହି ସପ୍ତାହରେ ଥରେ ଶନିବାର ସାପ୍ତାହିକ ହାଟ ଦିନରେ ଆସିଥାନ୍ତି ତ କେହି ୨/୩ ଦିନରେ ଥରେ ଆସିଥାନ୍ତି। କେହି ଏକୁଟିଆ ଆସିଥାନ୍ତି ତ କେହି ଦଳ ଦଳ ହୋଇ ଆସିଥାନ୍ତି। ଏଭଳି ସବୁଦିନିଆ ଘଟଣା ଦେଖିବାକୁ ମିଳିଥାଏ। ଏହି ବନବାସୀ ମାନେ ବିଶେଷ କରି ବସ୍, ଜିପ୍ ତଥା ଅଟୋରେ ଭଡ଼ା ଦେଇ ଆସିଥାନ୍ତି। ପାହାଡ଼ିଆ ସାମଗ୍ରୀ ପ୍ରାକୃତିକ ପରିବେଶରେ ହେଉଥିବାରୁ ଏବଂ ବିନା ସାରରେ ହେଉଥିବାରୁ ଏହାର ଚାହିଦା ଅଧିକ ଥାଏ। ସକାଳ ହେଲେ ଅନେକ ଲୋକ ଅପେକ୍ଷା କରିଥାନ୍ତି ଏହି ବନଜାତ ଦ୍ରବ୍ୟ କିଣି ଘରକୁ ନେଇଥାନ୍ତି। କିନ୍ତୁ ଅନେକ ସମୟରେ ବନବାସୀମାନେ ବେପାରୀଙ୍କ ଦ୍ୱାରା ଠକାମିର ଶୀକାର ହୋଇଥାନ୍ତି। ଖାଉଟିମାନେ ମଧ୍ୟ ସେହି ସାମଗ୍ରୀକୁ ବେପାରୀଙ୍କ ଠାରୁ ଅଧିକ ଦାମ୍‌ରେ କିଣି କ୍ଷତିଗ୍ରସ୍ତ ହୋଇଥାନ୍ତି। ଏଣୁ ଅନେକ ସମୟରେ ବନବାସୀ-ବେପାରୀ ଏବଂ ଖାଉଟି-ବେପାରୀଙ୍କ ମଧ୍ୟରେ ବିବାଦ ଉପୁଜିଥାଏ। ଆଦିବାସୀଙ୍କୁ ବେପାରୀଙ୍କ ଶୋଷଣରୁ ମୁକ୍ତ କରିବା ପାଇଁ ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ଏହା ବୃଦ୍ଧି ପାଇବାରେ ଲାଗିଛି। ଏଣୁ ଏହାକୁ ରୋକିବା ସହ ଉପଯୁକ୍ତ ପଦକ୍ଷେପ ନେବାକୁ ବୁଦ୍ଧିଜୀବୀ ମହଲରୁ ପ୍ରଶାସନ ଠାରେ ଦାବି କରିଛନ୍ତି। ବନବାସୀ ମାନେ ସହରରେ ବସି ସାମଗ୍ରୀ ବିକ୍ରି କରିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବା, ବିଶ୍ରାମ ଓ ପାନୀୟ ଜଳ ସୁବିଧା କରିବା, ସେମାନେ ସାଙ୍ଗରେ ଧରି ଆସୁଥିବା ଛୋଟ ଛୋଟ ପିଲାଙ୍କ ପାଇଁ କ୍ରେଚ ବ୍ୟବସ୍ଥା କରାଯାଇପାରିଲେ ସେମାନେ ଉପକୃତ ହେବା ସହ ଶୋଷଣରୁ ମୁକ୍ତ ହୋଇ ପାରିବେ ବୋଲି ବିଭିନ୍ନ ମହଲରୁ ମତ ପ୍ରକାଶ ପାଇଛି।

# ଆନନ୍ଦପୁରରେ ଶିଳ୍ପ ଓ ପର୍ଯ୍ୟଟନସ୍ଥଳୀର ହେବ ବିକାଶ

କେନ୍ଦୁଝରଗଡ଼,(ନିପ୍ର) : କେନ୍ଦୁଝର ଲୋକସଭା ସଦସ୍ୟ ଅନନ୍ତ ନାୟକ ଗୁରୁବାର ଲୋକସଭାରେ ଆନନ୍ଦପୁର ଉପଖଣ୍ଡକୁ ରେଳ ସଂଯୋଗୀକରଣ ନ ଥିବା ପ୍ରସଙ୍ଗ ଉଠାଇ ଆନନ୍ଦପୁରକୁ ତୁରନ୍ତ ରେଳ ସଂଯୋଗୀକରଣ ଦାବି କରିଛନ୍ତି। ନିୟମ-୩୭୭ ଅନୁସାରେ ଏହି ପ୍ରସଙ୍ଗ ଉଠାଇ ସାଂସଦ ଶ୍ରୀ ନାୟକ ଉପରୋକ୍ତ ଦାବି ଲୋକସଭାରେ ଉପସ୍ଥାପନ କରିବା ସହ ଆନନ୍ଦପୁରକୁ ରେଳ ସଂଯୋଗୀକରଣ ହେଲେ ଏହି ଅଞ୍ଚଳରେ ଶିଳ୍ପ ସହ ପର୍ଯ୍ୟଟନର ମଧ୍ୟ ବିକାଶ ହେବ ବୋଲି କହିଛନ୍ତି। ଜନଜାତିବର୍ଗର ଜନସଂଖ୍ୟା ବହୁଳ ଓ ଖଣିଜ ସମ୍ପଦରେ ପରିପୂର୍ଣ୍ଣ କେନ୍ଦୁଝର ଜିଲାର ଆନନ୍ଦପୁର ଉପଖଣ୍ଡରେ ଆଜି ଯାଏଁ ରେଳ ସଂଯୋଗୀକରଣ ହୋଇପାରି ନାହିଁ। ଏହି ଅଞ୍ଚଳକୁ ରେଳ ସଂଯୋଗୀକରଣ କରିବାକୁ ସ୍ଥାନୀୟସ୍ତରରେ ଦୀର୍ଘବର୍ଷ ଧରି ଦାବି ହୋଇଆସୁଛି। ରେଳ ସଂଯୋଗୀକରଣ ନଥିବା କାରଣରୁ ଆନନ୍ଦପୁର ଅଞ୍ଚଳରେ ଶିଳ୍ପ ସଂସ୍ଥା ସ୍ଥାପିତ ହୋଇପାରୁ ନାହିଁ। ଏହି କାରଣରୁ ସ୍ଥାନୀୟ ଅଞ୍ଚଳରେ ବେକାରୀ ସମସ୍ୟାରେ ବୃଦ୍ଧି ହେବାରେ ଲାଗିଛି ବୋଲି ସାଂସଦ ଶ୍ରୀ ନାୟକ ତାଙ୍କ ଯୁକ୍ତିରେ ଏହା ଦର୍ଶାଇଛନ୍ତି। କେନ୍ଦୁଝର ଜିଲାରେ ଲୌହ, ମାଙ୍ଗାନିଜ ଓ କ୍ରୋମାଇଟ ଭଳି ମୂଲ୍ୟବାନ ଖଣିଜସମ୍ପଦ ଗଚ୍ଛିତ ଥିବାବେଳେ ରାଜ୍ୟ ଓ ଦେଶର ଅର୍ଥନୀତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସୁଛି। ଏହାସସତ୍ତ୍ୱେ ଆନନ୍ଦପୁର ଅଞ୍ଚଳରେ ଶିଳ୍ପ ସ୍ଥାପିତ ହୋଇପାରୁ ନାହିଁ। ଶ୍ରୀ ନାୟକ ହରିଚନ୍ଦନପୁରରୁ ଧାମରା ପର୍ଯ୍ୟନ୍ତ ରେଳପଥ ସଂଯୋଗୀକରଣ କରାଯିବାକୁ ପ୍ରସ୍ତାବ ଦେଇଛନ୍ତି। ଏହାଦ୍ୱାରା ଖଣିଜ ପରିବହନ ସୁବିଧାରେ ହୋଇପାରିବା ସହ ଆନନ୍ଦପୁର ଅଞ୍ଚଳରେ ଶିଳ୍ପ ଓ ପର୍ଯ୍ୟଟନର ମଧ୍ୟ ବିକାଶ ହୋଇପାରିବ ବୋଲି ଶ୍ରୀ ନାୟକ କହିଛନ୍ତି। ପ୍ରସ୍ତାବିତ ରେଳ ଲାଇନ କେବଳ ଯେ ଏହି ଅଞ୍ଚଳରେ ଶିଳ୍ପକୁ ପ୍ରୋତ୍ସାହିତ କରିବ ନାହିଁ ବରଂ ସ୍ଥାନୀୟ ଲୋକମାନଙ୍କୁ ରୋଜଗାରର ପନ୍ଥା ସୁଯୋଗ ସୃଷ୍ଟି କରିବ ବୋଲି ସେ କହିଛନ୍ତି। ଶ୍ରୀ ନାୟକ କହିଛନ୍ତି ଯେ ଏହି ଅଞ୍ଚଳରେ ପର୍ଯ୍ୟଟନର ପ୍ରବଳ ସମ୍ଭବନା ରହିଛି। ଘଟଗାଁସ୍ଥିତ ମା'ତାରିଣୀ ମନ୍ଦିର, ଗୁଣ୍ଡିଚାଘାଗୀ ଜଳପ୍ରପାତ, ଦରଗୁଡିଶିଳା, ହଦଗଡ଼ ଇକୋ ଟୁରିଜମ କେନ୍ଦ୍ର, ଚକ୍ରତୀର୍ଥ ଓ ଗଡ଼ଚଣ୍ଡୀ ଭଳି ପ୍ରମୁଖ ପର୍ଯ୍ୟଟନକେନ୍ଦ୍ର ରହିଛି।

# ୨୦ତମ ପାତାଳୀ ମହୋତ୍ସବ ଉଦଯାପିତ





ଉଲୁଣ୍ଡା,(ନିପ୍ର): ପ୍ରସିଦ୍ଧ ପୀଠ ଶ୍ରୀ ପାତାଳୀ କ୍ଷେତ୍ର କୋଟସମଲାଇରେ ଚାଲିଥିବା ୨୦ତମ ପାତାଳୀ ମହୋତ୍ସବ ଉଦଯାପିତ ହୋଇଯାଇଛି। ଦୀର୍ଘ ଦିନ ଧରି ଚାଲିଥିବା ନୃତ୍ୟ, ଗୀତ, ପାରାୟଣ, ପ୍ରବଚନ, ଯଜ୍ଞ, ନାମ ସଂକୀର୍ତ୍ତନର ମହାନ ପାର୍ବଣ ଭାବରେ ୨୦ତମ ପାତାଳୀ ମହୋତ୍ସବ ସମସ୍ତ ଦିଗରୁ ଆକର୍ଷଣୀୟ ଥିଲା। ବିଶେଷକରି ମହାପ୍ରଭୁଙ୍କ ଦୁର୍ଲଭ ୩୨ବେଶ ପ୍ରଦର୍ଶନ ହଜାର ହଜାର ଭକ୍ତଙ୍କ ମନରେ ଏକ ଭକ୍ତିଭାବର ପରିପୂର୍ଣ୍ଣ ହୋଇଥିଲା। ମହୋତ୍ସବର ଅନ୍ତିମ ତଥା ସପ୍ତମ ସଂଧ୍ୟା ଉକ୍ତ ଅଧିବେଶନରେ ମୁଖ୍ୟଅତିଥି ଭାବେ ଓଡିଶା ସରକାରଙ୍କ ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ତଥା ସଂସଦୀୟ ବ୍ୟାପାର ମନ୍ତ୍ରୀ ମାନ୍ୟବର ଡକ୍ଟର ମୁକେଶ ମହାଲିଙ୍ଗ ଓ ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ପୂର୍ବତନ ବିଧାୟକ ସଞ୍ଜୀବ ସାହୁ, ବୀରମହାରାଜପୁର ବିଧାୟକ ଇଂ ରଘୁନାଥ ଜଗଦଲା, ସୁବର୍ଣ୍ଣପୁର ଜିଲ୍ଲା ବିଜେପି ସଭାପତି ପ୍ରମୋଦ ମହାପାତ୍ର, ବଲାଙ୍ଗୀର ସାଂସଦଙ୍କ ପ୍ରତିନିଧି ରାଧାକାନ୍ତ ମହାକୁର ଯୋଗ ଦେଇ ସାଂସ୍କୃତିକ ବାର୍ତ୍ତା ରଖିଥିଲେ। ଏହି ଅବସରରେ ପାତାଳୀ ଶ୍ରୀକ୍ଷେତ୍ରର ଏକ ଅନଲାଇନ ୱେବସାଇଟ ମାନ୍ୟବର ମନ୍ତ୍ରୀ ଉଦଘାଟନ କରିଥିଲେ ଯାହାକି ଏଣିକି ସମସ୍ତ ବିଷୟ ଏହି ସାଇଟରେ ଉପଲବ୍ଧ ହେବ।ଏହି ପୀଠର ବିକାଶ ପାଇଁ ସଦାସର୍ବଦା ଚେଷ୍ଟା କରିବି ଓ ଓଡିଶା ସରକାରଙ୍କ ପାଖରେ ଦାବି ରଖି କହିଏହି ମାସ ଠାରୁ ପାତାଳୀ ରେ ମହାପ୍ରଭୁଙ୍କ ଭବ୍ୟ ମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ମାନ୍ୟବର ବିଧାୟକ ବୀରମହାରାଜପୁର ଇଂ ଜଗଦଲା କହିଥିଲେ।ଏହି ଅବସରରେ ଓଡିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ ପକ୍ଷରୁ ପୁରୀ ମହ୍ଲାର ଭଜନ ଗ୍ରୁପ୍ ଦ୍ୱାରା ଭଜନ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏହା ସହ ଦଣ୍ଡ ନୃତ୍ୟ କାର୍ଯ୍ୟକ୍ରମ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା ଏବଂ ବୌଦ୍ଧିକ ମଣ୍ଡପଠାରେ ପାତାଳୀ ସେନା ଓ ଆମ ସମ୍ବାଦ ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଏଥିରେ ୩୭ୟୁନିଟ ରକ୍ତ ମଧ୍ୟ ସଂଗ୍ରହ ହୋଇଥିଲା। ୫୬ପ୍ରହରୀ ନାମ ଯଜ୍ଞ ମଧ୍ୟ ଆଜି ଦଧି ହାଣ୍ଡି ଭଞ୍ଜନ ପରେ ନଗର ପରିକ୍ରମା ସହ ଉଦଯାପିତ ହୋଇଥିଲା।

# ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଧର୍ମଶାଳା,(ନି.ପ୍ର):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଥାନୁଆଳ ପଂଚାୟତସ୍ଥିତ କଂଟାମାଳିଆ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବୀଣାପାଣି ସାହୁଙ୍କର ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରାଥମିକ ଶିକ୍ଷକ ସଂଘର ସଭାପତି ଆର୍ତ୍ତତ୍ରାଣ ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବ୍ଲକ ଅତିରିକ୍ତ ଶିକ୍ଷାଧିକାରିଣୀ ମମିତା ମହାନ୍ତି ଯୋଗଦେଇ ବିଦାୟୀ ପ୍ରଧାନ ଶିକ୍ଷୟିତ୍ରୀ ବୀଣାପାଣି ସାହୁଙ୍କ ଶିକ୍ଷା ପ୍ରଦାନ ପଦ୍ଧତି ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ଓଡିଶା ପ୍ରାଥମିକ ଶିକ୍ଷକ ସଂଘର ଜିଲ୍ଲା ସଭାପତି ଦେବରାଜ ମିଶ୍ର ଯୋଗଦେଇ ଶ୍ରୀମତୀ ସାହୁ ଜଣେ ସମୟାନୁବର୍ତ୍ତୀ ଓ ଆଦର୍ଶ ଶିକ୍ଷୟିତ୍ରୀ ଭାବରେ ଧର୍ମଶାଳା ଅଂଚଳରେ ପରିଚିତ ହୋଇପାରିଛନ୍ତି ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ଜୟଦେବ ଜେନା, ଶିକ୍ଷାବିତ୍ ଶୁକଦେବ ପତି, ଯୁଗଳ କିଶୋର ଦାସ, ସଂଘ ସଂପାଦକ ବ୍ରଜକିଶୋର ପଣ୍ଡା ଓ ବିଦ୍ୟାଳୟ




ପରିଚାଳନା କମିଟି ସଭାପତି ଦୁର୍ଯ୍ୟୋଧନ ଜେନା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଅବସରପ୍ରାପ୍ତ ଶିକ୍ଷୟିତ୍ରୀଙ୍କର ଗୁଣଗାନ କରିଥିଲେ। ଶିକ୍ଷକ ନାରାୟଣ କୁମାର ନନ୍ଦ, ରମେଶ ଚନ୍ଦ୍ର ସ୍ୱାଇଁ, ଅଶୋକ ଚନ୍ଦ୍ର ସାହୁ, ଭିକାରୀ ସାମଲ, ବାବାଜୀ ଶତପଥୀ, ହୃଷୀକେଶ ସାମଲ, ସୁବାଷ ଚନ୍ଦ୍ର ବେହେରା, ବିଜୟ ସରଣ, ଆଭାରାଣୀ ରାଉତରାୟ, ରୀନା ନାୟକ, ଲକ୍ଷ୍ମୀପ୍ରିୟା ଦେହୁରୀ, ଦେବଶ୍ରୀ ରାଜ, ମନୋଜ କୁମାର ରଣା, ଇତିଶ୍ରୀ ରଥ, କନକଲତା ରାଉତ, ଇନ୍ଦିରା ଗାଗରାଇ, ରୋଜାଲିନୀ ମଲ୍ଲିକ ଓ ଲୋପାଲିସା ନାୟକ ଯୋଗଦେଇ ଶ୍ରମତୀ ସାହୁଙ୍କୁ ଜଣେ ଆଦର୍ଶ ଶିକ୍ଷୟିତ୍ରୀ ଭାବେ ବର୍ଣ୍ଣନା କରିଥିଲେ । ବିଦ୍ୟାଳୟର ଶିକ୍ଷୟତ୍ରୀ ଜୟନ୍ତୀ ବିଶ୍ୱାଳ, ଶୁଭଲକ୍ଷ୍ମୀ ମଲ୍ଲିକ, ସିଆରସିସି ନିବେଦିତା ପରିଡା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶିକ୍ଷକ ନରେନ୍ଦ୍ର ବେହେରା ଧନ୍ୟବାଦ ଦେଇଥିଲେ।

# ଆବର୍ଜନାମୟ ଐତିହ୍ୟ ସମ୍ପନ୍ନ ବଡବନ୍ଧ ପୋଖରୀ

**ଦିଗପହଣ୍ଡି,(ନି.ପ୍ର):** ଦିଗପହଣ୍ଡି ବିଜ୍ଞାପିତ ଅଞ୍ଚଳ ପରିଷଦର ମେଡିକାଲ ରୋଡରେ ଥିବା ବହୁ ପୁରାତନ ଐତିହ୍ୟ ସମ୍ପନ୍ନ ବଡବନ୍ଧ ପୋଖରୀ ବର୍ତ୍ତମାନ ଆବର୍ଜନା ମୟ ହୋଇପଡ଼ିଛି। ଏପରିକି ପୋଖରୀ ଚତୁଃପାର୍ଶ୍ୱରେ କୁଢ କୁଢ ଅଳିଆ ଆବର୍ଜନା ପଡ଼ି ରହିଥିବା ବେଳେ ପାଣି ସମ୍ପୂର୍ଣ୍ଣ ଦୂଷିତ ହୋଇଯାଇଛି। ପାଣିରୁ ଦୁର୍ଗନ୍ଧ ମଧ୍ୟ ବାହାରୁଛି। ଯାହାକୁ ନେଇ ଦିଗପହଣ୍ଡି ସହରବାସୀ ପୋଖରୀର ପୁନରୁଦ୍ଧାର ସକାଶେ ଏନ୍ଏସି ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି କରିଛନ୍ତି। ଖବରପ୍ରକାରେ, ଦିନ ଥିଲା ଦିଗପହଣ୍ଡିର ଜନସାଧାରଣ ଗାଧୋଇବା ପାଇଁ ଉକ୍ତ ପୋଖରୀ ଉପରେ ନିର୍ଭର କରୁଥିଲେ। ଏପରିକି ପୋଖରୀ ହିଡ଼ରେ ପିତୃ ଶ୍ରାଦ୍ଧ, ତିଳ ତର୍ପଣ ପରି ବିଭିନ୍ନ କର୍ମକର୍ମାଣୀ କାର୍ଯ୍ୟପ ମଧ୍ୟ କରି ଆସୁଥିଲେ। ଅତୀତରେ ବଡଖେମୁଣ୍ଡି ରାଜବାଟି ମଧ୍ୟକୁ ପୋଖରୀରୁ ପାଇପ ଯୋଗେ ଜଳଯୋଗାଣ କରାଯାଉଥିଲା। ରାଜା ରାଜୁଡା ସମୟରେ ପୋଖରୀରେ ଏକ ଇଞ୍ଜିନ ତୁଠ ମଧ୍ୟ ରହିଥିଲା। ଯେତେବେଳେ ଦିଗପହଣ୍ଡି ସହରକୁ ପାଇପ ଯୋଗେ ପାନୀୟ ଜଳର ବ୍ୟବସ୍ଥା ନଥିଲା ସେହି ସମୟରେ ଲୋକମାନେ ଉକ୍ତ ପୋଖରୀ ପାଣିକୁ ପାନୀୟଜଳ ରୂପେ ବ୍ୟବହାର କରୁଥିଲେ। ଅପରପକ୍ଷରେ ସେଠାରେ ସର୍ବସାଧାରଣଙ୍କ ନିମନ୍ତେ ଏକ ପାଣିବୁଡା ତୁଠ ରହିଥିଲା। ଯାହାକି ପୋଖରୀ ନିକଟରେ ଥିବା ବିଭିନ୍ନ ମନ୍ଦିରର ପୂଜାର୍ଚ୍ଚନା ଏବଂ ଲୋକଙ୍କ ଭୋଜିଭାତ ନିମନ୍ତେ ପୋଖରୀ ପାଣି ବ୍ୟବହାର ହୋଇ ଆସୁଥିଲା। ବର୍ତ୍ତମାନ ପୋଖରୀର ରକ୍ଷଣାବେକ୍ଷଣ ଅଭାବରୁ ପାଣି ଦୂଷିତ ସାଙ୍ଗକୁ ଅଳିଆ ଆବର୍ଜନା ହୋଇ ପଡିଛି। ଏପରିକି ସଂଧ୍ୟା ନଇଁଲେ ଅସାମାଜିକ ଯୁବକ ମାନେ ପୋଖରୀ ତୁଠରେ ମଦ୍ୟପାନ କରିବା ପରେ ସେଠାରେ ମଦ ବୋତଲ ଭାଙ୍ଗି ଚାଲି ଯାଉଛନ୍ତି। ଲୋକମାନେ କାଚ ଖଣ୍ଡ ଭୟରେ ଖାଲି ପାଦରେ ତୁଠକୁ ଯିବାକୁ ଭୟଭୀତ ହେଉଛନ୍ତି। ବର୍ତ୍ତମାନ ପରିସ୍ଥିତିରେ ସାଧାରଣ ଲୋକେ ପୋଖରୀକୁ ଗାଧୋଇବା ପାଇଁ ଆସୁଥିଲେ ମଧ୍ୟ ଚର୍ମରୋଗ ଭୟରେ ଗାଧୋଇବାକୁ ଉଚିତ ମନେ କରୁନାହାଁନ୍ତି। ଏପରିକି ପୋଖରୀର ଜଳରାଶିରେ ଅଳିଆ ଆବର୍ଜନା ଭାସୁଥିବା ବେଳେ ତାହା ସମ୍ପୂର୍ଣ୍ଣ ରୂପେ ବ୍ୟବହାର ଅନୁପଯୋଗୀ ହୋଇପଡିଛି। ଏନେଇ ଦିଗପହଣ୍ଡି ଅଞ୍ଚଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ କୁମାର କର୍ଣ୍ଣଙ୍କ ସହ ଯୋଗାଯୋଗ କରିବାରୁ ପୋଖରୀର ପୁନରୁଦ୍ଧାର ନିମନ୍ତେ ଟେଣ୍ଡର ହୋଇଥିବା ବେଳେ ଫାଇନାଲ ଡିପିଆର ଆସିଲା ପରେ ପୁନରୁଦ୍ଧାର କରାଯିବ ବୋଲି ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି । ସେହିପରି କାଉନସିଲର ଦୀପକ କୁମାର ମିଶ୍ର ପ୍ରତିକ୍ରିୟାରେ କହିଛନ୍ତି ସରକାର ପରିବର୍ତ୍ତନ ହେବା ଫଳରେ ପୁନରୁଦ୍ଧାର କାର୍ଯ୍ୟ ସାମାନ୍ୟ ବିଳମ୍ବିତ ହୋଇଥିବା ବେଳେ ଆଗାମୀ ସପ୍ତାହକ ମଧ୍ୟରେ କାର୍ଯ୍ୟର ତ୍ୱରାନ୍ୱିତ ହୋଇପାରିବ। ଏହିପରି ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହେବାପରେ ଯଥାଶୀଘ୍ର ପୋଖରୀ ଖନନ କାର୍ଯ୍ୟ କରାଯିବା ସହ ପୋଖରୀ ଚତୁଃପାର୍ଶ୍ୱ ନିର୍ମାଣ କରାଯାଇ ଲୋକଙ୍କ ଉପକୃତ ହୋଇପାରିବେ ବୋଲି ନଗରପାଳ ପ୍ରଫୁଲ୍ଲ ପଣ୍ଡା କହିଥିଲେ।

# କିଏ କଲେ ବାରବାଟୀରେ କାରନାମା


ବେନ୍ ଡଗେଟ୍ (୬୫)


ଜୋ ରୁଟ୍ (୬୯)


ଜୋସ୍ ବଟଲର (୩୪)


ଲିଆମ ଲିଭିଙ୍ଗଷ୍ଟୋନ୍ (୪୧)


ଶୁଭମନ ଗିଲ୍‌ଙ୍କ ଆକର୍ଷଣୀୟ କ୍ୟାଚ୍


ପଦାର୍ପଣକାରୀ ବରୁଣ ଚକ୍ରବର୍ତ୍ତୀଙ୍କ ପ୍ରଥମ ୱିକେଟ


ଡଗଆଉଟ୍‌ରେ ସାଥୀ ଖେଳାଳିଙ୍କ ସହ ମସ୍ତି କରୁଛନ୍ତି ବିରାଟ କୋହଲି

# ଇତିହାସ ରଚିଲେ ରୋହିତ ଶର୍ମା



କଟକ,୯।୨: ଭାରତୀୟ ଟିମର ଅଧିନାୟକ ରୋହିତ ଶର୍ମା ଫର୍ମକୁ ଫେରିଛନ୍ତି । ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଦିନିକିଆ ରେ ସେ ବିସ୍ଫୋରକ ବ୍ୟାଟିଂ କରି ଶତକ ମାରିଛନ୍ତି । ଦୀର୍ଘ ମାସ ପରେ ରୋହି ଶର୍ମାଙ୍କ ବ୍ୟାଟରୁ ଏପରି କୌଣସି ଇନିଂସ ଦେଖିବାକୁ ମିଳିଛି । ରୋହିତ ଶର୍ମା ମାତ୍ର ୩୦ ବଲରେ ହିଁ ଅର୍ଦ୍ଧଶତକ କରିଥିଲେ। ଏହାପରେ ୭୬ ବଲରେ ଶତକ ମାରିଥିଲେ । ଆଜିର ମ୍ୟାଚ୍‌ରେ ରୋହି ନିଜ ନାଁରେ ଏକ ବଡ଼ ରେକର୍ଡ କରିଛନ୍ତି ।ଦିନିକିଆ କ୍ରିକେଟରେ ସବୁଠୁ ଅଧିକ ରନ୍ କରିବାରେ ଚତୁର୍ଥ ଭାରତୀୟ କ୍ରିକେଟର ହୋଇଛନ୍ତି । ରୋହିତ ଶର୍ମା ଏହି ମାମଲାରେ ପୂର୍ବତନ କ୍ରିକେଟର ରାହୁଲ ଦ୍ରାବିଡଙ୍କୁ ପଛରେ ପକାଇଛନ୍ତି ।

୫. ରାହୁଲ ଦ୍ରାବିଡ

ରାହୁଲ ନିଜ ଦିନିକିଆ କ୍ରିକେଟ୍ କ୍ୟାରିୟରରେ ମୋଟ୍ ୧୦୮୮୯ ରନ୍ କରିଥିଲେ ସେ ।ନଡେରେ ସବୁଠୁ ଅଧିକ ରନ୍ କରିବାରେ ପଞ୍ଚମ ଭାରତୀୟ ଖେଳାଳି ରାହୁଲ ଦୀର୍ଘ ବର୍ଷ ଯାଏ ଭାରତୀୟ ଟିମ୍ ଖେଳିଥିଲେ ।

୪. ରୋହିତ ଶର୍ମା

ଟିମ୍ ଇଣ୍ଡିଆର ବର୍ତ୍ତମାନ କ୍ୟାପ୍ଟେନ ରୋହିତ ଶର୍ମା ଏବେ ଦିନିକିଆ ଫର୍ମାଟ୍‌ରେ ଚତୁର୍ଥ ସବୁଠୁ ଅଧିକ ରନ୍ କରିଥିବା ଭାରତୀୟ ଖେଳାଳି ହୋଇଛନ୍ତି । ଇଂଲଣ୍ଡ ବିପକ୍ଷ କଟକ ଦିନିକିଆରେ ସେ ଏହି ଉପଲବ୍ଧ ହାସଲ କରିଛନ୍ତି । ରୋହିତ ଶର୍ମା ମହାନ ବ୍ୟାଟ୍ସର ରାହୁଲ ଦ୍ରାବିଡଙ୍କ ରେକର୍ଡ ଭାଙ୍ଗି ଏହି କୀର୍ତ୍ତିମାନ କରିଛନ୍ତି ।

୩. ସୌରଭ ଗାଙ୍ଗୁଲି

ଏହି ସୂଚୀରେ ତୃତୀୟ ସ୍ଥାନରେ ଅଛନ୍ତି ଟିମ୍ ଇଣ୍ଡିଆର ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲି ନିଜ ଦିନିକିଆ କ୍ୟାରିୟରରେ ଗାଙ୍ଗୁଲି ମୋଟ ୧୧,୩୬୩ ରନ୍ କରିଥିଲେ ।

୨. ବିରାଟ କୋହଲି

ଟିମ୍ ଇଣ୍ଡିଆର ପୂର୍ବତନ ଅଧିନାୟକ ଓ ବର୍ତ୍ତମାନ ଆଉଟ୍ ଅଫ୍ ଫର୍ମରେ ଥିବା ବିରାଟ କୋହଲି ଏହି ସୂଚୀରେ ଦ୍ୱିତୀୟ ସ୍ଥାନରେ ଅଛନ୍ତି ସେ ନିଜ କ୍ୟାରିୟରରେ ୧୩,୯୧୧ ରନ୍ କରିଛନ୍ତି । ରନ୍ ମେସିନ୍ ବିରାଟ କୋହଲି ଶତକ ମାମଲାରେ ସଚିନଙ୍କ ରେକର୍ଡ ଭାଙ୍ଗିପାରିବେ ବୋଲି କୁହାଯାଉଛି ।

୧. ସଚିନ ତେନ୍ଦୁଲକର

ସଚିନ ତେନ୍ଦୁଲକର ସାରା ଦୁନିଆରେ ସବୁଠୁ ଅଧିକ ଦିନିକିଆ ଖେଳିଥିବା ଖେଳାଳି ସେ ନିଜ କ୍ୟାରିୟରରେ ମୋଟ ୧୮,୪୨୬ ରନ୍ କରିଥିଲେ। ତେନ୍ଦୁଲକରଙ୍କ ନାଁରେ ସବୁଠୁ ଅଧିକ ଶତକର ବି ରେକର୍ଡ ବି ରହିଛି, ଯାହାକୁ ଭାଙ୍ଗିବା କୌଣସି ବି ବ୍ୟାଟରଙ୍କ ପାଇଁ ସହଜ ନୁହେଁ ।

## ବାରବାଟୀରୁ ଦିନିକିଆ ଡେବ୍ୟୁ କଲେ ବରୁଣ ଚକ୍ରବର୍ତ୍ତୀ

କଟକ,୯।୨: ବାରବାଟୀ ଦିନିକିଆରେ ଡେବ୍ୟୁ କଲେ ବରୁଣ ଚକ୍ରବର୍ତ୍ତୀ ଟି-୨୦ରେ ପ୍ରଭାବୀ ପ୍ରଦର୍ଶନ ପାଇଁ ଦିନିକିଆରେ ସାମିଲ କୁଲଦୀପ ଯାଦବଙ୍କ ସ୍ଥାନରେ ବରୁଣଙ୍କୁ ସୁଯୋଗ ବରୁଣ ଉଭୟ ଟି-ଟ୍ୱେଣ୍ଟି ଏବଂ ଆଇପିଏଲରେ ଧୂଆଁଧାର ପ୍ରଦର୍ଶନ କରି ସମସ୍ତଙ୍କୁ ଚମକାଇ ଦେଇଛନ୍ତି ।ଆଉ ସେହି ପ୍ରଦର୍ଶନ ଆଜି ତାଙ୍କୁ ନୂଆ ସୁଯୋଗ ଦେଇଛି।



# ବିସିସିଆଇର ଚମତ୍କାର ଫର୍ମୁଲା

ନୂଆଦିଲ୍ଲୀ,୮।୨: ଆଜିକାଲି ଭାରତୀୟ ଦଳ ଇଂଲଣ୍ଡ ବିପକ୍ଷରେ ତିନି ମ୍ୟାଚ୍ ବିଶିଷ୍ଟ ଏକଦିବସୀୟ ସିରିଜ୍ ଖେଳୁଛି। ଏହି ସମୟରେ, ସାମ୍ନାକୁ ଆସିଛି ଗୋଟିଏ ରିପୋର୍ଟ । କାରଣ ଚର୍ଚ୍ଚା ହେଉଥିଲା ଟିମ୍ ଇଣ୍ଡିଆର ଅଧିନାୟକତ୍ୱ ବିଷୟରେ ରିପୋର୍ଟରେ କୁହାଯାଇଛି ଯେ ରୋହିତ ଶର୍ମାଙ୍କ ପରେ, ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ ତିନୋଟି ଫର୍ମାଟ ପାଇଁ ଭିନ୍ନ ଭିନ୍ନ ଅଧିନାୟକ ବାଛିବ। ଭିନ୍ନ ଅଧିନାୟକ ବାଛିବା ଦୃଷ୍ଟିରୁ, ବିରାଟ କୋହଲି ପୁଣି ଥରେ ଟିମ୍ ଇଣ୍ଡିଆର ଅଧିନାୟକ ହୋଇପାରନ୍ତି। ଏହା ବ୍ୟତୀତ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ମଧ୍ୟ ଦାୟିତ୍ୱ ମିଳିପାରେ।

କହି ରଖୁଛୁ ଯେ ବିସିସିଆଇ ପ୍ରାୟତଃ ତିନୋଟି ଫର୍ମାଟ ପାଇଁ ସମାନ ଅଧିନାୟକ ରଖିବାକୁ ନିଷ୍ପତ୍ତି ନେଇଛି। କିନ୍ତୁ ଏଥର ଭାରତୀୟ ବୋର୍ଡ ଏହାର ପାରମ୍ପରିକ ଢଙ୍ଗ ଅପେକ୍ଷା କିଛି ଭିନ୍ନ ଚିନ୍ତା କରୁଛି। ୨୦୨୪ ଟି-୨୦ ବିଶ୍ୱକପ୍ ପରେ ରୋହିତ ଶର୍ମା ଏହି ଫର୍ମାଟରୁ ଅବସର ନେଇଥିଲେ। ଯାହା ପରେ ବିସିସିଆଇ ସୂର୍ଯ୍ୟକୁମାର ଯାଦବଙ୍କୁ ଟି-୨୦ ଆନ୍ତର୍ଜାତୀୟ ଦଳର ଅଧିନାୟକ ଭାବରେ ନିଯୁକ୍ତ କରିଥିଲା।

ବିସିସିଆଇର ଏକ ସୂତ୍ର କହିଛନ୍ତି, ଭାରତ ଖୁବ୍ ଶୀଘ୍ର ତିନୋଟି ଫର୍ମାଟ୍ ପାଇଁ ତିନି ଜଣ ଅଧିନାୟକ ପାଇବ ଅଧିନାୟକମାନେ କିପରି ପ୍ରଦର୍ଶନ କରନ୍ତି ତାହା ଦେଖିବା ବହୁତ ଆକର୍ଷଣୀୟ ହେବ ।



ବିରାଟ କୋହଲି: ରିପୋର୍ଟରେ କୁହାଯାଇଛି ଯେ ଟିମ୍ ଇଣ୍ଡିଆର ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ଚାହୁଁଛନ୍ତି ଯେ ବିରାଟ କୋହଲି ପୁଣି ଥରେ ଭାରତର ଟେଷ୍ଟ ଦଳର ଦାୟିତ୍ୱ ନିଅନ୍ତୁ। ଆଜିକାଲି କୋହଲି ତାଙ୍କ ଖରାପ ଫର୍ମ ନେଇ ଚର୍ଚ୍ଚାରେ ଅଛନ୍ତି। ତଥାପି, ଏବେ ଦେଖିବା ଆକର୍ଷଣୀୟ ହେବ ଯେ କୋହଲି ପୁଣି ଥରେ ଟିମ୍ ଇଣ୍ଡିଆର ଦାୟିତ୍ୱ ନେଉଛନ୍ତି କି ନାହିଁ।

ହାର୍ଦ୍ଦିକ ପାଣ୍ଡ୍ୟା: ରିପୋର୍ଟରେ କୁହାଯାଇଛି ଯେ ପ୍ରଶିକ୍ଷକ ଗୌତମ ଗମ୍ଭୀର ଚାହୁଁଛନ୍ତି ଯେ ହାର୍ଦ୍ଦିକ ପାଣ୍ଡ୍ୟା ଏକଦିବସୀୟ ଦଳର ଦାୟିତ୍ୱ ନିଅନ୍ତୁ। ରିପୋର୍ଟରେ ଏହା ମଧ୍ୟ କୁହାଯାଇଛି ଯେ ଗୌତମ ଗମ୍ଭୀର ଚାହୁଁଥିଲେ ଯେ ହାର୍ଦ୍ଦିକଙ୍କୁ ଚାମ୍ପିଅନ୍ସ ଟ୍ରଫି ୨୦୨୫ ପାଇଁ ଟିମ୍ ଇଣ୍ଡିଆର ଉପ-ଅଧିନାୟକ କରାଯାଉ, କିନ୍ତୁ ମୁଖ୍ୟ ଚୟନକର୍ତ୍ତା ଏବଂ ପ୍ରଶିକ୍ଷକ ରୋହିତ ଶର୍ମା ଏହାକୁ ପ୍ରତ୍ୟାଖ୍ୟାନ କରିଥିଲେ।

ଟି-୨୦ ଆନ୍ତର୍ଜାତୀୟ: ସୂର୍ଯ୍ୟକୁମାର ଯାଦବ ଟି-୨୦ ଆନ୍ତର୍ଜାତୀୟରେ ଟିମ୍ ଇଣ୍ଡିଆର ନେତୃତ୍ୱ ନେଉଛନ୍ତି। ସୂର୍ଯ୍ୟ ଅଧିନାୟକ ହେବା ପରଠାରୁ ଟିମ୍ ଇଣ୍ଡିଆ ଗୋଟିଏ ବି ଟି-୨୦ ସିରିଜ୍ ହାରିନାହିଁ। ଏପରି ପରିସ୍ଥିତିରେ, ଟି-୨୦ ଅଧିନାୟକ ଭାବରେ ସୂର୍ଯ୍ୟଙ୍କ ଜାରି ରହିବା ନିଶ୍ଚିତ ମନେ ହେଉଛି। ରିପୋର୍ଟରେ ଆହୁରି ମଧ୍ୟ ସୂତ୍ରକୁ ଉଦ୍ଧୃତ କରାଯାଇଛି ଯେ, ଏପରି ପରିବର୍ତ୍ତନ ସିଷ୍ଟମ ପାଇଁ ବହୁତ ନାଜୁକ ହୋଇପାରେ, କିନ୍ତୁ ବୋର୍ଡ ଏଥିପାଇଁ ପ୍ରସ୍ତୁତ।

# ଫ୍ରି ଷ୍ଟାଇଲ୍ ଚେସ୍ ଗ୍ରାଣ୍ଡ ସ୍ଲାମ୍ : ଗୁକେଶଙ୍କ ତିନି ଡ୍ର, ଗୋଟିଏ ପରାଜୟ



ନୂଆଦିଲ୍ଲୀ: ବିଶ୍ୱ ଚାମ୍ପିଅନ ଡି.ଗୁକେଶ ଚେସ୍‌ର ନୂଆ ଫର୍ମାଟ୍ ଫ୍ରିଷ୍ଟାଇଲ୍ ଗ୍ରାଣ୍ଡସ୍ଲାମ୍ ଟୁର୍ଣ୍ଣାମେଣ୍ଟରେ ଚମକପଦ ପ୍ରଦର୍ଶନ ଦେଖାଇବାରେ ବିଫଳ ରହିଛନ୍ତି ।ପ୍ରଥମ ଚାରୋଟି ପର୍ଯ୍ୟାୟରେ ସେ ତିନି ଡ୍ର ଖେଳିଥିବା ବେଳେ ଗୋଟିଏ ମ୍ୟାଚ୍ ହରାଇବାକୁ ପଡ଼ିଛି ଫ୍ରାନ୍ସର ଅଲିରେଜାଙ୍କଠାରୁ ସେ ପରାଜିତ ହୋଇଛନ୍ତି ।।

ଗ୍ରୁପ୍ ଷ୍ଟେଜରେ ଏବେ ୫ଟି ପର୍ଯ୍ୟାୟ ରହିଛି ଏବଂ ପରବର୍ତ୍ତୀ ପର୍ଯ୍ୟାୟକୁ ଯିବା ପାଇଁ ଗୁକେଶଙ୍କୁ ୧୦ ପ୍ରତିଯୋଗୀଙ୍କ ମଧ୍ୟରେ ଶୀର୍ଷ ୮ରେ ସ୍ଥାନରେ ରହିବାକୁ ପଡ଼ିବ ଶୀର୍ଷ ୮ ଖେଳାଳିଙ୍କ ମଧ୍ୟରେ ରହିବାକୁ ହେଲେ ଗୁକେଶଙ୍କୁ ଭଲ ପ୍ରଦର୍ଶନ କରିବାକୁ ପଡ଼ିବ ଫ୍ୟାବିୟାନୋ କାରୁଆନା ଏବଂ ସିନ୍ଦାରୋଭ ୩.୫-୩.୫ ଅଙ୍କ ସହ ଶୀର୍ଷରେ ଅଛନ୍ତି ବିଶ୍ୱର ଏକ ନମ୍ବର ଖେଳାଳି ମାଗନସ୍ କାର୍ଲସନ ଦୁଇଟି ବିଜୟ ଏବଂ ଦୁଇଟି ପରାଜୟ ଦେଖିଛନ୍ତି ।।

ଚେସ୍‌ର ଏହି ନୂଆ ଫର୍ମାଟକୁ ଜର୍ମାନୀର ଉଦ୍ୟୋଗୀ ଜନ୍ ହେନରିକ୍ ବ୍ୟୁଟଲର୍ ଆରମ୍ଭ କରିଛନ୍ତି। ଏହି ଫର୍ମାଟରେ ଗୋଟିଗୁଡ଼ିକୁ ସ୍ଥାୟୀ ପରିବର୍ତ୍ତେ ଭିନ୍ନ ଭିନ୍ନ ପୋଜିସନରେ ରଖାଯାଇଥାଏ ପୂର୍ବତନ ବିଶ୍ୱ ଚେସ୍ ଚାମ୍ପିଅନ ବବି ଫିଶରଙ୍କ ଦ୍ୱାରା ସୃଷ୍ଟି କରାଯାଇଥିବା ୯୬୦ ଚେସ୍‌କୁ ଫ୍ରି ଷ୍ଟାଇଲ୍ ନାଁରେ ମୁଖ୍ୟ ଧାରାରେ ସାମିଲ କରିବା ପାଇଁ ଉଦ୍ୟମ କରାଯାଉଛି ଏଥିରେ ଗୋଟିଗୁଡ଼ିକ ପ୍ରାରମ୍ଭିକ ସ୍ଥିତିକୁ ବଦଳା ଯାଇଥାଏ ପ୍ରତିଯୋଗିତାରେ ମୋଟ ୧୦ ଜଣ ଖେଳାଳି ସର୍ବପ୍ରଥମେ ରାଉଣ୍ଡ ରବିନ୍ ଆଧାରରେ ରାପିଡ୍ ଫର୍ମାଟରେ ମୁକାବିଲା ଖେଳିବେ। ଏହାପରେ ଶୀର୍ଷ ୮ ଖେଳାଳି ପ୍ଲେ ଅଫ୍‌ରେ ପ୍ରବେଶ କରିବେ ସେଠାରୁ ବେଷ୍ଟ ଅଫ୍ ଟୁ ଆଧାରରେ କ୍ଲାସିକଲ୍ ଫର୍ମାଟରେ ମୁକାବିଲା ଖେଳାଯିବ । ଫେବୃଆରୀ ୭-୮ ରାଉଣ୍ଡ ରବିନ୍ ଷ୍ଟେଜ୍, ଫେବୃଆରୀ ୯-୧୦ କ୍ୱାର୍ଟର ଫାଇନାଲ୍, ଫେବୃଆରୀ ୧୧-୧୨ରେ ସେମିଫାଇନାଲ୍ ଏବଂ ପ୍ଲେ ଅଫ୍ ଫେବୃଆରୀ ୧୩-୧୪ରେ ଫାଇନାଲ୍ ମୁକାବିଲା ଖେଳାଯିବ ପ୍ରତିଯୋଗିତାରେ ମୋଟ ୬ ଲକ୍ଷ ୬୦ ହଜାର ଡଲାର ପୁରସ୍କାର ଦିଆଯିବ। ଏଥିରୁ ବିଜେତା ଖେଳାଳିଙ୍କୁ ମୋଟ ୨ ଲକ୍ଷ ଡଲାର ଅର୍ଥାତ ୧ କୋଟି ୭୦ ଲକ୍ଷ ଟଙ୍କା ମିଳିବ ।

## ଶେହବାଜଙ୍କ ବିବାଦୀୟ ବୟାନ

ନୂଆଦିଲ୍ଲୀ/ଇସଲାମାବାଦ, ୯।୨: ଚାମ୍ପିଅନ୍ସ ଟ୍ରଫି ୨୦୨୫କୁ ଆଉ କିଛି ଦିନ ବାକି ଏହାକୁ ନେଇ ସମସ୍ତ ଦଳ ନିଜ ନିଜ ପ୍ରସ୍ତୁତିରେ ବ୍ୟସ୍ତ ଏମିତିରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ସରିଫ ବଡ଼ ବୟାନ ଦେଇଛନ୍ତି। ତାଙ୍କ ଟିମ୍‌ର ପ୍ରକୃତ ଚ୍ୟାଲେଞ୍ଜ କେବଳ ଟାଇଟଲ ଜିତିବା ନୁହେଁ ବରଂ ପଡୋଶୀ ଭାରତକୁ ପରାସ୍ତ କରିବା ବୋଲି ସେ କହିଛନ୍ତି। ଚାମ୍ପିଅନ୍ସ ଟ୍ରଫି ବିବାଦକୁ ନେଇ ଭାରତ ୟୁଏଇରେ ଏହାର ମ୍ୟାଚ୍ ଖେଳିବ ଫେବୃଆରୀ ୨୩ରେ ଦୁବାଇରେ ଭାରତ-ପାକ ପ୍ରତିଦ୍ୱନ୍ଦ୍ୱିତା ହେବ, ଯାହା ଉପରେ ସମସ୍ତଙ୍କ ନଜର ରହିଛି। ଏହାକୁ ନେଇ ଶେହବାଜ କହିଛନ୍ତି, ଆମ ଟିମ୍ ବହୁତ ଭଲ ଏବଂ ସେମାନେ ସାମ୍ପ୍ରତିକ ସମୟରେ ଭଲ ପ୍ରଦର୍ଶନ କରିଛନ୍ତି। କିନ୍ତୁ ବର୍ତ୍ତମାନ କେବଳ ଚାମ୍ପିଅନ୍ସ ଟ୍ରଫି ଜିତିବା ପ୍ରକୃତ ଚ୍ୟାଲେଞ୍ଜ ନୁହେଁ ବରଂ ଦୁବାଇରେ ହେବାକୁ ଥିବା ଆଗାମୀ ମ୍ୟାଚ୍‌ରେ ଆମର ଚିରପ୍ରତିଦ୍ୱନ୍ଦ୍ୱୀ ଭାରତକୁ ପରାସ୍ତ କରିବା ପୂରା ଦେଶ ସେମାନଙ୍କ ପଛରେ ଛିଡ଼ା ହୋଇଛି, ଲାହୋରରେ ନବୀକରଣ ହୋଇଥିବା ଗଦ୍ଦାଫି ଷ୍ଟାଡିୟମର ଉଦ୍‌ଘାଟନ ଉତ୍ସବରେ ଭାଷଣ ଦେଇ ଶୁକ୍ରବାର ସରିଫ ଏଭଳି କହିଛନ୍ତି।

ସରିଫ ଆହୁରି ମଧ୍ୟ କହିଛନ୍ତି, ପାକିସ୍ତାନ ପାଇଁ ଏହା ଏକ ବଡ଼ ସୁଯୋଗ ଯେ ଆମେ ପ୍ରାୟ ୨୯ ବର୍ଷ ପରେ ଏକ ବଡ଼ ଟୁର୍ନାମେଣ୍ଟ ଆୟୋଜନ କରୁଛୁ। ମୋର ପୂର୍ଣ୍ଣ ବିଶ୍ୱାସ ଯେ ଅମେ ଦଳ ଆଗାମୀ ଚାମ୍ପିଅନ୍ସ ଟ୍ରଫିରେ ଦେଶକୁ ଗର୍ବିତ କରିବ। ତେବେ ପ୍ରଥମ ଥର ପାଇଁ ପାକିସ୍ତାନ ଚାମ୍ପିଅନ୍ସ ଟ୍ରଫି ଆୟୋଜନ କରୁଛି। ଏହା ୧୯୯୬ ପରେ ପାକିସ୍ତାନରେ ଖେଳାଯାଉଥିବା ପ୍ରଥମ ଟୁର୍ନାମେଣ୍ଟ ସୁରକ୍ଷା କାରଣ ଦର୍ଶାଇ ବିସିସିଆଇ ଭାରତ ପାକିସ୍ତାନ ଯିବ ନାହିଁ ବୋଲି ମନା କରିଦେଇଥିଲା। ଅନ୍ତର୍ଜାତୀୟ କ୍ରିକେଟ ପରିଷଦ ସହିତ ସପ୍ତାହେ ଧରି ବିଚାର-ବିମର୍ଶ କରିବା ପରେ, ବିସିସିଆଇ ଏବଂ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଏକ ହାଇବ୍ରିଡ ମଡେଲ ଉପରେ ରାଜି ହୋଇଥିଲେ ଏଣୁ ଭାରତ ଏହାର ମ୍ୟାଚ ୟୁଏଇରେ ଖେଳିବ।

# ଜିଲ୍ଲା ପ୍ରଶାସନକୁ ହରାଇ ସାମ୍ବାଦିକ ଏକାଦଶ ବିଜୟୀ

କେନ୍ଦ୍ରାପଡ଼ା,୯।୨: କେନ୍ଦ୍ରାପଡ଼ା ପୌରପାଳିକା ଓ କେନ୍ଦ୍ରାପଡ଼ା ସାମ୍ବାଦିକ ମିଳିତ ଆନୁକୂଲ୍ୟରେ ବନ୍ଧୁତାପୂର୍ଣ୍ଣ ଏକ ଦିବସିୟ ଟେନିସ ବଲ ଟୁର୍ନାମେଣ୍ଟ କେନ୍ଦ୍ରାପଡ଼ା ଟାଉନ ହାଇସ୍କୁଲ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟ ରେ ଚାରିଟି ଦଳ ଅଂଶଗ୍ରହଣ କରିଥିଲେ, ସାମ୍ବାଦିକ ଏକାଦଶ, କାଉଁସିଲର ଏକାଦଶ, ଓକିଲ ଏକାଦଶ ଏବଂ ଜିଲ୍ଲା ପ୍ରଶାସନ ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସାମ୍ବାଦିକ ଏକାଦଶ ଏବଂ କାଉଁସିଲର ଏକାଦଶ ମଧ୍ୟରେ ପ୍ରଥମ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିବା ବେଳେ ସାମ୍ବାଦିକ ଏକାଦଶ ବାଜିମାତ କରି ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଥିଲା।



ଅନ୍ୟ ମ୍ୟାଚ ରେ ଜିଲ୍ଲା ପ୍ରଶାସନ ଆଇନଜୀବୀ ଏକାଦଶ କୁ ପରାସ୍ତ କରି ଫାଇନାଲ ସାମ୍ବାଦିକ ଏକାଦଶ ସହିତ ଖେଳିଥିଲେ। ଫାଇନାଲ ମ୍ୟାଚ ରେ ସାମ୍ବାଦିକ ଏକାଦଶ ଜିଲ୍ଲା ପ୍ରଶାସନକୁ ହରାଇ ଫାଇନାଲ ମ୍ୟାଚରେ ବିଜୟ ହୋଇଥିଲା। ଏହି ମ୍ୟାଚ ରେ ସାମ୍ବାଦିକ ଅଲେଖ ନାୟକ ମ୍ୟାନ ଅଫ ଦି ମ୍ୟାଚ ହୋଇଥିବାବେଳେ ବେଷ୍ଟ ଇମିଙ୍ଗ୍ସ ଭାବରେ ଗଗନ ପ୍ରଧାନ ବିବେଚିତ କରାଯାଇଥିଲା। ବେଷ୍ଟ ଫିଲ୍ଡର ଭାବରେ ତ୍ରିଲୋଚନ ବେହେରା ଙ୍କୁ ବିବେଚିତ କରିଥିବା ବେଳେ ଜିଲ୍ଲା ପ୍ରଶାସନ ର ଉଲ୍ଲାସ ଙ୍କୁ ବେଷ୍ଟ ବ୍ୟାଟ୍ସମ୍ୟାନ ବିବେଚିତ କରାଯାଇଥିଲା। ପରାଜିତ ଟିମ ର ଅଧିନାୟକ ଦିବ୍ୟ ଟ୍ରଫି ଗ୍ରହଣ କରିଥିବାବେଳେ ବିଜୟୀ ଅଧିନାୟକ ଭାବେ ସାମ୍ବାଦିକ ବଳରାମ ବେହେରା ଟ୍ରଫି ଉଠାଇ ଥିଲେ। ଏହି ବନ୍ଧୁତାପୂର୍ଣ୍ଣ କ୍ରିକେଟ ମ୍ୟାଚରେ କେନ୍ଦ୍ରାପଡ଼ା ପୌରପାଳିକା ଚେୟାରମ୍ୟାନ ଙ୍କ ପ୍ରତିନିଧି ତଥା ଯୁବ ସମାଜସେବୀ ରଞ୍ଜିତ କୁମାର ସାହୁ,ହିବିଜୁ ରେହେମାନ, ସେକ ଇମ୍ରାନ,ସେକ ଆସଲମ ସେକ ଚାନ୍ଦ, ସେକ ନସିମୁଦ୍ଦିନ, ଉମେଶ ନାୟକ, ସୁକୁମାରଚୌଧୁରୀ, ନିରାକାର ସ୍ୱାଇଁ, ଆକାଶ ବେହେରା, ଅଭୟ ଭାଇ,ପ୍ରଭାଶିଷ ପଣ୍ଡା,ବାବୁନି ଭାଇ , ହିରଣ୍ୟ ପଣ୍ଡା, ଧୃଷ୍ଟୁ ସିଂହ ପ୍ରମୁଖ କାଉଁସିଲର ମାନେ ସମ୍ପୂର୍ଣ୍ଣ ଭାବେ ସହଯୋଗ କରିଥିଲେ।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ